

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



ବର୍ଷ- ୧୧ ସଂଖ୍ୟା-୨୩୬ ଭୁବନେଶ୍ୱର ଶନିବାର, ମଇ ୧୭.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.236 Bhubaneswar, Saturday, May 17, 2025


## କାଳ ସାଜିଲା କାଳବୈଶାଖୀ

### ବଜ୍ରାଘାତରେ ରାଜ୍ୟରେ ୬ ମୃତ, ଅନେକ ଆହତ



ଭୁବନେଶ୍ୱର,୧୬/୫: କାଳ ସାଜିଲା ବଜ୍ରପାତ । ଗୋଟିଏ ପଟେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ନେଇ ଆଲର୍ଟ ଜାରି ହୋଇଥିବାବେଳେ ଅନ୍ୟପଟେ ତାଣ୍ଡବ ରଚିଲାଣି ବଜ୍ରପାତ । ରାଜ୍ୟର ବିଭିନ୍ନ ସ୍ଥାନରେ ଶୁକ୍ରବାର ବଜ୍ରାଘାତରେ ୬ ଜଣଙ୍କ ମୃତ୍ୟୁ ହୋଇଛି । ସୂଚନା ଅନୁଯାୟୀ,କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଅଞ୍ଚଳର ପର୍ଡିଗୁଡ଼ା ଗାଁରେ କାଳ ସାଜିଲା କାଳବୈଶାଖୀ । ବଜ୍ରାଘାତରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ନେଇ ସୂଚନା ରହିଛି । ଜେଜେମା, ନାତୁଣୀ ସହ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ବିଲରେ କାମ କରୁଥିବା ସମୟରେ ହଠାତ୍ ବଜ୍ରପାତ କାରଣରୁ ଏପରି ଅଘଟଣ ଘଟିଯାଇଛି । ଗଞ୍ଜାମରେ ୨ଜଣ ଓ ଗଜପତିରେ ଜଣଙ୍କର ବଜ୍ରାଘାତରେ ମୃତ୍ୟୁ ହୋଇଥିବା ଜଣାପଡିଛି । ଆଜି ଅପରାହ୍ନରେ ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ସହ ବର୍ଷା ହୋଇଯାଇଛି । କୋରାପୁଟ ଲକ୍ଷ୍ମୀପୁରରେ ଜେଜେ ମା', ନାତୁଣୀ ଓ ଅନ୍ୟଜଣେ ମହିଳାଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି । ଅନ୍ୟପକ୍ଷରେ ଓଡ଼ିଆପେଣ୍ଠ ପଞ୍ଚାୟତ ଅନ୍ତର୍ଗତ ପର୍ଡିଗୁଡ଼ା ଗାଁରେ ୩ ଜଣଙ୍କ ମୃତ୍ୟୁ ହୋଇଛି । ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବେଲଗୁଣ୍ଠା କେବିରିବରପୁରରେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ବେଳେ, ପୋଲସରା କବିସୂର୍ଯ୍ୟନଗର କେ. ବରିଡ଼ା ଗ୍ରାମରେ ଜଣେ ନାବାଳକ ଓ ଗଜପତି ଜିଲ୍ଲା ମୋହନା ଆର. ଉଦୟଗିରି କାନକଟାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି ।

## ତାଣ୍ଡବ ରଚିବ କାଳବୈଶାଖୀ

### ୭ ଜିଲ୍ଲାକୁ ୨ ଘଣ୍ଟିଆ ରେଡ୍ ଆଲର୍ଟ

ଭୁବନେଶ୍ୱର, ୧୬/୫: ଟ୍ୱିନ ସିଟିକୁ ବଡ଼ ବିପଦ । ଭୁବନେଶ୍ୱର ଓ କଟକକୁ ଆଗାମୀ କେଇ ଘଣ୍ଟା ଭିତରେ କାଳବୈଶାଖୀ ବର୍ଷା ନେଇ ଆଲର୍ଟ ଜାରି ହୋଇଛି । ବିଜୁଳି ଓ ଘଡଘଡି ସହ ପ୍ରବଳ ବର୍ଷା ନେଇ ଆଲର୍ଟ କରିଛି ପାଣିପାଗ ବିଭାଗ । ୭ ଜିଲ୍ଲାକୁ ୨ ଘଣ୍ଟିଆ ରେଡ୍ ଆଲର୍ଟ ଜାରି କରିଛି ପାଣିପାଗ କେନ୍ଦ୍ର । ଏହି ୭ ଜିଲ୍ଲା ହେଉଛି- କୋରାପୁଟ, କଟକ, ଖୋର୍ଦ୍ଧା, ନୟାଗଡ଼, ଯାଜପୁର, ବାଲେଶ୍ୱର ଓ ଗଞ୍ଜାମ । ଏହି ସବୁ ଜିଲ୍ଲାରେ ଆସନ୍ତା ୨ ଘଣ୍ଟାରେ ୬୦ରୁ ୭୦ କିମି ପବନ ସହ ବର୍ଷା ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ସେହିପରି ରାଜ୍ୟର ୧୧ ଜିଲ୍ଲାକୁ କାଳବୈଶାଖୀ ବର୍ଷା ସମ୍ଭାବନା ନେଇ ସତର୍କ କରିଛି ପାଣିପାଗ ବିଭାଗ । ଜିଲ୍ଲାଗୁଡିକ ହେଉଛି ଗଂଜାମ, ଗଜପତି, ଖୋର୍ଦ୍ଧା, ନୟାଗଡ, କଟକ, ଯାଜପୁର, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ ଏବଂ ରାୟଗଡ଼ା । କାଳବୈଶାଖୀ ପ୍ରଭାବରେ ଏହି ଜିଲ୍ଲା ଗୁଡିକରେ ବିଜୁଳି ଘଡଘଡି ସହ ପ୍ରବଳ ବର୍ଷା ନେଇ ଆଲର୍ଟ କରାଯାଇଛି ।

## ଜୁନ୍‌ରେ ଓଡ଼ିଶା ଆସିବେ ମୋଦି



ଭୁବନେଶ୍ୱର,୧୬/୫: ଆସନ୍ତା ମାସରେ ଓଡ଼ିଶା ଆସିପାରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ରାଜ୍ୟରେ ବିଜେପି ସରକାରର ବର୍ଷ ପୂର୍ତ୍ତି ସମାରୋହରେ ଯୋଗଦେବାକୁ ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ଗୃହମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରୀମଣ୍ଡଳର ଅନ୍ୟ ସଦସ୍ୟ ଓଡ଼ିଶା ଆସିପାରନ୍ତି ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗରେ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବର୍ଷ ପୂର୍ତ୍ତିକୁ ଉତ୍ସବ ବଦଳରେ ଉତ୍ତରଦାୟୀ କାର୍ଯ୍ୟକ୍ରମ ଭାବେ ପାଳନ କରିବେ ରାଜ୍ୟ ସରକାର । ଜୁନ ୧୨ରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ଏହି କାର୍ଯ୍ୟକ୍ରମ । ରିପୋର୍ଟ କାର୍ଡ ଧରି ରାଜ୍ୟର ଏକ କୋଟି ପରିବାରଙ୍କ ପାଖରେ ପହଞ୍ଚିବେ ସରକାର । ୨୦୨୪ ନିର୍ବାଚନ ବେଳେ ବିଜେପି ଦେଇଥିବା ୨୧ଟି ପ୍ରତିଶ୍ରୁତିରୁ ବର୍ଷକ ମଧ୍ୟରେ ୧୧ଟି ପୂରଣ ସରିଲାଣି । ଆଗାମୀ ଏକ ବର୍ଷ ମଧ୍ୟରେ ବଳକା ୧୦ଟି ପ୍ରତିଶ୍ରୁତି ପୂରଣ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

# ଓଡ଼ିଶାରେ ହେବ ଆଇରନ୍ ପିଲେଟ୍ ପ୍ଲାଣ୍ଟ ପ୍ରତିଷ୍ଠା

## 'ରାଜ୍ୟକୁ ଅର୍ଥନୈତିକସ୍ତରରେ ସମୃଦ୍ଧ କରିବାରେ 'ଓଏମ୍‌ସି'ର ଅବଦାନ ରହିଛି'

ଭୁବନେଶ୍ୱର,୧୬/୫: ଭାରତ ବର୍ଷରେ ଖଣିଜ ସମ୍ପଦ ପରିପୂର୍ଣ୍ଣ ଭାବେ ଓଡ଼ିଶା ହେଉଛି ଏକ ଅଗ୍ରଣୀ ରାଜ୍ୟ । ଦେଶର ସର୍ବୋମୋଟ୍ ଖଣିଜ ସମ୍ପଦର ୪୧.୯ ପ୍ରତିଶତରୁ ଅଧିକ ଖଣିଜ ସମ୍ପଦ ଓଡ଼ିଶାରେ ମହଜୁଦ୍ ଅଛି । ଓଡ଼ିଶା ଖଣି ନିଗମ (ଓଏମ୍‌ସି) ୬୦ ବର୍ଷରୁ ଅଧିକ ସମୟ ଧରି ପ୍ରକୃତି କୋଳରୁ ଖଣିଜ ସମ୍ପଦ ଅନ୍ୱେଷଣ ଓ ଖଣି ଖନନ କାର୍ଯ୍ୟ ଦାୟିତ୍ୱପୂର୍ଣ୍ଣ ଭାବେ କରିଆସୁଛି । ରାଜ୍ୟକୁ ଅର୍ଥନୈତିକସ୍ତରରେ ସମୃଦ୍ଧ କରିବା ପାଇଁ ଓଏମ୍‌ସିର ବଳିଷ୍ଠ ଅବଦାନ ରହିଛି । ଓଏମ୍‌ସିର ୭୦ତମ ପ୍ରତିଷ୍ଠା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ସମାରୋହରେ ଯୋଗଦେଇ ମୁଖ୍ୟ ଅତିଥି ଶ୍ରୀ ମାଝୀ କହିଥିଲେ ଯେ, ୬୦ ଦଶକରେ ମାତ୍ର ୧କୋଟି ଟଙ୍କାର ଆର୍ଥିକ କାରବାର ସହିତ ଓଏମ୍‌ସି ନିଜର ଯାତ୍ରା ଆରମ୍ଭ କରି ୨୦୨୪-୨୫ ଆର୍ଥିକ ବର୍ଷରେ ୨୩,୬୦୦ କୋଟି ଟଙ୍କାର ଆର୍ଥିକ କାରବାର କରିଛି । ଏହି କାରବାର କେବଳ ଖଣିଜ ପଦାର୍ଥ ଉତ୍ପାଦନ ଓ ବିକ୍ରୟ ମାଧ୍ୟମରେ ହୋଇଛି । ଆଜି ଓଏମ୍‌ସି ଦେଶରେ ଖଣିଜ ଉତ୍ପାଦନକାରୀ କମ୍ପାନି ମଧ୍ୟରେ ଶ୍ରେଷ୍ଠ ୫ମ ସ୍ଥାନରେ ରହିଛି । ଓଏମ୍‌ସି କେବଳ ଆମ ରାଜ୍ୟରେ ନୁହେଁ ବରଂ ସାରା ଦେଶରେ ନିଜକୁ ଏକ ଆଦର୍ଶ ଲାଭକାରୀ ସଂସ୍ଥା ଭାବରେ ପ୍ରତିଷ୍ଠିତ କରିପାରିଛି । ଓଡିଶା ବିକାଶର ସାରଥୀ ଓ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ । କେବଳ କୃଷି ଉପରେ ନିର୍ଭର କରି ଚାଲିଲେ ଆମେ ଆଗକୁ ବଢ଼ି ପାରିବା ନାହିଁ । ଆମ ରାଜ୍ୟରେ ଏଥିରେ ପରିବର୍ତ୍ତନ ଆଣିବା ପାଇଁ ଅନେକ ସୁଯୋଗ ରହିଛି । ଆମ ସରକାରଙ୍କ ଲକ୍ଷ୍ୟ ହେଉଛି ଓଡିଶାକୁ ଏକ ମିଶ୍ରିତ ଅର୍ଥନୀତି ଭାବେ ଗଢିତୋଳିବା ପାଇଁ । ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ଆମକୁ ଉତ୍ପାଦନ କ୍ଷେତ୍ରରେ ଅଧିକ ଧ୍ୟାନ ଆକର୍ଷଣ କରିବାକୁ ପଡ଼ିବ । ଏଥି ପାଇଁ ଆବଶ୍ୟକ କଞ୍ଚାମାଲ ଆମ ରାଜ୍ୟରେ ପ୍ରଚୁର ଭାବେ ଭରପୁର ଅଛି । ପୂର୍ବ ସରକାରଗୁଡ଼ିକ ରାଜ୍ୟର ଏହି Industrialization Potentialକୁ ଉପଯୋଗ କରିବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିଲେ । କିନ୍ତୁ ଆମ ସରକାର ଏହାର ବିପରୀତ ନୀତି ଆପଣେଇଛନ୍ତି । ରାଜ୍ୟର ଖଣିଜ ଦ୍ରବ୍ୟରେ




ଭ୍ୟାଲୁ ଆଡିସନ କରି ବିକ୍ରୟ କରାଯିବା ନୀତି ଆପଣେଇଛନ୍ତି । ଉଦ୍ୟୋଗୀକରଣ ମାଧ୍ୟମରେ ଦ୍ରୁତ ଶିଳ୍ପାୟନ ପାଇଁ ଆମେ ଶପଥ ନେଇଛୁ ବୋଲି ସେ କହିଥିଲେ । ରାଜ୍ୟରେ ଶିଳ୍ପ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ପାଇଁ ଓଡିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗର ଇ-ନିଲାମ୍ ପ୍ଲାଟଫର୍ମ ମାଧ୍ୟମରେ ଲଙ୍ଗ-ଟର୍ମ ଲିଙ୍କେଜ୍ ପଲିସି ଦ୍ୱାରା ରାଜ୍ୟରେ ପ୍ରତିଷ୍ଠିତ ଶିଳ୍ପ ଗୁଡିକୁ ୮୦ ପ୍ରତିଶତରୁ ଅଧିକ କଞ୍ଚାମାଲ ଉପଲବ୍ଧ କରାଯାଇ ପାରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଆମ ବିକାଶର ମୂଳ ସୂତ୍ରଧର ହେଉଛନ୍ତି ଆମ ଶ୍ରମିକ ଭାଇ ଓ ଭଉଣୀମାନେ । ଶ୍ରମିକ ସଶକ୍ତ ହେଲେ ଓଡ଼ିଶା ସଶକ୍ତ ହେବ । ଶ୍ରମଦାନ କରି ଓଡିଶାକୁ ସଶକ୍ତ, ସମୃଦ୍ଧ କରୁଥିବାରୁ ଶ୍ରମିକ ଭାଇ ଭଉଣୀମାନଙ୍କୁ ସେ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ଷେତ୍ରରେ ମେସିନ୍ ସହିତ ଅଧିକ ଶ୍ରମଶକ୍ତି ନିୟୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱଦେଇଥିଲେ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଓଏମ୍‌ସି ତାର ସାମାଜିକ ଉତ୍ତରଦାୟିତ୍ୱ କାର୍ଯ୍ୟକ୍ରମ ଜରିଆରେ ପ୍ରଶଂସନୀୟ କାମ କରୁଛି । ପରିବେଶ ସୁରକ୍ଷା ପାଇଁ ୯୦ ଲକ୍ଷରୁ ଊର୍ଦ୍ଧ୍ୱ ବୃକ୍ଷ ରୋପଣ କରିବାରେ ସଫଳ ହୋଇଛି । ଆଗାମୀ ଦିନରେ ଶିଳ୍ପାୟନକୁ ଦୃଷ୍ଟିରେ ରଖି ଆହୁରି ଅଧିକ ବୃକ୍ଷ ରୋପଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ପରିବେଶ ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଓ କ୍ରୀଡ଼ାର ବିକାଶ ପାଇଁ ମଧ୍ୟ ଉଦ୍ୟମରତ ଅଛି । ଖଣି ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ସବୁ କ୍ଷେତ୍ର ପାଇଁ ସିଏସ୍‌ଆର ଜରିଆରେ ଅଧିକ ବିନିଯୋଗ କରି ଲୋକଙ୍କୁ ଅଧିକ ସେବା ଯୋଗାଇଦେବା ପାଇଁ ସେ କହିଥିଲେ । ଏଥି ସହିତ ଖଣି ଅଞ୍ଚଳରେ ଆଇରନ୍ ପିଲେଟ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ ।

## '୨୩ ମିନିଟରେ ତାଣ୍ଡବ ରଚିଦେଲେ ଆମ ବାୟୁବୀର'

ଗାନ୍ଧୀନଗର,୧୬/୫: ଭୁଜ ଏୟାରବେସରେ ରାଜନାଥ ସିଂହ । ଗୁଜୁରାଟ ସ୍ଥିତ ଭୁଜ ଏୟାରବେସରେ ବାୟୁବୀରଙ୍କ ସହ ଆଲୋଚନା କଲେ ପ୍ରତିରକ୍ଷା ମନ୍ତ୍ରୀ । ଅପରେସନ ସିନ୍ଦୂର ପରେ ବୀରଙ୍କ ସଫଳତା ଓ ସାହସକୁ କଲେ ପ୍ରଶଂସା । ଭୁଜ ଏୟାରବେସ୍ ପାକିସ୍ତାନ ବିପକ୍ଷରେ ବିଜୟ ପାଇଁ ସବୁବେଳେ ମୁକସାକ୍ଷୀ ହୋଇ ରହିଛି । ଆମ ବାୟୁବୀରମାନେ ଅପରେସନ ସିନ୍ଦୂର ଜରିଆରେ ସାରା ଦେଶବାସୀଙ୍କୁ ଗର୍ବିତ କରିଛନ୍ତି । ବାୟୁସେନାର ବୀରମାନେ ମାତ୍ର ୨୩ ମିନିଟରେ ପାକିସ୍ତାନରେ ପଶି ଆତଙ୍କୀ ଠିକଣାରେ ତାଣ୍ଡବ ରଚିଛନ୍ତି । ପାକିସ୍ତାନରେ ଆତଙ୍କୀଙ୍କୁ ନିପାତ କରିବାକୁ ଭାରତ କେବଳ ଜଳଖିଆ ଖାଇବାର ସମୟ



ନେଇଥିଲା । ତେବେ ଆଜି ବି ଭୁଜ ଏୟାରବେସରୁ ପାକିସ୍ତାନକୁ ପୁଣି ଟାର୍ଗେଟ୍ କଲେ ରାଜନାଥ । କହିଲେ କଥାରେ ଅଛି ଦିନରେ ତାରା ଦେଖିବା... ହେଲେ ଭାରତ ବ୍ରହ୍ମୋସ୍ ମିସାଇଲ୍ ମାଡ କରି ପାକିସ୍ତାନକୁ ରାତିର ଅନ୍ଧାରରେ ଦିନର ଚମକ ଦେଖାଇଦେଲା । ଏବେ ସାରା ବିଶ୍ୱରେ ବ୍ରହ୍ମୋସର ଚାହିଦା, ବ୍ରହ୍ମୋସର ଚର୍ଚ୍ଚା । ପାକିସ୍ତାନ ତ ବ୍ରହ୍ମୋସର ଶକ୍ତି ଦେଖି ଛାନିଆ । ବାୟୁବୀରଙ୍କୁ ପ୍ରଶଂସା କରିବାକୁ ଯାଇ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଯେ ଲୋକମାନେ ନାସ୍ତା ଖାଇବା ପାଇଁ ଯେତିକି ସମୟ ନିଅନ୍ତି, ସେତିକି ସମୟରେ ଆପଣମାନେ ଶତ୍ରୁଙ୍କ ସହ ମୁକାବିଲା କରିଥିଲେ । ଆପଣ ଶତ୍ରୁ ଦେଶକୁ ଯାଇ ମିସାଇଲ୍ ମାଡ କରିଥିଲେ । ଏହାର ପ୍ରତିଧ୍ୱନି କେବଳ ଭାରତର ସୀମା ଯାଏଁ ସୀମିତ ରହିଲା ନାହିଁ ବରଂ ସମଗ୍ର ବିଶ୍ୱ ଏହା ଶୁଣିଲା । ସେହି ପ୍ରତିଧ୍ୱନି କେବଳ କ୍ଷେପଣାସ୍ତ୍ରର ନୁହେଁ ବରଂ ଆପଣଙ୍କର ବୀରତ୍ୱ ଏବଂ ଭାରତୀୟ ସଶସ୍ତ୍ର ବାହିନୀର ଯବାନମାନଙ୍କ ସାହସର ଥିଲା ବୋଲି ରାଜନାଥ କହିଛନ୍ତି ।

## ଚାକିରି ନାଁରେ ୬୦ ଲକ୍ଷ ଚଳୁ

ଭୁବନେଶ୍ୱର,୧୬/୫: ରାଜ୍ୟରେ ବେକାରୀ ସଂଖ୍ୟା ବଢୁଥିବାବେଳେ ମାତିଛନ୍ତି ଦଲାଲ । ସରକାରୀ ଚାକିରି ନାଁରେ ଆଶାୟୀଙ୍କ ଠାରୁ ଚଳୁ କରୁଛନ୍ତି ପୁଳା ପୁଳା ଟଙ୍କା । ମଲ୍ଟି ନ୍ୟାସନାଲ କମ୍ପାନୀରେ ବି ଚାକିରି କରାଇଦେବାକୁ କହି ଲକ୍ଷାଧିକ ଟଙ୍କା ଚଳୁ କରିଛନ୍ତି ଜଣେ କରିତକର୍ମା । ଏହିପରି ଭାବେ ୫ ଜଣଙ୍କଠାରୁ ୬୦ ଲକ୍ଷ ଟଙ୍କା ଠକେଇ ହୋଇଛି । ଏମାନଙ୍କଠାରୁ ଟଙ୍କା ଠକିନେଇଥିବା ଶୋଭନ ରଞ୍ଜନ ବେହେରାକୁ ଗିରଫ କରିଛି ନୟାପଲ୍ଲୀ ଥାନା ପୋଲିସ । ଆଇଆରସି ଭିଲେଜରେ ସଂଯୋଗ କନ୍‌ସଲଟାନ୍ସି ନାମରେ ଏକ ଅଫିସ ଖୋଲି ଗତ କିଛି ବର୍ଷ ହେଲା ଚାକିରି ନାଁରେ ଆଶାୟୀଙ୍କୁ ଠକି ଆସୁଥିଲେ ଶୋଭନ । କମ୍ପିଟେଟିଭ ପରୀକ୍ଷା ଦେଉଥିବା ବୌଦ୍ଧ ଜିଲ୍ଲାର ଦେବବ୍ରତ କର୍ଣ୍ଣଙ୍କୁ ଷ୍ଟେଟ ବ୍ୟାଙ୍କରେ ଚାକିରି ଦେବାକୁ କହି ୬ ଲକ୍ଷ ଟଙ୍କା ନେଇଯାଇଥିଲେ । ଦେବବ୍ରତଙ୍କ ଭଳି ୫ ଜଣଙ୍କଠାରୁ ପାଖାପାଖି ୬୦ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏମସିଏ ପାଠ ପଢିଥିବା ଶୋଭନ କୋଲକାତା, ଦିଲ୍ଲୀ ଓ ହାଇଦ୍ରାବାଦରେ ମଧ୍ୟ ଅଫିସ ଖୋଲିଥିଲା । ସୂଚନା ଅନୁସାରେ, ଗତ ମାସ ୨୧ ତାରିଖରେ ମାଷ୍ଟରକ୍ୟାଣ୍ଟିନ ଛକରେ ଥିବା ହୋଟେଲରେ ମଧ୍ୟ ସମାନ ଢଙ୍ଗରେ ଡିଲ୍ ହୋଇଥିଲା । ଇସ୍ରାଏଲରେ ଚାକିରି ଦେବାକୁ କହି ଜଣଙ୍କ ପିଛା ୨ ଲକ୍ଷ ଟଙ୍କା ଲେଖାଏଁ ଆଦାୟ କରୁଥିବାବେଳେ ମାଡିବସିଥିଲା ଖାରବେଳନଗର ଥାନା ପୋଲିସ ।

## ରାଜ୍ୟ ଜାତୀୟ ରାଜପଥର ସ୍ଥିତି ପରଖିଲେ ମନ୍ତ୍ରୀ

# ନିର୍ମାଣ କାର୍ଯ୍ୟକୁ ତ୍ୱରିତ ବେଗରେ ଆଗେଇ ନେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୬/୫: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓ ସଡ଼କ ପରିବହନ ମନ୍ତ୍ରୀ ଶ୍ରୀ ନିତିନ ଗଡ଼କରୀଙ୍କର ଓଡ଼ିଶା ପ୍ରତି ଥିବା ପ୍ରତିବଦ୍ଧତାର ନିଦର୍ଶନ ସ୍ୱରୂପ କେନ୍ଦ୍ର ସରକାରଙ୍କଠାରୁ ଓଡ଼ିଶାରେ ରାଜପଥ ବିକାଶ ପାଇଁ ଚଳିତ ବର୍ଷ ପ୍ରାୟ ୧୪ ହଜାର କୋଟି ଟଙ୍କାର ପ୍ରତିଶ୍ରୁତି ମିଳିଛି । ଏହା ଏକ ସର୍ବକାଳୀନ ରେକର୍ଡ ଏବଂ ଏହା ଦ୍ୱାରା ଓଡ଼ିଶାରେ ରାଜପଥର ପ୍ରଭୂତ ବିକାଶ ହୋଇପାରିବ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ଆଜି ଦ୍ରୁତ ପ୍ରଗତି ପଥରେ ଆଗକୁ ଅଗ୍ରସର ହେଉଛି । ଏଥିସହିତ ବିକଶିତ ଓଡ଼ିଶା ୨୦୩୬ ଲକ୍ଷ୍ୟ ନେଇ ରାଜ୍ୟ ସରକାର ପ୍ରତିଟି ଭିତ୍ତିଭୂମିକୁ ସୁଦୃଢ଼ କରିବା କ୍ଷେତ୍ରରେ ପ୍ରୟାସ ଆରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଯେକୌଣସି ଅଞ୍ଚଳର ବିକାଶ ପାଇଁ ସୁଦୃଢ଼ ସଡ଼କ ଯୋଗାଯୋଗ ବ୍ୟବସ୍ଥା ଅତ୍ୟନ୍ତ ଜରୁରୀ । ତେଣୁ ଏହି ସୁଯୋଗର ସଦୁପଯୋଗ କରି ରାଜ୍ୟରେ ଏକ ସର୍ବଶ୍ରେଷ୍ଠ ତଥା ସୁଦୃଢ଼ ରୋଡ ନେଟ୍‌ୱାର୍କ ପ୍ରସ୍ତୁତ ଉପରେ ଗୁରୁତ୍ୱ ଦେବାକୁ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ସ୍ଥାନୀୟ ନିର୍ମାଣ ସୌଧସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭିନ୍ନ ଜାତୀୟ ରାଜପଥର ପ୍ରଶସ୍ତିକରଣ, ଜମି ଅଧିଗ୍ରହଣ ସମସ୍ୟାର ସମାଧାନ, ଫରେଷ୍ଟ କ୍ଲିୟରାନ୍ସ, ନିରନ୍ତର ଫ୍ଲାଏ ଆସ୍




ଯୋଗାଣ, ହାଇଲେବଲ ବ୍ରିଜ୍ ଓ ରେଲୱେ ଓଭର ବ୍ରିଜ୍ ନିର୍ମାଣ ଏବଂ ଡିସ୍‌କମଜନିତ ସମସ୍ୟା ସମାଧାନ ସହିତ ତ୍ୱରିତ ବେଗରେ କାର୍ଯ୍ୟ ଆଗେଇ ନେବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ନେଇ ବରିଷ୍ଠ ଅଧିକାରୀ ଏବଂ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମୁଖ୍ୟଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରିଥିଲେ । ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂହ ଯୋଗଦେଇ ଖୋର୍ଦ୍ଧା ସହର ବାଇପାସ୍ ରାସ୍ତା, କଳିଙ୍ଗଘାଟ ରାସ୍ତାର ପ୍ରଶସ୍ତିକରଣ, ଖରିଆର ରୋଡ ୪ ଲେନ୍ ବିଶିଷ୍ଟ ରେଲ୍‌ୱେ ଓଭର ବ୍ରିଜ୍, କୋରାପୁଟ ଜିଲ୍ଲା ପାତ୍ରପୁଟଠାରେ କୋଲାବ ନଦୀ ଉପରେ ହାଇଲେବୁଲ ସେତୁ ନିର୍ମାଣ, ପୁରୀ-କୋଣାର୍କ ରାସ୍ତାର ମାଟିଆପଡ଼ାଠାରେ ଥିବା ରେଲ୍‌ୱେ ଓଭର ବ୍ରିଜ୍, ନୟାଗଡ଼ ଟାଉନ୍ ବାଇପାସ୍ ରୋଡ଼, ଜୟପୁର ବାଇପାସ୍ ରାସ୍ତା, କନ୍ଦରପୁର-ବାଲିକୁଦା ରାସ୍ତାର ପ୍ରଶସ୍ତିକରଣ, କୋଟପାଡ଼ ବାଇପାସ୍ ରାସ୍ତା ନିର୍ମାଣ, ବଲାଙ୍ଗିର ବାଇପାସ୍ ରାସ୍ତା, ଏନ୍‌ଏଚ୍-୨୨୦ରେ ବୈତରଣୀ ନଦୀରେ ହାଇଲେବୁଲ ସେତୁ ନିର୍ମାଣ, ଝାରସୁଗୁଡ଼ା ବାଇପାସ୍ ରାସ୍ତା ନିର୍ମାଣ ଆଦି ବିଭିନ୍ନ ରାସ୍ତା ଓ ସେତୁର ନିର୍ମାଣର ବର୍ତ୍ତମାନ ସ୍ଥିତି ବିଷୟରେ ଅଧିକାରୀମାନଙ୍କଠାରୁ ବୁଝିଥିଲେ । ବିଭିନ୍ନ ନିର୍ମାଣ କାର୍ଯ୍ୟକୁ କିଭଳି ତ୍ୱରାନ୍ୱିତ କରିହେବ ସେଥିନେଇ ଶ୍ରୀ ସିଂହ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସହ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କୁ ଅବଗତ କରାଇଥିଲେ । ଏଥିସହିତ ଅଧିକାରୀମାନେ ନିୟମିତ ଭାବେ କ୍ଷେତ୍ରକୁ ଯାଇ ଜିଲ୍ଲାପାଳ, ସ୍ଥାନୀୟ ତହସିଲଦାର ଓ ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରି ନିର୍ମାଣ କାର୍ଯ୍ୟକୁ ଆଗେଇ ନେବା ପାଇଁ ସେ ପରାମର୍ଶ ଦେଇଥିଲେ । ଏହି ବୈଠକରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ, ଓଡ଼ିଶାର ଆଞ୍ଚଳିକ ଅଧିକାରୀ ଶ୍ରୀ ସୁନିଲ କୁମାର ମିଶ୍ର, ଇଆଇସି ସିଭିଲ ଦୁର୍ଗାଚରଣ ବେହେରା, ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଏଲ୍.କେ. ପାଢ଼ୀ, ଓବିସିସି ପରିଚାଳନା ନିର୍ଦ୍ଦେଶକ ସମୀର ହୋତାଙ୍କ ସମେତ ପୂର୍ତ୍ତ ବିଭାଗ ତଥା ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଥାଳିରେ ଭାତ, ଡାଲମା ନେଇଗଲା ବିଏମ୍‌ସି



ଭୁବନେଶ୍ୱର,୧୬/୫: ଖାଇବା ଥାଳିରେ ଭାତ ଦିଆସରିଥିଲା । ଡାଲମା ପାଇବାକୁ ଧାଡ଼ିରେ ଅପେକ୍ଷା କରି ଛିଡ଼ା ହୋଇଥିଲେ ଗ୍ରାହକ । ମାତ୍ର ଡାଲମା ମିଳିଲା ନାହିଁ । ହଠାତ୍ ବିଏମ୍‌ସି ସ୍କ୍ୱାଡ୍ ଗାଡ଼ି ଝାମ୍ପ ମାରିଲା । ଆଉ କେହି କିଛି ବୁଝିବା ପୂର୍ବରୁ ଦୋକାନରୁ ଡାଲମା ବାଲଟି ନେଇଗଲା । ତରକାରୀ, ଖଟା, ପାମ୍ପଡ଼ ଥିବା ଜାଗାକୁ ବି ଛାଡ଼ିଲେ ନାହିଁ । ଏମିତିକି ଦୋକାନରେ ଥିବା ଟେବୁଲ୍, ବାଲ୍‌ଟି, ଚାମଚ୍, ଡାବ ନେଇଯାଇଥିଲେ । ଏହାଦ୍ୱାରା ଦୋକାନୀଙ୍କର ଯାହା ତ କ୍ଷତି ହେଲା, ଭୋକିଲା ଥିବା ୩୦ରୁ ୪୦ ଗ୍ରାହକ ଅଧା ପେଟରେ ରହିଲେ । ଅଧାଖାଇବା ଥାଳି ଧରି ଗ୍ରାହକମାନେ ଏପାଖରୁ ସେପାଖକୁ ଧାଇଁଲେ । ଖାଇବା ସାମଗ୍ରୀଗୁଡ଼ିକ ଫେରାଇବାକୁ ଅନୁରୋଧ ମଧ୍ୟ କଲେ । ମାତ୍ର ସ୍କ୍ୱାଡ୍‌ର ସଦସ୍ୟମାନେ ଧରାଛୁଆଁ ଦେଇ ନଥିଲେ । ଏହାକୁ ନେଇ ବିଏମ୍‌ସି ସ୍କ୍ୱାଡ୍ ଓ ଗ୍ରାହକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଆପଣ କିଏ କହିବାକୁ ବୋଲି ବିଏମ୍‌ସି ସ୍କ୍ୱାଡ୍ ସଦସ୍ୟମାନେ ଗ୍ରାହକଙ୍କୁ କହିବା ସହ ସାମଗ୍ରୀଗୁଡ଼ିକ ନିଜ ଗାଡ଼ିରେ ଲଦି ନେଇଯାଇଥିଲେ । ଆଜି ମଧ୍ୟାହ୍ନ ପ୍ରାୟ ୨ଟା ସମୟରେ ଦୂରଦର୍ଶନ ଛକରେ ଥିବା ବସ୍‌ଷ୍ଟପ୍ ନିକଟରେ ଏଭଳି ପରିସ୍ଥିତି ଦେଖିବାକୁ ମିଳିଥିଲା । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଯେଉଁମାନେ ଖାଇବା ଥାଳିରେ ଭାତ ଧରି ଛିଡ଼ା ହୋଇଥିଲେ ସେମାନେ ସମସ୍ତେ ରୋଗୀଙ୍କ ସମ୍ପର୍କୀୟ ଥିଲେ । କମ୍ ଦାମରେ ଭଲ ଖାଦ୍ୟ ମିଳୁଥିବାରୁ ରାସ୍ତାପାର୍ଶ୍ୱର ଉଠାଦୋକାନୀଙ୍କୁ ଆଶ୍ରା କରିଥିଲେ । ହସ୍ପିଟାଲ ବେଡ୍‌ରେ

## ଖାଦ୍ୟ ପାଇଁ ରୋଗୀଙ୍କ ସମ୍ପର୍କୀୟ ଆଉଟ୍‌ପାଉଟ୍

ରୋଗୀଙ୍କୁ ଛାଡ଼ି ସେମାନେ ତଳେ ଖାଇବାକୁ ଆସିଥିବା ବେଳେ ଆଜି ଏଭଳି ଦୟନୀୟ ସ୍ଥିତିର ସମ୍ମୁଖୀନ ହେଉଛନ୍ତି । ରୋଗୀ ସମ୍ପର୍କୀୟଙ୍କ ଏଭଳି ଦୟନୀୟ ସ୍ଥିତି ଦେଖି ରାସ୍ତାରେ ଯାଉଥିବା ଲୋକେ ଅଟକିବା ସହ ସ୍କ୍ୱାଡ୍‌ର ଏଭଳି କାର୍ଯ୍ୟକୁ ନିନ୍ଦା କରିଥିଲେ । କେହି କେହି ବିଏମ୍‌ସି ସ୍କ୍ୱାଡ୍ ସଦସ୍ୟଙ୍କ ସହ ଆଲୋଚନା କରିବାକୁ ଧାଇଁ ଯାଇଥିଲେ । ମାତ୍ର ସେମାନେ ନିଜ ଜିଦ୍‌ରୁ ଓହରି ନଥିଲେ । ବରଂ ଜଣଙ୍କ ପରେ ଜଣେ ଉଠାଦୋକାନୀଙ୍କ ସାମଗ୍ରୀ ନେଇ ଚାଲିଥିଲେ । ଯିଏ ପାଟି ଖୋଲୁଥିଲେ ତାକୁ ଧମକ ଦେଉଥିଲେ । କୁମୁଦିନୀ ମଣ୍ଡଳ କହିଛନ୍ତି ଯେ ମୋର ଜଣେ ସମ୍ପର୍କୀୟ ନିକଟରେ ଥିବା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ପାଖରେ ରହୁଥିବାରୁ ପ୍ରତିଦିନ ମଧ୍ୟାହ୍ନରେ ତଳକୁ ଖାଇବାକୁ ଆସୁଛି । ୮୦ ଟଙ୍କାରେ ସାଧା ଥାଳି ଖାଇବା ମିଳୁଥିବାରୁ ଦୁଇଦିନ ହେଲା ଏଠାରେ ଖାଉଥିଲି । ଆଜି ମଧ୍ୟାହ୍ନରେ ଖାଇବା ପାଇଁ ଏଠାକୁ ଆସି ପହଞ୍ଚିଥିଲି । ପତ୍ରରେ ଭାତ ଓ ଡାଲି ଧରିଥିବା ବେଳେ ତରକାରୀ ମିଳି ନ ଥିଲା । ବିଏମ୍‌ସି ସ୍କ୍ୱାଡ୍ ପହଞ୍ଚି ସବୁ ଖାଇବା ନେଇ ଯାଇଥିଲେ । ତେଣୁ ଅଧାପେଟରେ ରହିବାକୁ ପଡ଼ିଲା । ଏହା ଆଦୌ ଠିକ୍ ନୁହେଁ । ଯେଉଁମାନେ ଅଧା ଖାଇଥିଲେ ସେମାନଙ୍କ ବିଷୟରେ ଚିନ୍ତା କରିବା କଥା । ବାମନ ମୁଦୁଲିଙ୍କ କହିବାନୁଯାୟୀ ବିଏମ୍‌ସି ଜୁଲୁମ୍ କରୁଛି । ଡାକ୍ତରଖାନା ଭିତରେ ଶସ୍ତାରେ ଖାଇବାକୁ ମିଳୁନି । ବାହାରେ ଯେଉଁଠି ମିଳୁଛି ସେଠାରେ ବିଏମ୍‌ସି ଯେଉଁଭଳି ଜୁଲୁମ୍ କରୁଛି ତାହା ଆଦୌ ଗ୍ରହଣୀୟ ନୁହେଁ । ଡାକ୍ତରଖାନା ପାଖରେ ଆଉ କୌଣସି ହୋଟେଲ ନ ଥିବାରୁ ରୋଗୀଙ୍କୁ ଏକୁଟିଆ ଛାଡ଼ି ଅଧିକ ଦୂର ଯିବା ସମ୍ଭବପର ନୁହେଁ । ତେଣୁ ମଧ୍ୟାହ୍ନ ସମୟରେ ଉଠାଦୋକାନୀ ଏଠାରେ ଖାଇବାକୁ ଆଣି ଦେଉଥିବାରୁ ଭଲ ହେଉଥିଲା । ଆଜି ଯେଉଁ ପରିସ୍ଥିତି ଉପୁଜିଲା ତାହା ଚିନ୍ତାଜନକ । ବଡ଼ବଡ଼ିଆ ରାସ୍ତା, ଫୁଟ୍‌ପାଥ, ଡ୍ରେନ୍ ମାଡ଼ି ବସିଲେ କିଛି ପଦକ୍ଷେପ ନିଆଯାଉ ନାହିଁ । ହେଲେ ଗରିବଙ୍କ ଉପରେ ବିଏମ୍‌ସି ନାଲିଆଖି ଦେଖାଉଛି । ସ୍କ୍ୱାଡ୍‌ର ଜଣେ ସଦସ୍ୟ କହିଛନ୍ତି ଯେ ବେଆଇନ ଭାବେ ଏଠାରେ ଉଠାଦୋକାନ ପଡ଼ିଥିବାରୁ ଆମେ ହଟେଇବୁ । ବାରମ୍ବାର କହିବା ସତ୍ତ୍ୱେ ସେମାନେ ଶୁଣୁ ନ ଥିବାରୁ ଆଜି ସାମଗ୍ରୀଗୁଡ଼ିକ ନେଇଯାଉଛୁ ।

## କେନ୍ଦ୍ରୀୟ ବିଦ୍ୟାଳୟ, ଆଠମଲ୍ଲିକର ଅସ୍ଥାୟୀ କ୍ୟାମ୍ପସର ଉଦଘାଟନ ଏବଂ ସ୍ଥାୟୀ କ୍ୟାମ୍ପସ ପାଇଁ ଭୂମିପୂଜନ

# ଆଠମଲ୍ଲିକରେ କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱାରା ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହେବେ - ଧର୍ମେନ୍ଦ୍ର ପ୍ରଧାନ







ଆଠମଲ୍ଲିକ, ମଇ ୧୬ – ଶିକ୍ଷା କ୍ଷେତ୍ରରେ ଆଠମଲ୍ଲିକ ହେଉଛି ଅଗ୍ରଣୀ ଅଞ୍ଚଳ । ସେହି ପରମ୍ପରାକୁ ଆଗକୁ ନେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଆଠମଲ୍ଲିକ ସବଡିଭିଜନରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯିବାର ଜନ ଆକାଂକ୍ଷା ଆଜି ପୂରଣ ହୋଇଛି ବୋଲି ଏହାର ଅସ୍ଥାୟୀ କ୍ୟାମ୍ପସର ଲୋକାର୍ପଣ ଓ ସ୍ଥାୟୀ କ୍ୟାମ୍ପସର ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗୁରୁବାର ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଠାରେ କେନ୍ଦ୍ରୀୟ ବିଦ୍ୟାଳୟ, ଆଠମଲ୍ଲିକର ଅସ୍ଥାୟୀ କ୍ୟାମ୍ପସର ଲୋକାର୍ପଣ କରିବା ସହ ଟାଙ୍ଗିଆନିଶା ଠାରେ ଏହାର ସ୍ଥାୟୀ କ୍ୟାମ୍ପସ ପାଇଁ ଭୂମିପୂଜନ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଓଡ଼ିଶା ସରକାରଙ୍କ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଥିଲେ । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଆଠମଲ୍ଲିକରେ ରାଜ୍ୟ ସରକାରଙ୍କ ତରଫରୁ ପାଖାପାଖି ୧୦୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ ଏବଂ ଉଦଘାଟନ ହୋଇଛି । ଟାଙ୍ଗିଆନିଶା ଠାରେ କେନ୍ଦ୍ରୀୟ ବିଦ୍ୟାଳୟ, ଆଠମଲ୍ଲିକ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରାୟ ୩୦ କୋଟି ଟଙ୍କା ମଞ୍ଜୁର ହୋଇଛି । ଏଠାରେ ବହୁତ ଦିନରୁ କେନ୍ଦ୍ରୀୟ ବିଦ୍ୟାଳୟ କରିବା ପାଇଁ ଗୁରୁଜନ, ବୁଦ୍ଧିଜୀବୀ ଏବଂ ଯୁବସମାଜର ଅପେକ୍ଷା ରହିଥିଲା । ଆଜି ଉଦଘାଟିତ ଓ ଶିଳାନ୍ୟାସ ହୋଇଥିବା ପ୍ରାୟ ୧୩୯ କୋଟି ଟଙ୍କାର ପ୍ରକଳ୍ପ ଆଠମଲ୍ଲିକରେ ଶିକ୍ଷା ଓ ଯୋଗାଯୋଗ ଭିତ୍ତିଭୂମିକୁ ସୁଦୃଢ଼ କରିବ । ଏହି ବିଦ୍ୟାଳୟ ଦ୍ୱାରା ସ୍ଥାନୀୟ ଅଞ୍ଚଳର ପିଲାମାନେ ବିଶେଷ ଉପକୃତ ହେବେ । ଏହାର ଏବେ ଅସ୍ଥାୟୀ କ୍ୟାମ୍ପସରେ ଚଳିତ ଶିକ୍ଷା ବର୍ଷ ଠାରୁ ଶିଶୁବଟିକା ଆରମ୍ଭ ସହ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୦୦ ଜଣରୁ ଅଧିକ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢାଯିବ । ଶ୍ରୀ ପ୍ରଧାନ କହିଛନ୍ତି ଡବଲ ଅଞ୍ଜିନ ସରକାରରେ ଆଠମଲ୍ଲିକରେ ଚାଷ ଓ ଜଳସେଚନକୁ ସୁବ୍ୟବସ୍ଥିତ କରାଯିବ । ଘର ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଯିବ । ଏଠାରେ ପର୍ଯ୍ୟଟନର ବିକାଶ କରାଯିବ ସହ ଚାଷୀମାନଙ୍କ ଜୀବନରେ ଉନ୍ନତି ଅଣାଯିବ । ଆଠମଲ୍ଲିକକୁ କୃଷି ଆଧାରିତ ଅଞ୍ଚଳରେ ପରିଣତ କରିବା ସହ ସ୍ଥାନୀୟ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଏବଂ ଦକ୍ଷତା ଭିତ୍ତିକ ଶିକ୍ଷା ପ୍ରଦାନ କରିବା ପାଇଁ ଆମେ ସମସ୍ତେ ସହଯୋଗୀ ହେବା । ଆଠମଲ୍ଲିକ ଅଞ୍ଚଳର ବିକାଶ ଆମ ଦାୟିତ୍ୱ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଉଲ୍ଲେଖନୀୟ ଯେ, ଶ୍ରୀ ପ୍ରଧାନ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗର କିଶୋରନଗର ବ୍ଲକ ଓସକାପାଲ୍ଲି-କରମଲକଟା ରାସ୍ତାର ୩.୩୬୦ କିମି ଠାରେ କରମଲକଟା ନାଳ ଉପରେ ସେତୁ, ହଣ୍ଡପା-ପଟାପଥର ଭାୟା ବିଲେଇନାଳୀ ରାସ୍ତା, ବାମୁର-ଧଉରାପାଲି-ମାଧପୁର ରାସ୍ତା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ଧଉରାପାଲିର ନୂଆ ଛାତ୍ରୀ ନିବାସର ଉଦଘାଟନ କରିଥିଲେ । ସେହିପରି ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର କିଶୋରନଗର ବ୍ଲକର ବାମୁର ଠାରୁ ଧଉରାପାଲି ଭାୟା ତାଳପଦର, ଜଇରାଟ ଓ ବାଲିଜେରେଙ୍ଗ ରାସ୍ତାର ଉନ୍ନତିକରଣ ଏବଂ ଘୋଷର ଠାରୁ ଅଙ୍ଗପଡ଼ା ଭାୟା କଡିଙ୍ଗବାହାଳ ରାସ୍ତାର ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

## ସେବିକାମାନେ ଜଣେ ଜଣେ ରତ୍ନ



ଭୁବନେଶ୍ୱର, ୧୬/୫: ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନର୍ସମାନେ ନେଉଛନ୍ତି ଜଣେ ଜଣେ ରତ୍ନ। ସେବିକାବୃତି ଉଭୟ ଅର୍ଥନୈତିକ ଏବଂ ମାନସିକ ସ୍ତରରେ ବିକଶିତ ହେଉଥିବା ଖୁବ୍ ଆନନ୍ଦର ବିଷୟ ବୋଲି କହିଛନ୍ତି କଟକ ସ୍ଥିତ ନ୍ୟାସ୍‌ନାଲ୍ ଲ ୟୁନିଭର୍ସିଟି ଓଡ଼ିଶାର ଆଡଜଂଟ ପ୍ରଫେସର (ଡକ୍ଟର) ରୀତା ରାୟ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜ ପକ୍ଷରୁ ସୋମବାର ଆୟୋଜିତ ଆନ୍ତର୍ଜାତିକ ନର୍ସେସ ଡେ ୨୦୨୫ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଫେସର ରାୟ କହିଛନ୍ତି ଯେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନର୍ସମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ସେମାନଙ୍କୁ ସମ୍ମାନିତ କରିବା ଲକ୍ଷ୍ୟ ନେଇ ଆୟୋଜିତ ଏଭଳି କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ। କାର୍ଯ୍ୟକ୍ରମରେ ବୃତିଗତ ଅତିଥି ଭାବେ ସୋମି ଓଡ଼ିଶା ଶାଖାର ସମ୍ପାଦିକା ପ୍ରଫେସର ଅମ୍ରିତା ଲେଙ୍କା ଯୋଗ ଦେଇ କହିଥିଲେ ନର୍ସିଂ ଏକ ମହାନ ବୃତି କାରଣ ରୋଗୀ ସେବା ଦ୍ୱାରା ସେମାନେ ଅନେକ ଭଲ ପାଇବା ଓ ଆଶୀର୍ବାଦ ପାଇଥାନ୍ତି। କାର୍ଯ୍ୟକ୍ରମରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି ମୀନତି ମିଶ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଉତ୍ସର୍ଗୀକୃତ କାର୍ଯ୍ୟ ଦ୍ୱାରା ନର୍ସମାନେ ଦେଶର ଅର୍ଥନୀତିକୁ ସୁଦୃଢ଼ କରିଥାନ୍ତି ବୋଲି କହିଥିଲେ। ଏହି ଅବସରରେ ସମ ନର୍ସିଂ କଲେଜର ଡିନ୍ ପ୍ରଫେସର (ଡାକ୍ତର) ସସ୍ମିତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏସ୍‌ଏନ୍‌ସିର ନିର୍ଦ୍ଦେଶିକା ପ୍ରଫେସର (ଡକ୍ଟର ) ପ୍ରଭାତି ତ୍ରୀପାଠି ନର୍ସିଂ ଛାତ୍ରଛାତ୍ରୀମାନଙ୍କୁ ନିଜ କ୍ୟାରିୟରରେ ଆଗକୁ ବଢ଼ିବା ପାଇ ଉତ୍ସାହିତ କରିଥିଲେ। ଏସ୍‌ଏନସିର ଆଡିସ୍‌ନାଲ ଡିନ୍ ପ୍ରଫେସର ତପତି ଶାହା କାର୍ଯ୍ୟକ୍ରମର ପ୍ରସଙ୍ଗ ଉପରେ ଆଲୋକପାତ କରିଥିବା ବେଳେ ଶ୍ରୀମତି ଝୁନିଲତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଡାସ ବୋର୍ଡ ସମୀକ୍ଷା କଲେ ପ୍ରମୁଖ ସଚିବ



ଭୁବନେଶ୍ୱର, ୧୬/୫: ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀ ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ସହିତ ସମନ୍ୱୟ ରକ୍ଷା କରି ବିଭାଗୀୟ ପଦକ୍ଷେପଗୁଡ଼ିକ ମଧ୍ୟରେ ଅଧିକ ସମନ୍ୱୟ ସ୍ଥାପନ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ସମୀକ୍ଷା ବୈଠକରେ ଆଲୋଚନା ହୋଇଥିବା ପ୍ରମୁଖ ବିଷୟ ମଧ୍ୟରେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ସମୟାନୁସାରେ ପେନସନ ବଣ୍ଟନ, ଯାହା ବୃଦ୍ଧ ଏବଂ ସମ୍ବେଦନଶୀଳ ବ୍ୟକ୍ତିଙ୍କ ସମ୍ମାନ ଏବଂ ସାମାଜିକ କଲ୍ୟାଣ ସୁରକ୍ଷା ପାଇଁ ସରକାରଙ୍କ ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ସମୀକ୍ଷାରେ ସ୍ଥାୟୀତ୍ୱ ଏବଂ ନିରବଚ୍ଛିନ୍ନ ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ ଅଭ୍ୟାସଗୁଡ଼ିକୁ ସୁଦୃଢ଼ କରିବାର ଗୁରୁତ୍ୱପୂର୍ଣ୍ଣ ଗୁରୁତ୍ୱ ଉପରେ ଏବଂ ବିଶେଷକରି ସହରାଞ୍ଚଳ ଭିତ୍ତିଭୂମି ଏବଂ ପରିବହନ ସେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକରେ ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବାରେ ପ୍ରଯୁକ୍ତିବିଦ୍ୟା ଏବଂ ସମନ୍ୱିତ ତଥ୍ୟ ପ୍ରଣାଳୀର ଭୂମିକା ଉପରେ ଆଲୋକପାତ କରାଯାଇଥିଲା । ସ୍ୱଚ୍ଛତା ବୃଦ୍ଧି, ସୂଚନାପ୍ରଦ ନିଷ୍ପତ୍ତି ଗ୍ରହଣକୁ ସକ୍ଷମ କରିବା ଏବଂ ବିଭିନ୍ନ କ୍ଷେତ୍ରରେ ସାମଗ୍ରିକ ସେବା ଫଳାଫଳକୁ ଉନ୍ନତ କରିବା ପାଇଁ ବାସ୍ତବ-ସମୟ ତଦାରଖ (ରିଅଲ ଟାଇମ ମନିଟରିଂ) ଏବଂ ତଥ୍ୟ-ଚାଳିତ ଶାସନ ବ୍ୟବସ୍ଥାକୁ ଅତ୍ୟାବଶ୍ୟକ ଉପକରଣ ଭାବରେ ଚିହ୍ନଟ କରାଯାଇଥିଲା । ଶ୍ରୀମତୀ ପାଢୀ ସ୍ଥିର ଏବଂ ସ୍ଥାୟୀ ବିକାଶକୁ ଆଗକୁ ବଢ଼ାଇବା ପାଇଁ ଆନ୍ତଃବିଭାଗୀୟ ସହଯୋଗ ଏବଂ ଫଳାଫଳ-ମୁଖୀ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଉଦ୍ ?ଭାବନ, କ୍ଷମତା ବିକାଶ ଏବଂ ନାଗରିକ ସମ୍ପୃକ୍ତି ଏକ ଭବିଷ୍ୟତ-ପ୍ରସ୍ତୁତ ଓଡ଼ିଶାର ମୂଳଦୁଆ ଗଠନ କରିବା ଆବଶ୍ୟକ। "କେବଳ ବିକଶିତ ନୁହେଁ, ବରଂ ସମାନ ଏବଂ ଦକ୍ଷ ଓଡ଼ିଶା ଗଠନ ପାଇଁ ବିଭାଗଗୁଡ଼ିକ ମଧ୍ୟରେ ଲକ୍ଷ୍ୟଗୁଡ଼ିକର ସମନ୍ୱୟ ଅତ୍ୟାବଶ୍ୟକ। ଆମର ଧ୍ୟାନ ଏବଂ ଦାୟିତ୍ୱ ସହିତ ପ୍ରଦାନ କରୁଥିବା ବ୍ୟବସ୍ଥା ଉପରେ ରହିଛି," ବୋଲି ସେ କହିଥିଲେ। ବୈଠକରେ ସମ୍ପ୍ରଦାୟର ଉନ୍ନତି ଏବଂ ଓଡ଼ିଶାର ନିରନ୍ତର ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରୁଥିବା ଶାସନ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦିଆଯାଥିଲା ।

# ଅନାସ୍ଥା ନିର୍ବାଚନ ସ୍ଥଗିତ ରଖିବା ଅଗଣତାନ୍ତ୍ରିକ: ବିଜେଡି

ଭୁବନେଶ୍ୱର, ୧୬/୫: ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଭୋଟ ମେ' ୧୩ ତାରିଖରେ ସ୍ଥିର ହୋଇଥିବା ବେଳେ, ଯେଉଁ ଭଳି ଢଙ୍ଗରେ ଅନାସ୍ଥା ଭୋଟର ପୂର୍ବଦିନ ଅନାସ୍ଥା ଦାବି କରିଥିବା ପିଆରଆଇ ସଦସ୍ୟ ମାନେ ଅଚାନକ ଅସୁସ୍ଥ ହୋଇଗଲେ ଓ ନାଟକୀୟ ଢଙ୍ଗରେ ନିର୍ବାଚନ ଅଧିକାରୀ ଛୁଟିରେ ରହିଲେ, ଏହା ସମ୍ବିଧାନ ଓ ଗଣତନ୍ତ୍ର ପ୍ରତି କୁଠାରଘାତ ବୋଲି ବିଜେଡି ଅଭିହିତ କରିଛି । ତାଛଡା, ବ୍ଲକ ଅଧ୍ୟକ୍ଷ ଓ ତାଙ୍କ ସମର୍ଥକ ପିଆରଆଇ ସଦସ୍ୟ ମାନଙ୍କୁ ମାହାଙ୍ଗା ବିଧାୟକଙ୍କ ସମର୍ଥକ ଅସାମାଜିକ ବ୍ୟକ୍ତି ମାନଙ୍କ ଦ୍ୱାରା ଅଶ୍ଳୀଳ ଭାଷାରେ ଗାଳିଗୁଲଜକୁ ବିଜେଡି ତରଫରୁ ଦୃଢ଼ ନିନ୍ଦା କରା ଯାଇଛି । ଶଙ୍ଖଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ଼ଃ ଲେଖାଶ୍ରୀ ସାମନ୍ତସିଂହାର କହିଥେ ଲ, ମାହାଙ୍ଗା ବିଧାୟକ ଶ୍ରୀ ସାରଦା ପ୍ରଧାନଙ୍କ ପ୍ରରୋଚନାରେ, ତାଙ୍କର କିଛି ସମର୍ଥକ ପିଆରଆଇ ସଦସ୍ୟ ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ ଏବଂ ଅନାସ୍ଥା ଭୋଟ ପାଇଁ ମେ' ୧୩ ତାରିଖ ଧାର୍ଯ୍ୟ ହୋଇଥିଲା । କିନ୍ତୁ ଅଚାନକ ଅତ୍ୟନ୍ତ ସନ୍ଦେହଜନକ ଭାବେ ମେ' ୧୨ ତାରିଖ ଦିନ ଅନାସ୍ଥା ଆଣିଥିବା ପିଆରଆଇ ସଦସ୍ୟ ମାନେ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଗଲେ । ଅନାସ୍ଥା ଆଣିଥିବା ପିଆରଆଇ ସଦସ୍ୟମାନେ ପ୍ରକୃତରେ ଅନାସ୍ଥା ଭୋଟରେ ଆବଶ୍ୟକ ସମର୍ଥନ ଜୁଟାଇ ପାରିବାରେ ବିଫଳ ହେବା ପରେ ଅସୁସ୍ଥତାର ନାଟକ କରିଥିଲେ ବୋଲି ସ୍ପଷ୍ଟ ଜଣାପଡୁଥିଲେ ମଧ୍ୟ ପ୍ରଶାସନ ସରକାରୀ ଦଳର ହାତବାରିସୀ ହୋଇ କାମ କରିବା ଅଗଣତାନ୍ତ୍ରିକ ଓ ନିନ୍ଦନୀୟ । ଆଶ୍ଚର୍ଯ୍ୟର ବିଷୟ, ଏହି ଅନାସ୍ଥା ଭୋଟ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ହୋଇଥିବା ନିର୍ବାଚନ ଅଧିକାରୀ ଜଣେ ଡେପୁଟି କଲେକ୍ଟର, ଅଚାନକ ଛୁଟିରେ ଚାଲି ଯାଇଥିଲେ । ନିର୍ବାଚନ ଅଧିକାରୀ ଅଚାନକ ଛୁଟିରେ ଚାଲିଯିବା ଘଟଣାକୁ ଅଧିକ ସନ୍ଦେହ ଘେରକୁ ଆଣିଛି ଓ ପ୍ରଶାସନ ସରକାରୀ ଦଳର ହାତବାରିସୀ ଭାବେ କାମ କରୁଥିବା ସ୍ପଷ୍ଟ ହୋଇଛି । ଏହି ଘଟଣାର ପରଦିନ, ନିଶ୍ଚିନ୍ତକୋଇଲି ବ୍ଲକର ଅଧ୍ୟକ୍ଷ ଓ ତାଙ୍କ ସମର୍ଥକ ମାନେ ବ୍ଲକ କାର୍ଯ୍ୟାଳୟକୁ ଯାଇଥିବା ବେଳେ, ମାହାଙ୍ଗା ବିଧାୟକଙ୍କ କିଛି ସମର୍ଥକ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ସେମାନଙ୍କୁ ହତ୍ୟା ଧମକ ଦେଇଥିଲେ । ସରକାରୀ ଦଳର ସମର୍ଥକ ଭାବେ ଜଣାଥିବା ସ୍ୱାଧୀନ ବିଧାୟକଙ୍କ ଇଙ୍ଗିତରେ ଏହି ସବୁ କାର୍ଯ୍ୟ ହେଉଥିବା ବେଳେ, ପ୍ରଶାସନ ଅଗଣତାନ୍ତ୍ରିକ କାର୍ଯ୍ୟରେ ସହାୟତା କରୁଛି ବୋଲି ଡ଼ଃ ସାମନ୍ତସିଂହାର ଅଭିଯୋଗ କରିଥିଲେ । ସେ ଆହୁରି କହିଥିଲେ, ଅନାସ୍ଥା ନିର୍ବାଚନକୁ ଅଗଣତାନ୍ତ୍ରିକ ଭାବେ ଘୁଞ୍ଚା ଯାଇ ପିଆରଆଇ ସଦସ୍ୟ ମାନଙ୍କ ଉପରେ ଚାପ ପ୍ରୟୋଗ କରାଯାଉଛି, ସେମାନେ ଯେପରି ଅନାସ୍ଥା ସପକ୍ଷରେ ଭୋଟ ଦେବେ । ନିର୍ବାଚନ ବ୍ୟବସ୍ଥା ଅନୁଯାୟୀ, ଅନାସ୍ଥା ଭୋଟ ତାରିଖକୁ ବାରମ୍ବାର ଘୁଞ୍ଚାଇବା ନିୟମ ନଥିଲେ ମଧ୍ୟ ଏହାକୁ ଜୋର ଜବରଦସ୍ତି କରାଯାଉଛି, ଯାହା ଗଞ୍ଜାମ ଜିଲ୍ଲାର କୁକୁଡାଖଣ୍ଡି ବ୍ଲକରେ ଦେଖିବାକୁ ମିଳିଛି । ସରକାରୀ ଦଳ ଦ୍ୱାରା, ରାଜ୍ୟରେ ଏଭଳି ଅଗଣତାନ୍ତ୍ରିକ କାର୍ଯ୍ୟ ଜାରି ରହିଛି । ତେଣୁ, ସମଗ୍ର ଘଟଣାକ୍ରମର ନିରପେକ୍ଷ ତଦନ୍ତ ହେବାର ଆବଶ୍ୟକତା ରହିଛି । ଯେଉଁ ପିଆରଆଇ ସଦସ୍ୟମାନେ ଅଚାନକ ଅସୁସ୍ଥ ହୋଇଗଲେ, ସେମାନେ ପ୍ରକୃତରେ ଅସୁସ୍ଥ ହୋଇଥିଲେ ନା ଏହା ମିଛ ନାଟକ ଥିଲା, ଏହା ତଦନ୍ତ ସାପେକ୍ଷ । ତାଛଡ଼ା, କେଉଁ ପରିସ୍ଥିତିରେ ନିର୍ବାଚନ ଅଧିକାରୀ ଛୁଟିରେ ଚାଲିଗଲେ ତାହା ମଧ୍ୟ ତଦନ୍ତ ହେବା ଦରକାର ବୋଲି ଡ଼ଃ ସାମନ୍ତସିଂହାର କହିଥିଲେ ।



## ମାନକୀକରଣ କ୍ଷେତ୍ରରେ ଗୁଣାତ୍ମକତା ସଂପର୍କିତ ବୈଠକ

ଭୁବନେଶ୍ୱର, ୧୬/୫: ଭାରତୀୟ ମାନକ ବ୍ୟୁରୋ (ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍ ) ଏବଂ ଓଡିଶା ସରକାରଙ୍କ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ମିଳିତ ଆନୁକୂଲ୍ୟରେ ମାନକୀକରଣ ଏବଂ ଦ୍ରବ୍ୟ ଓ ସେବା କ୍ଷେତ୍ରରେ ଗୁଣାତ୍ମକତା ସଂପର୍କରେ ଦ୍ୱିତୀୟ ରାଜ୍ୟସ୍ତରୀୟ ବୈଠକ ବୁଧବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ, ଏ କ୍ଷେତ୍ରରେ ଉଭୟ ଭାରତୀୟ ମାନକ ବ୍ୟୁରୋ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସହଯୋଗକୁ ସହଜ କରିବାରେ ସାହାଯ୍ୟ କରିବ। ଜନସାଧାରଣ ଏବଂ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଉତ୍ପାଦ, ସେବାରମାନକୀକରଣଏବଂଗୁଣବତ୍ତା ସଚେତନତା ସଂପର୍କରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ସଭାରେଶିଳ୍ପ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀହେମନ୍ତଶର୍ମା ଏବଂ ପୂର୍ତ୍ତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ସୂଚନା ଓ ଲୋକ ସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟକୁମାରସିଂ, ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ (ବିଆଇଏସ), ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ସମେତରାଜ୍ୟସରକାରଙ୍କ ଅନ୍ୟ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଏବଂ ଔଦ୍ୟୋଗିକ ସଂଘରୁ କର୍ତ୍ତୃପକ୍ଷ ମାନେ ଅଂଶ ଗ୍ରହଣ କରିଥିଲେ। ଭାରତୀୟ ମାନକକୁ କାର୍ଯ୍ୟକାରୀ କରି ରାଜ୍ୟରେ ଏକ ସୁସ୍ଥ ଗୁଣବତ୍ତା ଇକୋସିଷ୍ଟମ୍ ବିକାଶକୁ ସମର୍ଥନ କରିବା ଉପରେଏହି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।



## ହରଭଙ୍ଗା ବ୍ଲକରେ ଶ୍ରମଜୀବି ଯୋଜନା ବାଟବଣା



ହରଭଙ୍ଗା , ୧୬/୫: ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକରେ ଶ୍ରମଜୀବି ଯୋଜନା ବାଟବଣା । ମନରେଗା କାମ ମେସିନ କରୁଥିବା ବେଳେ ଦାୟିତ୍ୱରେ ଥିବା ପ୍ରୋଗ୍ରାମ ଅଫିସରଙ୍କ ନିଦାବିଷ୍ଟୁ ଦୁର୍ନୀତିକୁ ଏକ ପ୍ରକାର ପ୍ରୋତ୍ସାହନ ଯୋଗାଉଛି । ଫଳରେ ଶ୍ରମଜୀବି ପରିବାର ପାଖରେ ଯୋଜନାର ସ୍ୱାଦ ପଂହଚିବାରେ ବ୍ୟତିକ୍ରମ ଦେଖାଦେଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ତଳଗାଁ ପଂଚାୟତର ଗଣ୍ଡାପାଜୁ-ଖାଲଗାଡୁ ରାସ୍ତା ନିର୍ମାଣ କାର୍ଯ୍ୟରେ । ମନରେଗା ଯୋଜନାରେ ୨୦୨୩-୨୪ ଆର୍ଥୀକ ବର୍ଷରେ ଗଣ୍ଡାପାଜୁ ଠାରୁ ଖାଲଗାଡୁ ରାସ୍ତାର ଉନ୍ନତିକରଣ ପାଇଁ ୫ଲକ୍ଷ୯୦ହଜାର ୭୩୯ ଟଙ୍କା ବ୍ୟୟବରାଦ ହୋଇଥିଲା । ଶ୍ରମିକ ସାହାଯ୍ୟରେ ମାଟି/ମୋରମ ରାସ୍ତା ନିର୍ମାଣ କରାଯିବାକୁ ଏଷ୍ଟିମେଟରେ ପ୍ରାବଧାନ ରହିଥିଲା ।ମାତ୍ର ଶ୍ରମିକ ନିୟମକୁ ଜଳାଞ୍ଜଳି ଦେଇ ଜେସିବି ମେସିନ୍ ସାହାଯ୍ୟରେ କାମ ଚାଲିଥିବା ଦେଖିବାକୁ ମିଳିଛି । ଫଳରେ ଗରିବ ଶ୍ରମଜୀବୀ ପରିବାର କାମଧନ୍ଦାରୁ ବଞ୍ଚିତ ହେଉଛନ୍ତି । ସେହିପରି ଧଳପୁର ପଂଚାୟତର ସମରକଟା ରୁଗୁଡି ବନ୍ଧ କାମ ମେସିନ ସାହାଯ୍ୟରେ ଚାଲିଥିବା ଦେଖିବାକୁ ମିଳିଛି । ମନରେଗା କାମ ତଦାରଖ ପାଇଁ ବ୍ଲକରେ ମନରେଗା ଯୋଜନାରୁ ଏକ ଗାଡି ନିୟୋଜିତ ରହିଛି । ମାତ୍ର ବାବୁମାନେ କାର୍ଯ୍ୟ ତଦାରଖ ସଠିକ ଭାବରେ କରୁନଥିବାରୁ ବ୍ଲକରେ ଶ୍ରମଜୀବି ଯୋଜନା ଏକ ପ୍ରକାର ବାଟବଣା ହୋଇଥିବା ଦେଖିବାକୁ ମିଳିଛି । ଏ ଦିଗରେ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଦାବି ହେଉଛି ।

# ମୁଖ୍ୟମନ୍ତ୍ରୀଙ୍କୁ ଅବମାନନା କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ



ଭୁବନେଶ୍ୱର, ୧୬/୫: ଲୋକସେବା ଭବନରେ ଆୟୋଜିତ ବିଡ଼ିଓ ଓ ସିଡିଓଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଦେଇଥିବା ମନ୍ତବ୍ୟ ରାଜ୍ୟବାସୀଙ୍କୁ ହତୋତ୍ସାହିତ କରିଛି ବୋଲି ଶଙ୍ଖଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି। ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ରାଜ୍ୟରେ ବିକାଶ କାମ ତ୍ୱରାନ୍ୱିତ ହୋଇପାରୁନଥିବା ସ୍ୱୀକାର କରିଥିବା ବେଳେ ଅଧିକାରୀ ମାନେ ତାଙ୍କୁ ଅବମାନନା କରୁଥିବା କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ସରକାରୀ ଆଭାସୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେବା ସମୟରେ ଅଧିକାରୀମାନେ ଟିଭି ବନ୍ଦ କରିଦେଇ ଲୋକଙ୍କୁ ଚାଲିଯିବାକୁ କହୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ଯଦି ସତ ତାହେଲେ ଏହା ଅତ୍ୟନ୍ତ ସାଙ୍ଘାତିକ ଏବଂ ଏହା କ୍ରିମିନାଲ ନେଗ୍‌ଲିଜେନ୍ସ ବୋଲି ବିଚାର କରାଯିବ। ପ୍ରଶାସନିକ କଳ କାର୍ଯ୍ୟ କରିବାର ଏକ ନିର୍ଦ୍ଦିଷ୍ଟ ସରକାରୀ ବ୍ୟବସ୍ଥା ଅଛି। ପ୍ରୋଟୋକଲ ଅନୁଯାୟୀ ରାଜ୍ୟର ମୁଖ୍ୟମନ୍ତ୍ରୀ ପ୍ରଶାସନର ସର୍ବୋଚ୍ଚ କର୍ତ୍ତା। ତେଣୁ ମୁଖ୍ୟମନ୍ତ୍ରୀ ସଭା ସମିତିରେ ଅସହାୟତା ପ୍ରକାଶ କରିବା ପରିବର୍ତ୍ତେ ଅବମାନନା କରୁଥିବା ସରକାରୀ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇ ନିଜ ନେତୃତ୍ୱର ପରିଚୟ ଦିଅନ୍ତୁ। ମୁଖ୍ୟମନ୍ତ୍ରୀଙ୍କ ଅସହାୟତା ରାଜ୍ୟ ପାଇଁ ଶୁଭଙ୍କର ନୁହେଁ। ରାଜ୍ୟର ସର୍ବୋଚ୍ଚ କର୍ତ୍ତା ଯଦି ଅସହାୟ ହେବେ, ତାହେଲେ ସାଢ଼େ ୪ କୋଟି ଓଡିଶାବାସୀ କାହା ଉପରେ ଭରସା କରିବେ ବୋଲି ଡ. ମହାନ୍ତି ପ୍ରଶ୍ନ କରିଥିଲେ। ଡ. ମହାନ୍ତି ଆହୁରି କହିଥିଲେ, ଆଜି ମୁଖ୍ୟମନ୍ତ୍ରୀ ନିଜେ ସ୍ୱୀକାର କରିଛନ୍ତି, ରାଜ୍ୟରେ ବିଜେପି ସରକାର ଲୋକଙ୍କୁ ସୁଶାସନ ଦେବାରେ ଓ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇ ପଡିଛି। ରାଜ୍ୟରେ ଦୁଷ୍କର୍ମ ଓ ହତ୍ୟା ଘଟଣାର ଅହେତୁକ ବୃଦ୍ଧି ପାଇଛି। ଗୃହ ମନ୍ତ୍ରାଳୟର ଦାୟିତ୍ୱରେ ନିଜେ ମୁଖ୍ୟମନ୍ତ୍ରୀ ଥିଲେ ମଧ୍ୟ ସ୍ଥିତିରେ କୌଣସି ସୁଧାର ଆସୁନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ପ୍ରଶାସନିକ କଳ ଉପରେ ନିୟନ୍ତ୍ରଣ ରଖି ଶାସନ ବ୍ୟବସ୍ଥାକୁ ସଜାଡନ୍ତୁ।

## ସରକାରୀ ମାଲ୍ ଦରିଆ ମେ ଡାଲ୍

### ୮ ଲକ୍ଷ ଟଙ୍କା କାମ , ଆଠମାସ ଗଲାନି

ହରଭଙ୍ଗା, ୧୬/୫: ବୌଦ୍ଧ ଜିଲ୍ଲାରେ ପୂର୍ତ୍ତବିଭାଗ ପକ୍ଷରୁ ଏକ ନୂଆ କାମ ଦେଖିବାକୁ ମିଳିଥିଲା। ପିଚୁ ରାସ୍ତା ଉପରେ ପଥରଗୁଣ୍ଡ (ଡଷ୍ଟ) ବିଛା ଭଳି ମରାମତି କାମ ଦେଖି ଲୋକେ ତାଜୁବ୍ ହୋଇ ଯାଇଥିଲେ। ପିଚୁ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲ ଖମାଗୁଡିକରେ୨ ପଥରଗୁଣ୍ଡ ପକାଇ ମରାମତି କରାଯାଇଥିଲା। ମାତ୍ର ମରାମତି କିଛି ମାସ ନ ପୂରୁଣୁ ରାସ୍ତାର ପୂର୍ବ ଅବସ୍ଥାକୁ ଲକ୍ଷ୍ୟ କଲେ ସରକାରୀ ମାଲ ଦରିଆ ମେ ଡାଲ ଘଟଣାକୁ ପ୍ରମାଣିତ କରିଛି। ପୂର୍ତ୍ତବିଭାଗ ପକ୍ଷରୁ ଚାଲିଥିବା ଏଭଳି କାମ ଉପରେ ସାଧାରଣରେ ଜନଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଘଟଣା ହରଭଙ୍ଗା – ଧଳପୁର ଜଗନ୍ନାଥ ସଡକର ମରାମତି କାର୍ଯ୍ୟରେ ଦେଖିବାକୁ ମିଳିଛି। ରାସ୍ତାଟି ଖାଲ ଖମାରେ ପୂର୍ଣ୍ଣ ହୋଇଥିବାରୁ ଲୋକଙ୍କ ଯାତାୟତ ପାଇଁ ଗତ ଜୁଲାଇ ମାସରେ ପଥର ଗୁଣ୍ଡ ପକାଇ ଆଠ ଲକ୍ଷ ଟଙ୍କାରେ ମରାମତି କାମ କରାଯାଇଥିଲା। ମାତ୍ର ବର୍ତ୍ତମାନ ରାସ୍ତାର ପୂର୍ବ ଭଳି ଖାଲଖମା ଅବସ୍ଥା ଯୋଗୁଁ ସରକାରୀ ଅର୍ଥ ଅପଚୟ ବୋଲି ସାଧାରଣରେ ଚର୍ଚ୍ଚା ଜୋରଧରିଛି। ଜଗନ୍ନାଥ ସଡକର ସ୍ଥାୟୀ ରାସ୍ତା ନିର୍ମାଣ ଦିଗରେ ପୂର୍ତ୍ତବିଭାଗ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବି ମହଲରେ ଦାବୀ ଉଠୁଛି ।

# ବିକ୍ରି ହୋଇପାରିନି ୫୦ଲକ୍ଷ ଟଙ୍କାର କେନ୍ଦୁପତ୍ର

## ବୌଦ୍ଧରେ କେନ୍ଦୁପତ୍ର ତୋଳା ଆରମ୍ଭ, ଧାର୍ଯ୍ୟ ଲକ୍ଷ୍ୟ ୧୦କୋଟି ୫୮ଲକ୍ଷ କେରି

ହରଭଙ୍ଗା,୧୬/୫: ସବୁଜ ହୀରା କୁହାଯାଉଥିବା କେନ୍ଦୁପତ୍ରରୁ ସରକାର ପ୍ରଚୁର ରାଜସ୍ୱ ପାଉଛନ୍ତି। ସରକାରୀ ସୁବିଧା ସତ୍ୱେ ବୌଦ୍ଧ କେନ୍ଦୁପତ୍ର ବନଖଣ୍ଡ ଅଧିନରେ ରହିଥିବା ହଜାର ହଜାର କେନ୍ଦୁପତ୍ର ତୋଳାଳି ଏବଂ ବନ୍ଧାଳିଙ୍କ ସମସ୍ୟାପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଏମାନଙ୍କ ଜୀବନ ଜୀବିକା ଯେମିତିକୁ ସେମିତି ରହିଥିବା ଦେଖିବାକୁ ମିଳୁଛି। ମୁଣ୍ଡ ଝାଳ ତୁଣ୍ଡରେ ମାରି ଚୈତ୍ର ଏବଂ ବୈଶାଖ ମାସର ଟାଣ ଖରାରେ କଠିନ ପରିଶ୍ରମ କରି ଗରିବ ଶ୍ରେଣୀର ମହିଳାମାନେ କେନ୍ଦୁପତ୍ର ତୋଳିଥାନ୍ତି। ହିଂସ୍ରଜନ୍ତୁ ବାଘ, ଭାଲୁଙ୍କ ଭୟ ସତ୍ୱେ ଜୀବନକୁ ବାଜି ଲଗାଇ ଭୋରରୁ ମୁଣ୍ଡିଆକୁ ଯାଇ ୫/୬ ଘଣ୍ଟା ପରିଶ୍ରମ କରି ଦିନ ୧୦/୧୧ଟାରେ ଡହ ଡହ ଖରାରେ ଶହେରୁ ଦେଢଶହ କେରି କେନ୍ଦୁପତ୍ରକୁ ମୁଣ୍ଡରେ ବୋଝେଇ ଘରକୁ ଫେରିଥାନ୍ତି। ଘରକୁ ଫେରିବା ପରେ ୨୦ଟି ପତ୍ରକୁ ଗୋଟିଏ ଲେଖାଏଁ ବିଡା ବାନ୍ଧି ଅପରାହ୍ନ ୪ଟାବେଳେ ଫଡିରେ ଜମା କରିଥାନ୍ତି। ଏହି କାମରେ ଘରେ ପିଲାରୁ ବୃଦ୍ଧ ସମସ୍ତେ ଲାଗିଥାନ୍ତି। ଦିନ ତମାମ ଅକ୍ଳାନ୍ତ ପରିଶ୍ରମ କରି ମାସେ ଦୁଇମାସ ଏମାନେ ଏଥିରୁ ଜୀବିକା ନିର୍ବାହ କରିଥାନ୍ତି। ମାତ୍ର ବିଡମ୍ବନାର ବିଷୟ ପ୍ରତିବର୍ଷ ପତ୍ର ଖରାପ ଆଳ ଦେଖାଇ କେନ୍ଦୁପତ୍ର ବିଭାଗ ଏମାନଙ୍କଠାରୁ ଗୋଟିଏ କେରିରେ ୪ଟି ପତ୍ର ଅଧିକ ନେଉଥିବା ଅଭିଯୋଗ ହେଉଛି। ଏଭଳି ଶୋଷଣର ଶିକାର ସତ୍ୱେ ଆଜି ବି କେନ୍ଦୁପତ୍ର ତୋଳାଳି ପରିବାରମାନେ ବାପ, ଅଜା ଅମଳରୁ ଏହି ବୃତ୍ତିରେ ନିୟୋଜିତ ହୋଇ ଶୋଷଣର ଶିକାର ହେବା ପରେ ବି ଏହି କାର୍ଯ୍ୟରୁ ମୁହଁ ଫେରାଇ ନାହାନ୍ତି। ଯେଉଁ ତୋଳାଳିଙ୍କ ପାଇଁ ସରକାର ସବୁଜ ହୀରାରୁ ପ୍ରଚୁର ରାଜସ୍ୱ ପାଉଛନ୍ତି, ସେହି ତୋଳାଳିଙ୍କ ମୌଳିକ ସୁବିଧା ଉପରେ ସରକାର ଗୁରୁତ୍ୱାରୋପ କଲେ ଏଥପାଇଁ ସେମାନଙ୍କ ଆଗ୍ରହ ବୃଦ୍ଧି ପାଇପାରନ୍ତା। ମାତ୍ର ମାଛ ତେଲରେ ମାଛ ଭାଜିବା ନ୍ୟାୟରେ ସବୁଜହୀରା ରାଜସ୍ୱରେ



ସରକାର ମାଲାମାଲ ହେଉଥିବାବେଳେ ତୋଳାଳିଙ୍କ ଅବସ୍ଥାରେ ଆଶାନୁରୂପ ବିକାଶ ନ ଘଟିବାକୁ ନେଇ ତୋଳାଳିଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ସରକାର ଆହୁରି ଯତ୍ନବାନ ହେବାକୁ ସାଧାରଣରେ ଦାବି ଉଠୁଛି। ସୂଚନା ଅନୁସାରେ, ବୌଦ୍ଧ କେନ୍ଦୁପତ୍ର ବନଖଣ୍ଡ ୧୯୭୩ ମସିହାରେ ଜାତୀୟକରଣ ହୋଇଥିଲା। ଏହି ବନଖଣ୍ଡ ଅଧିନରେ ଦୁଇଟି ଉପବନଖଣ୍ଡ ଏବଂ ୮ଟି କେନ୍ଦୁପତ୍ର ବନାଞ୍ଚଳକୁ ନେଇ ଗଠିତ। ଏହାର ମୁଖ୍ୟକାର୍ଯ୍ୟ ହେଲା କେନ୍ଦୁଗୋଛା କାଟିବା, ଫଡିଘର ମରାମତିକରିବା, କେନ୍ଦୁପତ୍ର ତୋଳିବା ଶୁଖାଇବା, ବନ୍ଧେଇକାର୍ଯ୍ୟ କରିବା ଏବଂ କେନ୍ଦୁପତ୍ର ବସ୍ତାଗୁଡିକୁ ଗୋଦାମ ଗୃହରେ ସୁରକ୍ଷିତ କରି ରଖିବା। କେନ୍ଦୁପତ୍ର କାର୍ଯ୍ୟ ମାର୍ଚ୍ଚ ମାସରୁ ଆରମ୍ଭ ହୋଇ ଅକ୍ଟୋବର ମାସ ପର୍ଯ୍ୟନ୍ତ ଚାଲିଥାଏ। ଉକ୍ତ କାର୍ଯ୍ୟରେ ସହଯୋଗ କରିବା ପାଇଁ ଜିଲ୍ଲାରେ କେନ୍ଦୁପତ୍ର କର୍ମଚାରୀ ସହିତ ୪୪ହଜାର ୪୩୭ଜଣ କେନ୍ଦୁପତ୍ର ତୋଳାଳି ସାଙ୍ଗକୁ ୧ହଜାର୨୪ଜଣ ସାମୟିକ କର୍ମଚାରୀ ନିୟୋଜିତ ଅଛନ୍ତି। ବୌଦ୍ଧ କେନ୍ଦୁପତ୍ର ବନଖଣ୍ଡ ଅଧିନରେ ଛତ୍ରଙ୍ଗ, ଚାରିଛକ, ବୀରନରସିଂହପୁର, ମନମୁଣ୍ଡା, ବାଉଁଶୁଣୀ, କଂଟାମାଳ, ଘଂଟାପଡା, ଦମାମୁଣ୍ଡା ଭଳି ଆଠଟି ରେଞ୍ଜରେ ୩୮୭ଟି କେନ୍ଦୁପତ୍ର ଫଡିଘର ରହିଛି। ସେଥିରୁ ୨୪୭ଟି ଅସ୍ଥାୟୀ ଫଡିଘର ଏବଂ ୧୨୯ଟି ସ୍ଥାୟୀ ଫଡିଘର ରହିଛି। ଗତ ୨୦୨୪-୨୫ ଆର୍ଥୀକ ବର୍ଷରେ କେନ୍ଦୁପତ୍ର କ୍ରୟ ପାଇଁ ୨୯କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଗତବର୍ଷ ୪୩ କୋଟି ଟଙ୍କାର କେନ୍ଦୁପତ୍ର ବିକ୍ରି ସରିଥିବା ଜଣାପଡ଼ିଛି। ମାତ୍ର ଗତ ବର୍ଷ ହରଭଙ୍ଗା ଏବଂ ବାଉଁଶୁଣୀ ରେଞ୍ଜର ଦୁଇ ଲଟ୍ ଅର୍ଥାତ୍ ଆହୁରି ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କେନ୍ଦୁପତ୍ର ବିକ୍ରି ହୋଇପାରିନାହିଁ, ଯାହାଫଳରେ ଗତବର୍ଷ ଅଭାବୀ ବିକ୍ରି ଯୋଗୁଁ ଜିଲ୍ଲାରେ ସବୁଜ ହୀରାରୁ ରାଜସ୍ୱ ହାର ହ୍ରାସ ପାଇଛି। ସରକାର କେନ୍ଦୁପତ୍ରରରୁ ପ୍ରଚୁର ରାଜସ୍ୱ ସତ୍ୱେ କେନ୍ଦୁପତ୍ର ତୋଳାଳିଙ୍କୁ ପତ୍ର ବିକ୍ରିର ଦୁଇରୁ ତିନିମାସ ବିଳମ୍ବରେ ସେମାନଙ୍କ ପ୍ରାପ୍ୟ ଏବଂ ବୋନସ ରାଶି ପ୍ରଦାନ କରାଯାଉଥିବା ଅଭିଯୋଗ ହେଉଛି। ପ୍ରାପ୍ୟ ପ୍ରଦାନରେ ବିଳମ୍ବ ସାଙ୍ଗକୁ କେରି ପିଛା ମୂଲ୍ୟ ୧ଟଙ୍କା୬୦ ସୀମିତ ରଖାଯାଇଛି। ଯାହାଫଳରେ ସରକାରଙ୍କ କେରିପିଛା ଦରରେ ତୋଳାଳିମାନେ ସନ୍ତୁଷ୍ଟନଥିବା ଅଭିଯୋଗ ହେଉଛି। ବନ୍ଧେଇ ନୀତିରେ ପରିବର୍ତନ କରାଯାଉନାହିଁ, ଯାହାଫଳରେ ଜଣେ ବନ୍ଧାଳୀ ପ୍ରତିଦିନ ଅତିବେଶରିରେ ୪ରୁ୫ ବଣ୍ଡଲ ବନ୍ଧେଇ କରିବା ସୀମିତ ନିୟମ ରହିଛି। ଫଳରେ ଜଣେ ବନ୍ଧାଳି ବେଶିହେଲେ ଦିନକୁ ଦୁଇଶହରୁ ଅଢେଇଶହ ଟଙ୍କା ପାଉଛି। ଏହି ନିୟମରେ ପରିବର୍ତନ ହେଲେ ଅନେକ ବନ୍ଧାଳି ଆଉ ଦି ପଇସା ପାଇପାରନ୍ତେ ବୋଲି ଦାବି ହେଉଛି। ସେହିପରି ତୋଳାଳି କାର୍ଡସଂଖ୍ୟା ପ୍ରତିବର୍ଷ ବୃଦ୍ଧି କରାଯାଉନଥିବାରୁ ପତ୍ର ତୋଳାରୁ ବହୁ ପରିବାର ବଞ୍ଚିତ ହେଉଛନ୍ତି। ଏଥିପ୍ରତି ସରକାର ଦୃଷ୍ଟି ଦେବା ସହ ପତ୍ର ତୋଳାଳୀ, ବନ୍ଧାଳୀଙ୍କ ମୌଳିକ ସୁବିଧା ପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ବୌଦ୍ଧ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ସୁଦର୍ଶନ ବାଗଦେଇଙ୍କୁ ପଚାରିବାରୁ ଚଳିତବର୍ଷ କେରି ଦର ୧ଟଙ୍କା ୬୦ରେ ସୀମିତ ରହିଛି।ସେହିପରି ଗୋଛାକଟା ଦର ୫୦୨ଟଙ୍କା ବୃଦ୍ଧି ଘଟିଛି। ପ୍ରତି ଦୁଇ ବର୍ଷରେ ଥରେ ତୋଳାଳିଙ୍କୁ ଛତା, ଚପଲ, ପାଣିବୋତଲ ପାଇଁ ସହାୟତା ଦିଆଯାଉଛି। ଗତବର୍ଷ ପାଖାପାଖି ୫୦ଲକ୍ଷ ଟଙ୍କାର କେନ୍ଦୁପତ୍ର ପତ୍ର ବିକ୍ରି ହୋଇପାରିନାହିଁ କହିଥିଲେ। ଚଳିତ ବର୍ଷ ଭଲପତ୍ର ହୋଇଥିବରୁ ଏଥର ରାଜସ୍ୱ ବୃଦ୍ଧି ପାଇଁ ସେ ଆଶା ରଖିଛନ୍ତି। କେରିଦର ବୃଦ୍ଧି ଦିଗରେ ପଚାରିବାରୁ ସରକାର ଯାହା ନିଷ୍ପତି ନେବେ ବୋଲି କହିଥିଲେ।

### ଉଚ୍ଚଶିକ୍ଷା ବିଭାଗ ଓ ଏନଏସଇ ମଧ୍ୟରେ ବୁଝାମଣା

## ପିଲା ପଢ଼ିବେ ଷ୍ଟକ୍ ଏକ୍ସଚେଞ୍ଜ ପାଠ



ଭୁବନେଶ୍ୱର,୧୬/୫: ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏନଏସଇ) ମଧ୍ୟରେ ଆଜି ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀ ଅରବିନ୍ଦ ଅଗ୍ରୱାଲ, ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆର ଅଧିକାରୀ, ବିଭିନ୍ନ ବିଶ୍ୱ ବିଦ୍ୟାଳୟର କୁଳପତିମାନଙ୍କର ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ସମୟରେ ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷ ଓ ଛାତ୍ରଛାତ୍ରୀମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ଏହି ବୁଝାମଣା ପତ୍ର ସ୍ୱାକ୍ଷର ମାଧ୍ୟମରେ ଓଡ଼ିଶାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବିକାଶ ହେବା ସହିତ ବିତ୍ତୀୟ ସାକ୍ଷାରତାରେ ମଧ୍ୟ ଅଭିବୃଦ୍ଧି ହେବ। ଏଥିସହିତ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ବିଭିନ୍ନ ନିଯୁକ୍ତି ସୁଯୋଗ ମଧ୍ୟ ପାଇପାରିବେ। ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ଆଜି ଉଚ୍ଚଶିକ୍ଷା ବିଭାଗ ଏବଂ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ୨ ପ୍ରକାର କୋର୍ସ ପ୍ରଦାନ କରାଯିବ ଯାହାକି ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବିକାଶ କରିବା ସହିତ ବିତ୍ତୀୟ ସାକ୍ଷାରତାକୁ ମଧ୍ୟ ବୃଦ୍ଧି କରିବ। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ବିତ୍ତୀୟ କ୍ଷେତ୍ରରେ ବିଭିନ୍ନ ନିଯୁକ୍ତି ସୁଯୋଗ ମଧ୍ୟ ପାଇପାରିବେ। କଳା, ବିଜ୍ଞାନ, ବାଣିଜ୍ୟ ଓ ବିଭିନ୍ନ ସ୍ନାତକ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଏହି କୋର୍ସ କରିପାରିବେ। କେବଳ କନ୍‌ଭେନ୍‌ସନାଲ୍ କ୍ୟାରିୟର ମଧ୍ୟରେ ସୀମିତ ନରହି ଏହା ଛାତ୍ରଛାତ୍ରୀମାନଙ୍କ ପାଇଁ ନୂତନ କ୍ୟାରିୟର ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରିବ। ବିଗତ ଦିନରେ ଉଚ୍ଚଶିକ୍ଷା ବିଭାଗ ସହ ବିଓପିଟି (ବୋର୍ଡ ଅଫ ପ୍ରାକ୍ଟିକାଲ ଟ୍ରେନିଂ) ଏବଂ ବିଏଫଏସଆଇ ସେକ୍ଟର ସ୍କିଲ କାଉନସିଲର ବୁଝମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା ଯାହା ମାଧ୍ୟମରେ ଛାତ୍ରଛାତ୍ରୀମାନେ ଅନେକ ଇଣ୍ଟରନସିପ୍ ଓ ନିଯୁକ୍ତି ସୁଯୋଗ ପାଇଛନ୍ତି। ଆଜି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ସହିତ ସ୍ୱାକ୍ଷରିତ ହୋଇଥିବା ବୁଝାମଣା ପତ୍ର ମଧ୍ୟ ଆଗାମୀ ଦିନରେ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅନେକ ସୁଯୋଗ ପ୍ରଦାନ କରିବ। ଏଥିସହ ଜାତୀୟ ଶିକ୍ଷା ନୀତି -୨୦୨୦ ଆଧାରରେ ଛାତ୍ରଛାତ୍ରୀଙ୍କ ବୈଷୟିକ ଦକ୍ଷତା ବିକାଶକୁ ସୁନିଶ୍ଚିତ କରାଯିବା ସହ ରାଜ୍ୟର ଶିକ୍ଷାକ୍ଷେତ୍ରର ସାମଗ୍ରିକ ବିକାଶ ହୋଇପାରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି।

## ବିଷ ପିଇ ପରିବାର ଶେଷ

ପାରଳାଖେମୁଣ୍ଡି,୧୬/୫: ଗଜପତି ଜିଲ୍ଲା ପାରଳାଖେମୁଣ୍ଡିରେ ବିଷ ପିଇ ଗୋଟିଏ ପରିବାରର ବାପା, ଝିଅ, ପୁଅଙ୍କର ମୃତ୍ୟୁ ଘଟିଛି। ଅଭିଯୋଗ ଅନୁସାରେ ପାରଳାଖେମୁଣ୍ଡି ପାରଳା ସାହିର ଶୁଭାଶିଷ ପାଣିଗ୍ରାହୀ ଗତକାଲି ନିଜ ପୁଅ ଝିଅଙ୍କୁ ବିଷ ପିଆଇବା ସହିତ ନିଜେ ବିଷ ପିଇ ଦେଇଥିଲେ। ଶୁଭାଶିଷ ଗତକାଲି ମଧ୍ୟାହ୍ନରେ ନିଜ ପୁଅ, ଝିଅଙ୍କୁ କୋଲ୍ଡଡ୍ରିଙ୍କସ୍‌ରେ ବିଷ ମିଶାଇ ପିଇବାକୁ ଦେଇ ନିଜେ ମଧ୍ୟ ପିଇଥିଲେ । ସମସ୍ତେ ଅସୁସ୍ଥ ହେବା ପରେ ସମ୍ପର୍କୀୟ ତିନି ଜଣଙ୍କୁ ଚିକିତ୍ସା ଲାଗି ତୁରନ୍ତ ପାରଳାଖେମୁଣ୍ଡି ଡାକ୍ତରଖାନା ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପୁଅ ବିଜୟାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ପରେ ସୁଭାଶିଷ ଏବଂ ପ୍ରିୟଦର୍ଶିନୀଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ଝିଅ ପ୍ରିୟଦର୍ଶିନୀଙ୍କର ମୃତ୍ୟୁ ହୋଇଥିଲା। ଗୁରୁବାର ସକାଳେ ଶୁଭାଶିଷଙ୍କର ମୃତ୍ୟୁ ହୋଇଛି। ପୁଅର ବୟସ ୮ ବର୍ଷ ହୋଇଥିବା ବେଳେ ଝିଅର ବୟସ ମାତ୍ର ୧୧ ବର୍ଷ। ପ୍ରାୟ ଦୁଇ ମାସ ତଳେ ଶୁଭାଶିଷଙ୍କ ପତ୍ନୀ ଶ୍ୱେତା ମଞ୍ଜୀରଙ୍କର ମଧ୍ୟ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିଲା। ବିଷ କ୍ରିୟାରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା।

### କୁଟ୍ ମୁଖ୍ୟ କାର୍ଯ୍ୟାଳୟକୁ ମନ୍ତ୍ରୀଙ୍କ ଗସ୍ତ ଓ ସମୀକ୍ଷା ବୈଠକ

## ବିନା ଟିକେଟ୍‌ଧାରୀ ଯାତ୍ରୀଙ୍କ ଉପରେ କଡ଼ା ନଜର

ଭୁବନେଶ୍ୱର,୧୬/୫: ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗର ମାନ୍ୟବର ମନ୍ତ୍ରୀ ଡାକ୍ତର କୃଷ୍ଣ ଚନ୍ଦ୍ର ମହାପାତ୍ର କୁଟ୍ ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ କରି ଏହାର କାର୍ଯ୍ୟକ୍ଷେତ୍ର, ଆଗାମୀଦିନରେ ଆରମ୍ଭ ହେବାକୁ ଯାଉଥିବା ନୂତନ ସେବା ଓ ଯୋଜନାଗୁଡ଼ିକର ସମୀକ୍ଷା କରିଛନ୍ତି। ଭିତ୍ତଭୂମି ବିକାଶ, ଆଠଟି ନୂତନ ସହରରେ ଆମ ବସ୍ ସେବାର ସମ୍ପ୍ରସାରଣ ଏବଂ ଡ଼ିଜିଟାଲ ମାଧ୍ୟମରେ କିପରି ଅଧିକ ଯାତ୍ରୀ ଟିକେଟ୍ କରିପାରିବେ ଏହା ଉପରେ ବ୍ୟାପକ ଆଲୋଚନା କରିଛନ୍ତି। କୁଟ୍ ପରିଚାଳନା ନିର୍ଦ୍ଦେଶକ ଡା. ତିରୁମାଲା ନାୟକ କଟକର ନରାଜ, ଭୁବନେଶ୍ୱରର ପୋଖରିପୁଟ, ରାଉରକେଲାର ଛେଣ୍ଡ, ବ୍ରହ୍ମପୁରର ହଳଦିଆପଦର, ଏବଂ ସମ୍ବଲପୁରରେ ଇଲେକ୍ଟ୍ରିକ୍ ଡିପୋ ନିର୍ମାଣର ଅଗ୍ରଗତି ବିଷୟରେ ମାନ୍ୟବର ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର, ବାରିପଦା, ଅନୁଗୁଳ ଏବଂ ଝାରସୁଗୁଡ଼ାରେ ଆମ ବସ୍ ସେବା ପରିଚାଳନା ପାଇଁ ସମ୍ପ୍ରସାରଣ ଯୋଜନା ବିଷୟରେ ବିସ୍ତୃତ ବିବରଣୀ ମଧ୍ୟ ପ୍ରଦାନ କରିଥିଲେ। ଗସ୍ତ ସମୟରେ, ଡକ୍ଟର ମହାପାତ୍ର କମାଣ୍ଡ ଆଣ୍ଡ୍ କଣ୍ଟ୍ରୋଲ ସେଣ୍ଟର ପରିଦର୍ଶନ କରିଥିଲେ। ଯେଉଁଠାରେ ସେ ଓଡ଼ିଶା ଯାତ୍ରୀ ଏବଂ କୁଟ୍ ପାଇଁ ରିଅଲ୍-ଟାଇମ୍ ବସ୍ ଟ୍ରାକିଂ, ଯାତ୍ରୀ ଅଭିଯୋଗ ସମାଧାନ ବ୍ୟବସ୍ଥା ପର୍ଯ୍ୟବେକ୍ଷଣ କରିଥିଲେ। ସେ ସମନ୍ୱିତ ପ୍ରଯୁକ୍ତିବିଦ୍ୟା-ଆଧାରିତ କାର୍ଯ୍ୟଗୁଡ଼ିକୁ ପ୍ରଶଂସା କରିଥିଲେ ଯାହା ଯାତ୍ରୀମାନଙ୍କ ଯାତ୍ରା ଅଭିଜ୍ଞତାକୁ ଉନ୍ନତ ଏବଂ କାର୍ଯ୍ୟକ୍ଷେତ୍ରରେ ସମସ୍ୟାର ତୁରନ୍ତ ପ୍ରତିକ୍ରିୟା ପ୍ରଦାନ କରିବାରେ ସହାୟକ ହେଉଛି। ଆମ ବସ୍‌ରେ ବିନା ଟିକେଟ୍‌ରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ଉପରେ କଡ଼ା ନଜର ରଖିବା ପାଇଁ ଗୁରୁତ୍ୱାରୋପ କରିଛନ୍ତି। ସେବା ଯୋଗାଇରେ ଉନ୍ନତି ଏବଂ କର୍ମଚାରୀଙ୍କ ପ୍ରେରଣା ବୃଦ୍ଧି ପାଇଁ, ଯାତ୍ରୀମାନଙ୍କ ମତାମତ



ଆଧାରରେ କି ପରଫର୍ମାନ୍ସ ଇଣ୍ଡିକେଟର (କେପିଆଇ) ପ୍ରୋତ୍ସାହନ ପ୍ରଚଳନ କରିବାକୁ ସୁପାରିଶ କରିଛନ୍ତି। ଏହା ସହିତ, ସେ ରାଜ୍ୟର ଚାରୋଟି ସରକାରୀ ଭାରୀଯାନ ଚାଳନା ତାଲିମ ପ୍ରତିଷ୍ଠାନରେ ସମସ୍ତ ଡ୍ରାଇଭରମାନଙ୍କ ପାଇଁ ବାଧ୍ୟତାମୂଳକ ରିଫ୍ରେସର ତାଲିମ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଯାତ୍ରୀମାନଙ୍କ ସହିତ ବୃତ୍ତିଗତ ଏବଂ ସୌଜନ୍ୟପୂର୍ଣ୍ଣ ପାରସ୍ପରିକ କ୍ରିୟା ସୁନିଶ୍ଚିତ କରିବା ପାଇଁ ଭୁବନେଶ୍ୱରର ଓଡ଼ିଶା ଅର୍ବାନ ଏକାଡେମୀରେ ଉନ୍ନତ ବ୍ୟବହାର ଓ ଆଚରଣଗତ ତାଲିମରେ ଅଂଶୀଭୁତ କରିବା ପାଇଁ କହିଛନ୍ତି। ମନ୍ତ୍ରୀ ଡିଜିଟାଲାଇଜେସନ୍ ପଦକ୍ଷେପଗୁଡ଼ିକର ସମୀକ୍ଷା ମଧ୍ୟ କରିଥିଲେ ଏବଂ ଏହି ବର୍ଷ ଶେଷ ସୁଦ୍ଧା ଅନ୍‌ଲାଇନ୍ ଟିକେଟିଂରେ ସମୁଦାୟ ଯାତ୍ରୀଙ୍କର ୫୦% ପର୍ଯ୍ୟନ୍ତ ଲକ୍ଷ୍ୟ ରଖି ଡିଜିଟାଲ୍ କାରବାର ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ, କୁଟ୍ କଟକ, ପୁରୀ, ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର ଏବଂ ସମ୍ବଲପୁରରେ ୧୦୬ଟି ରୁଟରେ ୫୬୦ଟି ଆମ ବସ୍ (୩୮୦ଟି ଡିଜେଲ୍ ଏବଂ ୧୮୦ଟି ଇଲେକ୍ଟ୍ରିକ୍ ବସ୍) ପରିଚାଳନା କରୁଛି, ଯାହା ଦୈନିକ ଲକ୍ଷାଧିକ ଯାତ୍ରୀଙ୍କୁ ସୁଲଭ ଏବଂ ନିର୍ଭରଯୋଗ୍ୟ ଯାତାୟତ ସେବା ଯୋଗାଇଆସୁଛି। କୁଟ୍ ଦ୍ୱାରା ଚଳାଚଳ କରୁଥିବା ସହରଗୁଡ଼ିକରେ ବସ୍ ମାଧ୍ୟମରେ ଯାତାୟତ ସେବାରେ ଉନ୍ନତି ଦିଗରେ ଏହାର ଭୂମିକା ଓ କୁଟ୍ ପକ୍ଷରୁ ଆରମ୍ଭ ହେବାକୁ ଥିବା ପଦକ୍ଷେପ ଯୋଗୁଁ ପ୍ରଶଂସା କରିବା ସହିତ ବିକଶିତ ଓଡ଼ିଶା ପାଇଁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ଓ ଦୃଷ୍ଟିକୋଣକୁ ପୁନରାବୃତ୍ତି କରିଛନ୍ତି। ଆଜିର ଏହି ସମୀକ୍ଷା ବୈଠକରେ କୁଟ୍ ମହା ପ୍ରବନ୍ଧକ (ଓଆଣ୍ଡଏମ୍) ଶ୍ରୀ ସଞ୍ଜୟ ବିଶ୍ୱାଳ ଏବଂ ମହା ପ୍ରବନ୍ଧକ (ପିଆଣ୍ଡ୍ଏ) ଶ୍ରୀ ସହଦେବ ସମଧିଆଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ବାରିପଦାଠାରେ ଆନ୍ତର୍ଜାତୀୟ ରେଡ କ୍ରସ ଦିବସ -୨୦୨୫ ପାଳିତ

ବାରିପଦା ,୧୬/୫: ବାରିପଦା ବାରିପଦା ଠାରେ ଆନ୍ତର୍ଜାତୀୟ ରେଡ କ୍ରସ ଦିବସ -୨୦୨୫ ପାଳିତ ହୋଇଯାଇଛି ! ଏହି ଅବସରରେ ସକାଳ ୮ ଘଟିକା ସମୟରେ ବାରିପଦା କ୍ଲବ ଠାରେ ଜିଲ୍ଲା ଜରୁରୀ କାଳୀନ କାର୍ଯ୍ୟାଳୟ ଓ ରେଡକ୍ରସ ର ସଦସ୍ୟ ବୃନ୍ଦ ଙ୍କ ମିଳିତ ସହଯୋଗରେ ଜିଲ୍ଲା ରକ୍ତ କେନ୍ଦ୍ର ର ଅଧିକାରୀ ଡ଼. ସୌମ୍ୟ ରଞ୍ଜନ ନାୟକ ଙ୍କ ତତ୍ୱାବଧାନରେ ଏକ ସ୍ୱେଚ୍ଛା କୃତ ରକ୍ତଦାନ ଶିବିର ଅୟୋଜିତ ହୋଇଥିଲା। ଉକ୍ତ ରକ୍ତଦାନ ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ ଓ ବାରିପଦା ଉପଜିଲ୍ଲାପାଳ ଡ଼.ଦୟାସିନ୍ଧୁ ପରିଡା ମୁଖ୍ୟ ଅତିଥି ଓ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀମତୀ ଶ୍ରଦ୍ଧା ସୁମନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ଉକ୍ତ ରକ୍ତଦାନ ଦାନ ଶିବିରରେ ୮ ଜଣ ମହିଳାଙ୍କ ସମେତ ସମୁଦାୟ ୫୯ ଜଣ ରକ୍ତଦାନ କରିଥିଲେ।ପରେ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଇଣ୍ଡିଆନ ରେଡକ୍ରସ ସୋସାଇଟି, ଜିଲ୍ଲା ଶାଖା, ମୟୁରଭଞ୍ଜ ଆନୁକୂଲ୍ୟରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀମତୀ ଶ୍ରଦ୍ଧା ସୁମନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ , ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରା ନନ୍ଦ ମଲ୍ଲିକ, ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ସାଧନ କର୍ମୀ ତଥା ଇଣ୍ଡିଆନ ରେଡକ୍ରସ ସୋସାଇଟି, ଜିଲ୍ଲା ଶାଖା, ମୟୁରଭଞ୍ଜ ର ଭାଇସ ପାଟ୍ରୋନ ଡ଼. ରମାକାନ୍ତ ମହାନ୍ତ ଏବଂ ସ୍ୱତନ୍ତ ଅତିଥି ଭାବେ ସମାଜସେବୀ ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜଳନ କରି ରେଡ କ୍ରସର ପ୍ରତିଷ୍ଠାତା ସାର ଜିନ ହେନେରୀ ଡୁନାଣ୍ଟଙ୍କ ଫୋଟ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ।ପ୍ରାରମ୍ଭରେ ଜିଲ୍ଲା ଜରୁରୀ କାଳୀନ ବିଭାଗର ଡେପୁଟି କଲେକଟର ଶ୍ରୀମତୀ ଶ୍ରଦ୍ଧା ସୁମନ ସ୍ୱାଗତ ଅଭିଭାଷଣ ପ୍ରଦାନ ସହିତ ଦିବସ ପାଳନ ର ଆଭିମୁଖ୍ୟ ସମ୍ପର୍କ ରେ ଆଲୋକପାତ କରିଥିଲେ।ମୁଖ୍ୟ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ତାଙ୍କ ଅଭିଭାଷଣ ରେ କହିଥିଲେ ଯେ ବିଶ୍ୱରେ ରେଡକ୍ରସ ହେଉଛି ସର୍ବଶ୍ରେଷ୍ଠ ସେବା ପ୍ରଦାନ କାରୀ ସଂସ୍ଥା,ଏହି ସଂସ୍ଥା ର ସେବା ଯୋଗାଇବାର ପରିଧି ସାରା ବିଶ୍ୱରେ ପରିବ୍ୟାପ୍ତ କାରଣ ଏହାର କାର୍ଯ୍ୟ କେବଳ ରକ୍ତ ଦାନରେ ସୀମିତ ନୁହେଁ ବରଂ ପ୍ରତ୍ୟେକ କ୍ଷେତ୍ରରେ ଯେମିତି କି ପ୍ରାକୃତିକ ବିପର୍ଯ୍ୟୟ ହେଉ କି ଆକସ୍ମିକ ଦୁର୍ଘଟଣା ହେଉ ବା ଯୁଦ୍ଧ ବିଭୀଷିକା ହେଉ ଯଦି କେହି ଅସୁବିଧାରେ ପଡୁଛି ତାଙ୍କୁ ସାହାଯ୍ୟ ଓ ସେବା ଯୋଗାଇବା ହେଉଛି ଏହାର ଧର୍ମ ଓ ତେଣୁ ସ୍ୱେଚ୍ଛାକୃତ ଭାବେ ନିଜ ପାର୍ଶ୍ୱରେ ଅସୁବିଧା ରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆଜିର ଦିବସରେ ଆମେ ସମସ୍ତେ ସଂକଳ୍ପ ବଦ୍ଧ ହେବା ପାଇଁ ଆହ୍ୱାନ ଜଣାଇଥିଲେ।ସେହିପରି ସମ୍ମାନିତ ଅତିଥି ଶ୍ରୀ ମଲ୍ଲିକ କହିଥିଲେ ଯେ ସ୍ୱାସ୍ଥ୍ୟ,ସେବା ଓ ବିଶ୍ୱ ବନ୍ଧୁତା ହେଉଛି ରେଡ କ୍ରସ ର ମୂଳ ଲକ୍ଷ୍ୟ. ସମସ୍ତଙ୍କ ଜୀବନ ମୂଲ୍ୟବାନ। ବହୁ ସମୟରେ ଏହି ମୂଲ୍ୟବାନ ଜୀବନକୁ ବଞ୍ଚାଇବା ପାଇଁ ରକ୍ତର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ହୋଇପଡ଼େ। ସମ୍ପ୍ରତି ଦେଶରେ ଯୁଦ୍ଧ ପରିସ୍ଥିତି ଦେଖା ଦେଇଥିବାରୁ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଯୁବ ସମାଜ ତଥା ଜନସାଧାରଣ ଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।ସେହିପରି ବିଶିଷ୍ଟ ଅତିଥି ଡ଼. ମହାନ୍ତ ସମ୍ପ୍ରତି ଦେଖା ଦେଇଥିବା ବାୟୁ ପ୍ରଦ୍ୟୁଷଣ ଏବଂ ଖାଦ୍ୟ ପ୍ରଦ୍ୟୁଷଣ ରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଉପାଦେୟ ମୂଳକ ଟିପ୍ସ ଉଲ୍ଲେଖ କରିଥିଲେ। ପରିବେଶବିତ ତଥା ରେଡ କ୍ରସର ଆଜୀବନ ସଦସ୍ୟ ଶ୍ରୀ ପଟ୍ଟନାୟକ, ପରିବେଶକୁ ସୁରକ୍ଷା କରିବା ପାଇଁ ଉତ୍ତମ ମାନସିକତା ସହ ଉପଯୁକ୍ତ ଗଛ ଉପଯୁକ୍ତ ସ୍ଥାନରେ ଲଗାଇ ଏହାର ଯତ୍ନ ନେବା ଆବଶ୍ୟକ ବୋଲି ତାଙ୍କ ବକ୍ତବ୍ୟ ରଖିଥିଲେ।

## ଆକାଶରେ ବାଦଲ ଦେଖାଦେଲେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ, ଉପଭୋକ୍ତା ଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

ମୁନିଗୁଡ଼ା,୧୬/୫: ଆକାଶରେ ବାଦଲ ଦେଖାଯିବା ମାତ୍ରେ ବିଦ୍ୟୁତ ବିଭାଗପକ୍ଷରୁ ବିଦ୍ୟୁତ କାଟ ହେଉଛି।ଥରେ ବିଦ୍ୟୁତ କାଟ ହେଲେ ବିଦ୍ୟୁତ କେତେବେଳେ ଆସିବ ତାହା କହିବା ମୁସ୍କିଲ ହୋଇ ପଡୁଛି। ତେବେ ଅମ୍ବାଦଳା ପେଡିଗୁଡ଼ା ନିକଟରେ ବିଦ୍ୟୁତ୍ ବିଭଗ ପକ୍ଷରୁ ନିର୍ମାଣ ହୋଇଥିବା ସବ ଷ୍ଟେସନ କାହା ସ୍ୱାର୍ଥରେ ବୋଲି ଲୋକେ ପ୍ରଶ୍ନ କରିଛନ୍ତି।ବିଦ୍ୟୁତ ବିଭାଗର ଦାୟିତ୍ୱ ହୀନତା ଯୋଗୁ ଏପରି ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ହେଉଥିବାରୁ ଉପଭୋକ୍ତା ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଦେଖାଦେଇଛି। ଅମ୍ବାଦଳା ,ଦହିଖାଲ ଅଞ୍ଚଳ ରେ ରହିଥିବା ବିଦ୍ୟୁତ କାର୍ଯ୍ୟାଳୟ ଅଧୀନରେ ଥିବା ଗ୍ରାମ ଗୁଡିକର ଉପଭୋକ୍ତା ମାନେ ଠିକ ଭାବରେ ବିଦ୍ୟୁତ ସେବା ପାଇବାରେ ବଞ୍ଚିତ ହେଉଛନ୍ତି। ବାରମ୍ବାର ବିଦ୍ୟୁତ କାଟ ର କାରଣ ବିଦ୍ୟୁତ ବିଭାଗର ଉଚ୍ଚ ଅଧିକାରୀଙ୍କୁ ପଚାରିଲେ ଅଧିକାରୀ ମାନେ ବିଦ୍ୟୁତ କାଟ ସମ୍ପର୍କରେ କୌଣସି ସଠିକ ତଥ୍ୟ ଦେଉନାହାନ୍ତି।ଏପଟେ ଉପଭୋକ୍ତା ମାନେ ବିଜୁଳି ନପାଇ କେତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ଥରୁଟିଏ ମଧ୍ୟ ଧ୍ୟାନ ଦେଉନାହାନ୍ତି ବିଦ୍ୟୁତ ବିଭାଗର ଉଚ ପଦାଧିକାରୀ। ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁଁ ଦିନ ସମୟରେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ରାତିରେ ଟିକେ ଆରାମ କରିବା କଷ୍ଟକର ହୋଇ ପଡୁଛି।ବିଦ୍ୟୁତ ବିଭାଗ ର ଦାୟିତ୍ୱହୀନତା ଯୋଗୁ ଆଜି ବ୍ୟାଙ୍କ ସେବା, ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକ ଅନେକ ସମୟରେ ଅସୁବିଧା ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ସେହିପରି ସନ୍ଧ୍ୟା ସମୟରେ ମଧ୍ୟ ଘନ ଘନ ବିଦ୍ୟୁତ କାଟ ହେଉଥିବାରୁ ପିଲାଙ୍କ ପାଠ ପଢ଼ାରେ ମଧ୍ୟ ଅନେକ ଅସୁବିଧା ସୃଷ୍ଟି ହେଉଛି ବୋଲି ଅଭିଭାବକ ମାନଙ୍କ ତରଫରୁ ଅଭିଯୋଗ ହେଉଛି। ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ବନ୍ଦ ନହେଲେ ଆଗାମୀ ଦିନରେ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ରାଜରାସ୍ତା କୁ ଓଲହାଇ୍ବା ସହ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ବିଭାଗ କୁ ଚେତାବନୀ ଦେଇଛନ୍ତି।

# ସୋଲାର ପ୍ରକଳ୍ପ ଅଚଳ ପମ୍ପ ଘର ଓ ପଞ୍ଚାୟତରେ ତାଲା ଠୁଙ୍କି ଧାରଣାରେ ବସିଲେ ମହିଳା



ମୁନିଗୁଡ଼ା,୧୬/୫: ଗ୍ରୀଷ୍ମ ଆରମ୍ଭରୁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ବୈଠକରେ ଯୁଦ୍ଧ କାଳୀନ ଭିତ୍ତିରେ ଜଳକଷ୍ଟ ଥିବା ସ୍ଥାନ ମାନଙ୍କରେ ଆବଶ୍ୟକ ସ୍ଥଳେ ନୂତନ ନଚେତ ମରାମତି କରି ଲୋକଙ୍କୁ ଜଳ ଯୋଗାଣ ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ରହିଥିବା ବେଳେ ମୁନିଗୁଡ଼ା ବ୍ଲକ ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖାଦେଇଛି।ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ୍ ଅମ୍ବାଦଳା ପଞ୍ଚାୟତ ପାଇକେ ସାହି ଓ ଗୌଡ ସାହିରେ ପାନୀୟଜଳ ସଂକଟ ଉକ୍ଟ ହୋଇଛି। ପାଣି ସମସ୍ୟାକୁ ନେଇ ମୁନିଗୁଡ଼ା ବିଡ଼ିଓ କୃଷ୍ଣ ଚନ୍ଦ୍ର ଦଳପତିଙ୍କୁ ଲିଖିତ ଅଭିଯୋଗ କରିବା ସହ ପଞ୍ଚାୟତ ଠାରୁ ଆରମ୍ଭ କରି ପାନୀୟ ଜଳ ଓ ପରିମଳ ବିଭାଗ ର ଦୃଷ୍ଟି ଆକର୍ଷଣ କରିଥିବା ବେଳେ ପାଇପ ଯୋଗେ ସାହିକୁ ପାନୀୟଜଳ ଯୋଗାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଦୀର୍ଘ ମାସ ଧରି ଜଳ ଯୋଗାଣ ନ ହେବାରୁ ଆଜି ସାହିର ମହିଳାମାନେ ଉତ୍ୟକ୍ତ ହୋଇ ପାନୀୟଜଳ ପ୍ରକଳ୍ପର ପମ୍ପ ହାଉସ୍ ଓ ପଞ୍ଚାୟତ କାର୍ଯ୍ୟାଳକୁ ତାଲା ପକାଇ ଦେଇଛନ୍ତି।ଏହି ସାହିରେ ୧୫୦ରୁ ଉର୍ଦ୍ଧ ପରିବାର ବାସ କରୁଥିବା ବେଳେ ୩ବର୍ଷ ହେଲା ସୋଲାର ପ୍ରକଳ୍ପ ଅଚଳ ହୋଇ ରହିଛି।ସାହିରେ ଥିବା ନଳକୂପରୁ ପାଣି ବାହାରୁ ନଥିବା ବେଳେ ବସୁଧା ଯୋଜନା ପମ୍ପ ଘରୁ ପାଣି ଯୋଗାଣ ଠପ୍ ହୋଇଛି। 'ବସୁଧା' ଯୋଜନାରେ ପାଇପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିବା ବେଳେ ଖରାଦିନେ ସାହିବାସୀ ପାଣି ଟୋପାଏ ପାଉନାହାନ୍ତି। ପାଇପ୍ ସଂଯୋଗ ହେଇ ନଥିବାରୁ ଏଭଳି ସମସ୍ୟା ହୋଇଥିବା ବେଳେ ପାଇପ୍ ସଂଯୋଗ ସାଙ୍ଗକୁ ସାହିରେ ନଳକୂପ ମରାମତି ପାଇଁ ବିଭିନ୍ନ ସମୟରେ ସାହିବାସୀ ଜଳ ଓ ପରିମଳ ବିଭାଗ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣକରିଥିଲେ। ପରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୁନିଗୁଡ଼ା ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ବ୍ଲକ ପ୍ରଶାସନ ପକ୍ଷରୁ କୌଣସ ପଦକ୍ଷେପ ଗ୍ରହଣ କରାନଯିବାରୁ ମହିଳାମାନେ ଉତ୍ୟକ୍ତ ହୋଇ 'ବସୁଧା' ପ୍ରକଳ୍ପର ପମ୍ପ ହାଉସ୍ ଓ ପଞ୍ଚାୟତ କାର୍ଯ୍ୟାଳୟ ରେ ତାଲା ଠୁଙ୍କି ଥିବା ଦେଖିବାକୁ ମିଳିଥିଲା। ସାହିର ଶତାଧିକ ମହିଳା ଗରା, ମାଠିଆ ଧରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟ ର ବିଭିନ୍ନ ସରକାରୀ କାର୍ଯ୍ୟ ଆଜି ୬ ଘଣ୍ଟା ଧରି ବନ୍ଦ ରହିଥିଲା। ଘଟଣା ସ୍ଥଳରେ ଅମ୍ବାଦଳା ପଞ୍ଚାୟତ ନିର୍ବାହୀ ଅଧିକାରୀ ସନ୍ୟାସୀ ଟାକ୍ରି ପହଞ୍ଚି ଉତ୍ୟକ୍ତ ମହିଳା ମାନଙ୍କୁ ବୁଝା ସୁଝା କରିଥିଲେ ସୁଦ୍ଧା ସେମାନେ ପାଣି ନମିଳିଲେ ଧାରଣାରୁ ଉଠିବୁ ନାହଁ ବୋଲି ଜଣାଇଥିଲେ।ତେବେ ବିଭିନ୍ନ ମୌଳିକ ସୁବିଧା ଭତା ହେଉ କିମ୍ବା ଚାଉଳ ପାଇଁ ଆସୁଥିବା ହିତାଧିକାରୀ ମାନେ ପଞ୍ଚାୟତ କାର୍ଯ୍ୟାଳୟ ଆସି ଫେରିବା ସହ ଧାରଣାରେ ବସିଥିବା ମହିଳା ମାନଙ୍କ ସହ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ବ୍ଲକ ପ୍ରଶାସନର ଅବହେଳା ଯୋଗୁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅମ୍ବାଦଳା ସରପଞ୍ଚ ଚଞ୍ଚଳା ମାଝି ଜଣାଇଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟକୁ ମହିଳା ମାନେ ତାଲା ଠୁଙ୍କି ୬ ଘଣ୍ଟା ଧରି ଧାରଣାରେ ବସିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ପାଣି ଟାଙ୍କି ଗାଁରେ ପହଞ୍ଚିବା ସହ ନଳକୂପ ସଜଡ଼ା ଯାଇଥିଲା।

# ସଂପାଦକୀୟ

## 'ଭାରତ ଯୋଡ଼ୋ'

ଆମ ଦେଶର ସର୍ବବୃହତ୍ ରାଜନୈତିକ ଦଳ କଂଗ୍ରେସର ଯୁବ ଚେହେରା ତଥା ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା 'ଭାରତ ଯୋଡ଼ୋ' କୁ ୧୦୮ ଦିନ ପୂରିଥିବାବେଳେ ଏହା ଜାତୀୟ ରାଜଧାନୀ ଦିଲ୍ଲୀଠାରେ ପହଞ୍ଚିଛି। ଭାରତର ଦକ୍ଷିଣ ସୀମାନ୍ତବର୍ତ୍ତୀ କନ୍ୟାକୁମାରୀଠାରୁ ଗତ ସେପ୍ଟେମ୍ବର ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଉତ୍ତର ସୀମାନ୍ତର କାଶ୍ମୀର ପର୍ଯ୍ୟନ୍ତ ଯିବାର କାର୍ଯ୍ୟକ୍ରମ ରହିଛି ଓ ସମୁଦାୟ ଯାତ୍ରାର ଅବଧି ୧୫୦ ଦିନ ରଖାଯାଇଛି। ଶନିବାର ହରିଆନାର ଫରିଦାବାଦ୍‌ର ଦଳୀୟ ନେତା ଓ କର୍ମୀଙ୍କ ସହ ପଦଯାତ୍ରାରେ ଆସି ରାହୁଲ ଦିଲ୍ଲୀ ସୀମାରେ ପ୍ରବେଶ କରିବା ବେଳେ ପଦଯାତ୍ରୀ ଦଳଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ତାଙ୍କର ମାତା ସୋନିଆ ଗାନ୍ଧୀ, ଭଉଣୀ ପ୍ରିୟଙ୍କା ଓ ଦଳର ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କଠାରୁ ଆରମ୍ଭ କରି ଅଭିନେତାରୁ ରାଜନେତା ପାଲଟିଥିବା କମଲ୍ ହାସନ୍‌ଙ୍କ ପର୍ଯ୍ୟନ୍ତ ବହୁ ବ୍ୟକ୍ତି ତାଙ୍କୁ ସ୍ୱାଗତ ଜଣାଇବାକୁ ଉପସ୍ଥିତ ଥିଲେ। 'ଭାରତ ଯୋଡ଼ୋ' ଯାତ୍ରା ଦୁର୍ବଳ ଅବସ୍ଥାରେ ଥିବା କଂଗ୍ରେସ ସଂଗଠନକୁ କେତେଦୂର ଲାଭବାନ୍ କରାଇବ, ତାହା ଆଜିଠାରୁ ଆକଳନ କରିବା ସମ୍ଭବପର ନୁହେଁ। ତଥାପି ଦଳୀୟ କର୍ମୀ ଓ ନେତାମାନଙ୍କ ମନୋବଳ ବୃଦ୍ଧି କରିବାରେ ଏହା ଯେ ଯଥେଷ୍ଟ ସହାୟକ ହେଉଛି, ଏଥିରେ ସନ୍ଦେହ ନାହିଁ। କାରଣ ବର୍ତ୍ତମାନ ସୁଦ୍ଧା ଯେଉଁ ୯ଟି ରାଜ୍ୟ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇଛନ୍ତି, ସବୁଠାରେ ଦଳୀୟ କର୍ମୀଙ୍କ ସହ ସାଧାରଣ ଜନତା ଏଥିପ୍ରତି ବିପୁଳ ସମର୍ଥନ ଜଣାଉଥିବାର ଲକ୍ଷ୍ୟ କରାଯାଉଛି। ସମାଜର ବିଭିନ୍ନ ବର୍ଗର ଅନେକ ଜଣାଶୁଣା ବ୍ୟକ୍ତି ବିଭିନ୍ନ ସମୟରେ କିଛି ସମୟ ପାଇଁ ହେଉପଛେ, ରାହୁଲଙ୍କ ସହ ଏହି ପଦଯାତ୍ରାରେ ଯୋଗ ଦେଇଛନ୍ତି। 'ଭାରତ ଯୋଡ଼ୋ' ଅଭିଯାନକୁ ସିଧାସଳଖ ଏକ ରାଜନୈତିକ କାର୍ଯ୍ୟକ୍ରମର ରୂପ ନ ଦେଇ ରାହୁଲ ଏହା ପ୍ରେମ ଓ ଭାଇଚାରା ଭାବର ପ୍ରସାର ପାଇଁ ଉଦ୍ଦିଷ୍ଟ ବୋଲି ମତ ରଖିଛନ୍ତି। ଦେଶରେ ଅସ୍ଥିରତା ସୃଷ୍ଟି ଏବଂ ଅସହିଷ୍ଣୁତା ବୃଦ୍ଧି ପାଇଁ ଯେଉଁ ଉଦ୍ୟମ ଚାଲିଛି ଏବଂ ଧର୍ମ ଭିତ୍ତିରେ ଦେଶକୁ ବିଭାଜିତ କରିବାର ଯେଉଁ ବିପଜ୍ଜନକ ଚିନ୍ତାଧାରା ମୁଣ୍ଡ ଟେକିଛି, ତାକୁ ପ୍ରତିହତ କରିବା ଏହି ଯାତ୍ରାର ମୂଳ ଉଦ୍ଦେଶ୍ୟ ବୋଲି ଦଳ ପକ୍ଷରୁ ଦର୍ଶାଯାଇଛି। ଭାରତର ଏକତା ଓ ଅଖଣ୍ଡତାର ସୁରକ୍ଷା ପାଇଁ କଂଗ୍ରେସ ଦଳର ସଂକଳ୍ପକୁ ରାହୁଲ ଗାନ୍ଧୀ ବିଭିନ୍ନ ରାଜ୍ୟର ଜନ ସମାଗମରେ ଦୋହରାଇବା ସଙ୍ଗେ ସଙ୍ଗେ ବିଭାଜନକାରୀ ଓ ସାମ୍ପ୍ରଦାୟିକ ଶକ୍ତିଙ୍କ ଚକ୍ରାନ୍ତ ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଜାତୀୟ ରାଜଧାନୀରେ ପଦଯାତ୍ରା ପ୍ରବେଶ କରିବା ପରେ ଲାଲକିଲ୍ଲାଠାରେ ଆୟୋଜିତ ଏକ ଜନ ସମାବେଶରେ ରାହୁଲ ଗାନ୍ଧୀ ଦେଶରେ ମୁଣ୍ଡ ଟେକିଥିବା ବେକାରୀ ଓ ମୁଦ୍ରାସ୍ଫୀତି ଆଦି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହିସବୁ ମୌଳିକ ଜୀବନମରଣ ସମସ୍ୟାଠାରୁ ଲୋକଙ୍କ ଧ୍ୟାନ ହଟାଇବାକୁ ଧାର୍ମିକ ବିଦ୍ୱେଷର ସାହାରା ନିଆଯାଉଛି ବୋଲି ସେ ଅଭିଯୋଗ କରିଥିଲେ। କଂଗ୍ରେସ ଦଳର ସାମ୍ପ୍ରତିକ ସ୍ଥିତିକୁ ଅନୁଧ୍ୟାନ କଲେ ନିଃସନ୍ଦେହରେ କୁହାଯାଇପାରିବ ଯେ ଏହି ପୁରାତନ ସଂଗଠନ ବର୍ତ୍ତମାନ ଅସ୍ତିତ୍ୱ ସଙ୍କଟର ସମ୍ମୁଖୀନ ହୋଇଛି ଏବଂ ଦିନକୁ ଦିନ ଲୋକଙ୍କଠାରୁ ଦୂରେଇ ଯାଉଛି। ଦେଶବ୍ୟାପୀ ଦଳୀୟ ନେତା ଓ କର୍ମୀମାନଙ୍କ ମଧ୍ୟରେ ନିରୁତ୍ସାହ ଭାବ ଦେଖାଦେଇଛି। ଏକଦା ହିମାଳୟ ଠାରୁ କୁମାରିକା ପର୍ଯ୍ୟନ୍ତ ଅଖଣ୍ଡ ଆଧିପତ୍ୟ ବିସ୍ତାର କରିବା ସହିତ ସର୍ବାଧିକ ସମୟ କ୍ଷମତାରେ ଥିବା ଏହି ସଂଗଠନ ଏବେ କେବଳ ତିନିଟି ରାଜ୍ୟରେ ଶାସନ କ୍ଷମତାରେ ରହିଛି। ଦଳର ଏଭଳି 'କର ବା ମର' ସ୍ଥିତିରେ ରାହୁଲ ଗାନ୍ଧୀଙ୍କ ଦେଶବ୍ୟାପୀ 'ଭାରତ ଯୋଡ଼ୋ' ଅଭିଯାନ ଭବିଷ୍ୟତ ପାଇଁ କିଛିଟା ଆଶା ସଞ୍ଚାର କରିବା ସ୍ୱାଭାବିକ। ଆଗାମୀ ୨୦୨୪ ମସିହା ସାଧାରଣ ନିର୍ବାଚନ ପୂର୍ବରୁ ଏହା ଅନ୍ତତଃ ରାହୁଲଙ୍କ ପାଇଁ ଏକ ଜାତୀୟ ଭାବମୂର୍ତ୍ତି ସୃଷ୍ଟି କରିପାରିଛି।

# 'ଶ୍ରୀ ଅନୁକୂଳଂ ଶରଣଂ ଗଚ୍ଛାମି'

ଡା. ଉମେଶଚନ୍ଦ୍ର ପାତ୍ର

ଆଦର୍ଶ ମାନେ ସହଜ କଥାରେ ଏଭଳି ଜଣେ ଜୀବନ୍ତ ମନୁଷ୍ୟ ଯିଏ ତାଙ୍କର ପ୍ରିୟପରମଙ୍କର ଅକାଟ୍ୟ ପ୍ରୀତି ଓ ଖାତିରରେ ପାରିପାର୍ଶ୍ୱିକର ସେବା ସାହଚର୍ଯ୍ୟ, ସମବେଦନା ସହକାରେ ବଞ୍ଚିବା ଓ ବଢ଼ି ଉଠିବାକୁ ଉଦ୍ଦୀପ୍ତ କରନ୍ତି, ଏକ ସହଜ ଉନ୍ମାଦନା ଓ ଦୁଃଖ କଷ୍ଟକୁ ଭ୍ରୂକ୍ଷେପ ନକରି ତାଙ୍କର ପ୍ରିୟଙ୍କୁ ପ୍ରତିଷ୍ଠା କରନ୍ତି, ଆଉ ତାଙ୍କ ଭିତର ଦେଇ ମନୁଷ୍ୟ ତାର ଜୀବନ ଓ ବୃଦ୍ଧିର ପଥ ପାଏ ଓ ସେ ପଥକୁ ସହଜ ଓ ଅତୁଟ ଭାବରେ ଆଲିଙ୍ଗନ କରେ । ଆଦର୍ଶମାନେ କୌଣସି ଅମୂର୍ତ୍ତ ଭାବ ନୁହେଁ । ଆଉ ଯିଏ ଆଦର୍ଶ ବା ଗୁରୁ ହେବେ ତାଙ୍କର ମଧ୍ୟ ଗୁରୁ ଥିବା ଆବଶ୍ୟକ । ନିଷ୍ଠାର ସହିତ ଗୁରୁଙ୍କୁ ଅନୁସରଣ କରିବାର ଭିତର ଦେଇ ମନୁଷ୍ୟର ବୃତ୍ତି ପ୍ରବୃତ୍ତିଗୁଡ଼ିକ ସୁନିୟନ୍ତ୍ରିତ ହୁଏ ଓ ତା ଭିତରେ ଅଖଣ୍ଡ ବ୍ୟକ୍ତିତ୍ୱର ପ୍ରତିଷ୍ଠା ହୁଏ । ଆଉ ଏହା ଯାହାର ହୋଇନାହିଁ ସେ କେବେ ଆଦର୍ଶ ବା ଗୁରୁପଦବାଚ୍ୟ ହେବେ ନାହିଁ । ବିକେନ୍ଦ୍ରିକ ଯିଏ, ସେ ଯେତେ ଗୁଣ ସମ୍ପନ୍ନ ହୁଅନ୍ତୁ ନା କାହିଁକି, ସେ କୌଣସି ସମୟରେ ଅନୁସରଣୀୟ ନୁହଁନ୍ତି। ଆଦର୍ଶ ହୁଅନ୍ତି ବୈଶିଷ୍ଟ୍ୟପାଳୀ ଓ ଆପୂରୟମାଣ । ପ୍ରତ୍ୟେକଙ୍କର ସହଜାତ ବୈଶିଷ୍ଟ୍ୟକୁ ସେ ପାଳନ ପୋଷଣ କରନ୍ତି । ପ୍ରତ୍ୟେକଙ୍କର ସ୍ୱଭାବଗତ ସ୍ୱାତନ୍ତ୍ର୍ୟକୁ ସେ ସଂରକ୍ଷଣ କରି ଚଳନ୍ତି । କୌଣସି ବ୍ୟକ୍ତିଙ୍କ ଭାବରେ ସେ ବ୍ୟାଘାତ କରନ୍ତି ନାହିଁ । ପୂର୍ବତନ ଋଷି, ମହାପୁରୁଷ, ପ୍ରେରିତ ବା ଅବତାର ପୁରୁଷଙ୍କ ସହିତ ତାଙ୍କର କୌଣସି ବିରୋଧ ନାହିଁ ବରଂ ସେ ସମସ୍ତଙ୍କୁ ପରିପୂରଣ କରନ୍ତି । ସେ କେବେ ଏକାଦେଶଦର୍ଶୀ ହୁଅନ୍ତି ନାହିଁ । ବ୍ୟଷ୍ଟିଗତ ଓ ସମଷ୍ଟିଗତ ଜୀବନର ସର୍ବାଙ୍ଗୀନ ଓ ସାମଗ୍ରିକ ପରିପୂରଣ ଓ ଉନ୍ନୟନ ହିଁ ତାଙ୍କର ଲକ୍ଷ୍ୟ । ସେ କେବେ ଗଣ୍ଡୀସ୍ୱାର୍ଥୀ ହୁଅନ୍ତି ନାହିଁ । ସେ ସମସ୍ତଙ୍କର ସ୍ୱାର୍ଥରେ ସ୍ୱାର୍ଥାନ୍ୱିତ, ତେଣୁ ସମସ୍ତଙ୍କର ମିଳନ ତୀର୍ଥ । ପ୍ରତ୍ୟେକଙ୍କର କଲ୍ୟାଣ ହିଁ ତାଙ୍କର ଆତ୍ମ କଲ୍ୟାଣ । କୌଣସି ପ୍ରକାର ସାମ୍ପ୍ରଦାୟିକ ଭେଦବୁଦ୍ଧି ତାଙ୍କ ପାଖରେ ସ୍ଥାନ ପାଏ ନାହିଁ, ବରଂ ବିଭିନ୍ନ ସମ୍ପ୍ରଦାୟ ଓ ଦଳର ଲୋକ ଗୁରୁଙ୍କର ପ୍ରଭାବରେ ଐକ୍ୟବଦ୍ଧ ହେବାର ପ୍ରେରଣା ପାଆନ୍ତି । ତାଙ୍କ ପାଖକୁ ଗଲେ ପୂର୍ବତନ ଋଷି ମହାପୁରୁଷଙ୍କ ପ୍ରତି ମନୁଷ୍ୟର ଶ୍ରଦ୍ଧା ସଞ୍ଜୀବିତ ହୁଏ । ପ୍ରତ୍ୟେକଙ୍କର ଧର୍ମନିଷ୍ଠା ଆବେଗପ୍ରବୃଦ୍ଧ ହୁଏ । ଧର୍ମାନ୍ତରୀକରଣକୁ ସେ ସ୍ଥାନ ଦିଅନ୍ତି ନାହିଁ । ବରଂ ବୈଶିଷ୍ଟ୍ୟସ୍ଫୁରଣୀ, ଆତ୍ମଶକ୍ତି ଉଦ୍‌ବୋଧନୀ, ଦକ୍ଷତାଦୀପନୀ ଓ ବିଜ୍ଞାନସମ୍ମତ ଦୀକ୍ଷା ପ୍ରଥା ସେ ପ୍ରବର୍ତ୍ତନ କରନ୍ତି । ତାଙ୍କର କହିବା, ଭାବିବା ଓ କରିବାର ମଧ୍ୟରେ କୌଣସି ଅମେଳ ନଥାଏ । ତାଙ୍କର ବାଣୀ, ନୀତି ଓ ଉପଦେଶ ତାଙ୍କର ଜୀବନ ଓ ଆଚରଣରେ ପ୍ରତିଫଳିତ ହୁଏ । ଏକ କଥାରେ ସେ ହେଉଛନ୍ତି ଆଚରଣ ସିଦ୍ଧ ଆଚାର୍ଯ୍ୟ । ସ୍ଥୂଳ, ସୂକ୍ଷ୍ମ ଓ କାରଣ-ସତ୍ୟର ଏହି ତିନି ଭୂମି ସମ୍ବନ୍ଧରେ ତାଙ୍କର ସାମଗ୍ରିକ ପ୍ରତ୍ୟକ୍ଷ ଅନୁଭୂତି, ଅଭିଜ୍ଞତା ଓ ଅଧିଗତି ରହିଛି । ସେ ସତ୍ୟ, ରଜ ଓ ତମଃ - ଏହି ତିନି ଗୁଣର ସାତ୍ୱତ ବିନିଯୋଗ ଓ ବିନ୍ୟାସ କରନ୍ତି। ସେ ତଥାକଥିତ ଅଲୌକିକତାର ଆଶ୍ରୟ ଗ୍ରହଣ ନକରି ଭକ୍ତି, ଜ୍ଞାନ ଓ କର୍ମଶକ୍ତିର ଉଦ୍‌ବୋଧନରେ ମନୁଷ୍ୟକୁ ଯୋଗ୍ୟତର ଓ ଉନ୍ନତତର କରି ତୋଳନ୍ତି।

ତାଙ୍କର ସମଗ୍ର ଭାବଧାରା ଓ କର୍ମଧାରା ଏକ ସୂତ୍ରସମ୍ମତ ଓ ସତ୍ତାପୋଷଣୀ । ତାଙ୍କ ଜୀବନର ପ୍ରତିଟି ପଦକ୍ଷେପ ଧାରଣ-ପାଳନ-ପୋଷଣ ସମ୍ବେଗ ପ୍ରବୁଦ୍ଧ । ସେ ଅଚ୍ୟୁତ ଯୋଗଯୁକ୍ତ, ତ୍ରିକାଳଜ୍ଞ, ତତ୍ତ୍ୱଦର୍ଶୀ ଓ ଅଭ୍ରାନ୍ତ। ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖି ସାତ୍ୱତ ବିବର୍ତ୍ତନକୁ ପ୍ରଗତିଶୀଳ କରି ତୋଳିବାର ପ୍ରୟାସ ସେ କରନ୍ତି । ସାତ୍ୱତ କୃଷ୍ଟି, ଐତିହ୍ୟ, ସଂସ୍କାର ଓ ପ୍ରଥାକୁ ସେ କେବେ ଅବଜ୍ଞା କରନ୍ତି ନାହିଁ ବରଂ ସେଗୁଡ଼ିକୁ ଆହୁରି ସନ୍ଦୀପ୍ତ କରି ଉଠାନ୍ତି । ସେ ସହାନୁଭୂତିଶୀଳ, ସେବାନିରତ, ସହଜ ପ୍ରେମିକ ମଣିଷ । ଭକ୍ତି, ଜ୍ଞାନ ଓ କର୍ମର ସଲୀଳ ସଙ୍ଗତି ଓ ସମନ୍ୱୟ ତାଙ୍କ ଭିତରେ ପରିଲକ୍ଷିତ ହୁଏ । ଜୀବନକୁ ସେ କେବେ ଅସ୍ୱୀକାର କରନ୍ତି ନାହିଁ, ବରଂ ଜୀବନକୁ ଉତ୍ସମୁଖୀ କରି ଷୋଡ଼ଶକଳାରେ ବର୍ଦ୍ଧନମୁଖୀ କରି ଉଠାଇବା ହିଁ ତାଙ୍କର ଅଦମ୍ୟ ତପସ୍ୟା । ତାଙ୍କର ଅସତ୍‌ନିରୋଧୀ ପ୍ରବୃତ୍ତି ତାଙ୍କୁ କ୍ଷୟ ଓ ମୃତ୍ୟୁର ବିରୁଦ୍ଧରେ ଅଭିଯାନ ମୁଖର କରି ଉଠାଏ। ସେ ସମସ୍ତଙ୍କୁ ଏକାକାର କରନ୍ତି ନାହିଁ, ବା ବଡ଼କୁ ଛୋଟ କରିବାକୁ ଚାହାଁନ୍ତି ନାହିଁ ବରଂ ଛୋଟକୁ ବଡ଼ ଓ ବଡ଼କୁ ଆହୁରି ବଡ଼ କରି ଉଠାନ୍ତି ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାର ବୈଶିଷ୍ଟ୍ୟାନୁଯାୟୀ ବ୍ରାହ୍ମୀ ବିବର୍ତ୍ତନ ପଥରେ ପରିଚାଳିତ କରନ୍ତି । ପରମପୁରୁଷ ବ୍ୟକ୍ତି ସ୍ୱାର୍ଥକୁ ବାଦ ଦିଅନ୍ତି ନାହିଁ, କିନ୍ତୁ ବ୍ୟକ୍ତିକୁ ଇଷ୍ଟ ଓ ପରିବେଶର ସେବା ମାଧ୍ୟମରେ ବଡ଼ରୁ ଆହୁରି ବଡ଼କୁ ନେଇଯାଆନ୍ତି । ମନୁଷ୍ୟର ବୃତ୍ତି ପ୍ରବୃତ୍ତିର ଅସ୍ୱୀକାର, ଅବଦମନ ବା ପ୍ରଶୟ କୌଣସିଟିକୁ ସେ ପସନ୍ଦ କରନ୍ତି ନାହିଁ, ବରଂ ସେଗୁଡ଼ିକର ସୁକେନ୍ଦ୍ରିକ ସତ୍ତାସମ୍ବର୍ଦ୍ଧନୀ ବିନ୍ୟାସ ଓ ନିୟନ୍ତ୍ରଣ ମାଧ୍ୟମରେ ମନୁଷ୍ୟକୁ ଶୁଦ୍ଧ, ବୁଦ୍ଧ ଓ ମୁକ୍ତ କରି ଉଠାଇବା ହିଁ ତାଙ୍କର ଏକାନ୍ତ ଲକ୍ଷ୍ୟ । ପ୍ରକୃତ ଆଦର୍ଶ ହିଁ ଈଶ୍ୱରଙ୍କର ବ୍ୟକ୍ତ ପ୍ରତୀକ । ଯୁଗାବତାର କଳ୍କୀ ବିଗ୍ରହ ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯଥାର୍ଥରେ କହିଛନ୍ତି - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍ ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।

# ଚୀନରେ ବିଦ୍ରୋହ, ତାୱାଙ୍ଗରେ ଗାତ୍ରଦାହ

ସୌମେନ୍ଦ୍ର ଜେନା

ଅରୁଣାଚଳ ପ୍ରଦେଶର ତାୱାଙ୍ଗ ନିକଟସ୍ଥ ସୀମାରେ ଚୀନ ସେନାଙ୍କ ନଖରାମୀପୂର୍ଣ୍ଣ କାର୍ଯ୍ୟକଳାପକୁ ନେଇ ଏବେ ବିଶ୍ୱରେ ଚର୍ଚ୍ଚା ଜାରି ରହିଛି । ଡିସେମ୍ବର ମାସ ୯ ତାରିଖ ରାତିରେ ୪୫ମିନିଟ୍ ଧରି ଚୀନସେନା ଭାରତର ସୀମାରେ ପ୍ରବେଶ କରିବାକୁ ନଖରାମୀ କରିଥିଲେ । ସମୁଦ୍ର ପତ୍ତନରୁ ୫୧୮୦ ମିଟର ଉଚ୍ଚରେ ଥିବା ତାୱାଙ୍ଗର ବମ୍-୬ ଶୃଙ୍ଗ ଉପରେ ଚୀନର ଦୃଷ୍ଟି ରହିଛମି । ଏମିତି ଝଗଡା ୨୮ ସେପ୍ଟେମ୍ବର ୨୦୨୧ରେ ମଧ୍ୟ ହୋଇଥିଲା । ୪୪୨୦ ମିଟର ଉଚ୍ଚରେ (ସମୁଦ୍ର ପତ୍ତନରୁ)ଥିବା ବୋମ୍ -୬ ଶୃଙ୍ଗ ପବିତ୍ର ୧୦୮ ଜଳପ୍ରପାତର ଉତ୍ତର ଭାଗରେ ରହିଛି । ପ୍ରବଳ ତୁଷାରପାତ ହେବା ସମୟରେ ଏହି ଅଞ୍ଚଳରେ ସାଧାରଣ ପାଟ୍ରୋଲିଂ ହୋଇନଥାଏ । ତିବ୍ବତ ଏବଂ ଅରୁଣାଚଳ ପ୍ରଦେଶକୁ ଏକଦା ଶାସନ କରୁଥିବା ବୋନ୍‌ପା ସଂପ୍ରଦାୟର ଜଣେ ପ୍ରମୁଖ ଗୁରୁ ଏବଂ ଓଡିଆ ବୌଦ୍ଧ ଗୁରୁ ପଦ୍ମସମ୍ଭବଙ୍କ ପ୍ରୟାସକ୍ରମେ ଉକ୍ତ ୧୦୮ ଜଳପ୍ରପାତର ସୃଷ୍ଟି ହୋଇଛି ବୋଲି ବୌଦ୍ଧମାନଙ୍କର ବିଶ୍ୱାସ ରହିଛି। ତିବ୍ବତୀୟ ବୌଦ୍ଧଧାରାର ସବୁଠୁ ବଡ ସନ୍ଥ ଥିଲେ ଓଡିଆଗୁରୁ ପଦ୍ମସମ୍ଭବ । ଏହି ପବିତ୍ରସ୍ଥଳୀକୁ ଅରୁଣାଚଳ ଓ ତିବ୍ବତର ଲୋକେ ଭକ୍ତି ପ୍ରଦର୍ଶନ କରିଥାନ୍ତି । ତେବେ ବୋମ୍ -୬ ଗିରିଶୃଙ୍ଗ ଭାରତର ସୀମାରେ ଥିଲାବେଳେ ଜଳପ୍ରପାତଗୁଡିକ ମଧ୍ୟ ଭାରତର ସୀମାରେ ରହିଛନ୍ତି। ପାହାଡର ଅପରପାର୍ଶ୍ୱରେ ଚୀନ ସୀମାରେ ଆଧୁନିକ ଜନବସତି ଚୀନ ସରକାର ନିର୍ମାଣ କରିଛନ୍ତି। ଅତୀତରେ ଏହି ପାହାଡଟିକୁ ଦଖଲକୁ ନେବାକୁ ଚୀନ ସେନା ଅନେକବାର ପ୍ରୟାସ କରିଛନ୍ତି। ମାକ୍ ମୋହନ ସୀମାରେଖାକୁ ନିଜ ଇଚ୍ଛାନୁଯାୟୀ ଚୀନ ସରକାର ବଦଳାଇବା ପାଇଁ ଚାହୁଁଛି । ତେଣୁ ଜନବସତି ବା ଜିଆକୋଙ୍ଗ୍‌ଗୁଡିକ ସୀମାରେ ବସାଇ ଆଗକୁ ଆଗକୁ ମାଡିଯିବା ଲାଗି ଯୋଜନା କରୁଛି । ଅରୁଣାଚଳସ୍ଥିତ ମାକ୍ ମୋହନ ଲାଇନ ସୀମା ନିକଟସ୍ଥ ନାମଖା ଚୁ, ସୁମଡ୍ରୋଙ୍ଗ ଚୁ, ଏସାଫିଲ୍ଲା, ଲଙ୍ଗ ଜୁ, ଫିସ୍‌ଟେଲ -୧ ଓ ୨, ଡି ଚୁକୁ କେନ୍ଦ୍ରକରି ଦୁଇପକ୍ଷଙ୍କ ମଧ୍ୟରେ ବିବାଦ ରହିଛି । ଆଗାମୀ ଦିନରେ ୧୭ତମ ଦ୍ୱିପାକ୍ଷିକ କମାଣ୍ଡର ସ୍ତରୀୟ ବୈଠକ ହେବା ପୂର୍ବରୁ ଏ ପ୍ରକାର ଉଦ୍ୟମ ନିନ୍ଦନୀୟ ନିଶ୍ଚୟ ।

ଦୀର୍ଘ ବର୍ଷ ହେବ ଚୀନ ପକ୍ଷରୁ ତାୱାଙ୍ଗକୁ ହାତେଇବା ପାଇଁ ପ୍ରୟାସ କରାଯାଇଆସିଛି । ୭ ମାର୍ଚ୍ଚ ୨୦୦୭ରେ ବେଜିଂରେ ନେସନାଲ ପିପୁଲ୍ସ କଂଗ୍ରେସ ଚାଲିଥିଲା ବେଳେ ସାମ୍ବାଦିକଙ୍କୁ ଦୈନିକ ସାକ୍ଷାତ ବେଳେ ଚାଇନା ଇନ୍‌ଷ୍ଟିଚ୍ୟୁଟ ଅଫ୍ କନ୍‌ଟେମ୍ପୋରାରୀ ଇଣ୍ଟରନେସନାଲ ରିଲେସନ୍ସର ଗବେଷକ ପ୍ରଫେସର ମାଜିଆଲି କହିଥିଲେ, 'ଗତ ତିନିବର୍ଷ ହେଲା ମନମୋହନ ସିଂହଙ୍କ ନେତୃତ୍ୱରେ ଚାଲିଆସିଥିବା ସରକାରଙ୍କୁ ଚୀନ ସ୍ପଷ୍ଟ ଭାବେ କହିସାରିଛି ଯେ ଭାରତ ତାୱାଙ୍ଗ ଅଞ୍ଚଳକୁ ଚୀନକୁ ହସ୍ତାନ୍ତର ନକଲା ପର୍ଯ୍ୟନ୍ତ ସୀମା ସମସ୍ୟା ନେଇ କୌଣସି ପ୍ରକାର ନିଷ୍ପତ୍ତି ନିଆଯାଇପାରିବ ନାହିଁ ।' କିନ୍ତୁ ଚୀନ-ଭାରତ ଆଲୋଚନାରେ ଜନବହୁଳ ଅଞ୍ଚଳ ହସ୍ତାନ୍ତରଣ ପ୍ରସଙ୍ଗ ଦୁଇଦେଶ ମଧ୍ୟରେ ହୋଇଥିବା ସୀମା ବୁଝାମଣାରେ ପୂର୍ବରୁ ରହିନଥିଲା । ତିବ୍ବତ ଉପତ୍ୟକାରେ ଅନେକ ପ୍ରକାରର ବିକାଶମୂଳକ ଯୋଜନା ଶେଷକରିବା ସତ୍ତ୍ୱେ ତିବ୍ବତୀୟ ଲୋକଙ୍କ ହୃଦୟକୁ ଜିଣିବାରେ ଚୀନ କର୍ତ୍ତୃପକ୍ଷ ଆଜିଯାଏ ସକ୍ଷମ ହୋଇପାରିନାହାନ୍ତି । ତିବ୍ବତୀୟଙ୍କ ମନରୁ ଦଲାଇଲାମାଙ୍କ ପ୍ରତି ରହିଥିବା ଭକ୍ତିଭାବକୁ ଅଲଗା କରିପାରିନାହାନ୍ତି । ଚୀନ ସରକାରଙ୍କ ମନରେ ଭୟ ରହିଛି ଯେ ଦଲାଇଲାମାଙ୍କ ପରେ ଯଦି ସରକାର ନିଜସ୍ୱ ଲାମାଙ୍କୁ ଗ୍ରହଣ କରିବା ପାଇଁ ସେଠାରେ ବାଧ୍ୟ କରାଇବେ ତେବେ ୧୯୫୦ ସମୟର ଖାମ୍ପା ବିଦ୍ରୋହ ପରି ସଙ୍କଟ ସୃଷ୍ଟି ହୋଇପାରେ । କାରଣ ଅତୀତରେ ଅରୁଣାଚଳର ତାୱାଙ୍ଗରୁ ନେପାଳର ମୁଷ୍ଟାଙ୍ଗ ପର୍ଯ୍ୟନ୍ତ ତିବ୍ବତୀୟ ଲୋକେ ବିଦ୍ରୋହ କରିଥିଲେ ଚୀନ ସରକାର ବିରୁଦ୍ଧରେ । ତାୱାଙ୍ଗରେ ତିବ୍ବତୀୟ ପିଲାଙ୍କ ପାଇଁ ସ୍କୁଲ ଖୋଲିବା ଲାଗି ଦଲାଇଲାମାଙ୍କ ସାନ ଭଉଣୀ ଲାଚେମ ଜିତ୍‌ସୁନ ପେମା ଲାଙ୍କ ଗସ୍ତକୁ ମଧ୍ୟ ସେ ସମୟରେ ଚୀନ ସରକାର ସହଜରେ ଗ୍ରହଣ କରିନଥିଲେ । ଫଳସ୍ୱରୂପ ୨୫ ମଇ ୨୦୦୭ରେ ନୂଆଦିଲ୍ଲୀସ୍ଥିତ ଚୀନ ରାଷ୍ଟ୍ରଦୂତଙ୍କ କାର୍ଯ୍ୟାଳୟ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀମାନଙ୍କ ଚୀନ ଗସ୍ତକରିବା ଦଳରେ ସଦସ୍ୟ ଥିବା ଜଣେ ଅରୁଣାଚଳର ଅଧିକାରୀଙ୍କୁ ପାସ୍‌ପୋର୍ଟ ଦେବାକୁ ମନା କରିଦେଲେ । କାରଣ ସେତେବେଳେ ମଧ୍ୟ ଚୀନ ସରକାର ଅରୁଣାଚଳ ପ୍ରଦେଶକୁ ନିଜ ଅଞ୍ଚଳ ବୋଲି ମନେକରି ଗୁଡ ଖାଉଥିଲେ, ଯାହା ଆଜି ମଧ୍ୟ ଆମେ ଦେଖୁଛୁ । ତାୱାଙ୍ଗକୁ ଦଖଲ କରିପାରିଲେ ତିବ୍ବତୀୟ ବୌଦ୍ଧମାନଙ୍କୁ ସଂପୂର୍ଣ୍ଣ ନିଜ ଅକ୍ତିଆରରେ ରଖିପାରିବ ବୋଲି ଚୀନ ମନେ ମନେ ଭାବିଆସିଛି । ତିବ୍ବତୀୟ ବୌଦ୍ଧ ବିଚାରରେ ଲାସା ପରେ ତାୱାଙ୍ଗକୁ ଦ୍ୱିତୀୟ ବଡ ଧର୍ମସ୍ଥଳୀ ଭାବେ ଗ୍ରହଣ କରାଯାଇଥାଏ । ତେଣୁ ତିବ୍ବତକୁ ହାତେଇବା ପରେ ଚୀନ ସରକାର ତାୱାଙ୍ଗକୁ ହାତେଇବା ପାଇଁ ବାରମ୍ବାର ପ୍ରୟାସ କରୁଛନ୍ତି ।

୧୬ ଅକ୍ଟୋବର ୨୦୨୨ଦିନ ବେଜିଂସ୍ଥିତ ଗ୍ରେଟ ହଲ ଅଫ୍ ଦି ପିପୁଲର ଚୀନ କମ୍ୟୁନିଷ୍ଟ ପାର୍ଟିର ମହାଧିବେଶନରେ ୧୫ଜୁନ୍ ୨୦୨୦ରେ ଗଲୱାନ ଘାଟୀର ଭିଡିଓ ପ୍ରଦର୍ଶନ କରାଯାଇ ସେହି ଘଟଣାରେ ସଂପୃକ୍ତ ଥିବା କମାଣ୍ଡର କୁଇ ଫାବାଓକୁ ଅଧିବେଶନର ପ୍ରତିନିଧି ଭାବେ ନିମନ୍ତ୍ରିତ କରାଯାଇଥିଲା । ୨୦୧୩ରେ ଶାସନକୁ ଆସିବା ପରଠାରୁ ଚୀନ ରାଷ୍ଟ୍ରପତି ଜିନପିଙ୍ଗ୍ ମାଓ ସେ ତୁଙ୍ଗଙ୍କ ବିସ୍ତାରବାଦୀ ନୀତିକୁ ବିଶ୍ୱବ୍ୟାପୀ କରିବାରେ ଲାଗିପଡିଛନ୍ତି । କିନ୍ତୁ କରୋନା କାଳରେ ଚୀନର ଆଭ୍ୟନ୍ତରୀଣ ସମସ୍ୟା ଯୋଗୁ ଦେଶ ଭିତରେ ଜିନପିଙ୍ଗଙ୍କ ବିରୋଧରେ ବ୍ୟାପକ ଅସନ୍ତୋଷ ସୃଷ୍ଟି ହୋଇଛି । ରିୟଲ ଇଷ୍ଟେଟ ବ୍ୟବସାୟରେ କ୍ଷତି ଯୋଗୁ ଚୀନା ବ୍ୟାଙ୍କଗୁଡିକରେ ୧୭.୬ ଲକ୍ଷ କୋଟି ଟଙ୍କାର କ୍ଷତି ହୋଇଛି । ୨୦୧୩ରେ ୭.୮୫ ପ୍ରତିଶତ ବିକାଶଦର ଦେଖିଥିବା ଚୀନ ୨୦୧୯ ବେଳକୁ ୫.୯୫କୁ ହ୍ରାସ ପାଇ ୨୦୨୨କୁ ୩.୨୫ ପ୍ରତିଶତକୁ ଖସି ଆସିଛି । ବେଲ୍‌ଟ ଏଣ୍ଡ ରୋଡ୍ ଯୋଜନା ବିଦେଶରେ ଚାଲୁ କରି ୮୩ଲକ୍ଷ କୋଟିଟଙ୍କା ଋଣ ପ୍ରଦାନ କରାଯାଇଥିଲା ୧୫୦ଦେଶରେ ପ୍ରକଳ୍ପ ପାଇଁ, ଯାହାର ୭୪ ପ୍ରତିଶତ ଖରାପ ଋଣ ହୋଇସାରିଲାଣି। ତେଣୁ ମୂଳଧନ ସେଠାରୁ ଫେରସ୍ତ ପାଇବା ଚୀନ ପାଇଁ ସହଜ ହେବନାହିଁ । କିନ୍ତୁ ୨୦୨୭ରେ ହେବାକୁ ଥିବା କମ୍ୟୁନିଷ୍ଟ ପାର୍ଟିର ସଭା ପର୍ଯ୍ୟନ୍ତ ଅରୁଣାଚଳକୁ ଅସ୍ଥିର ରଖି ଚତୁର୍ଥ ଥର ପାଇଁ ରାଷ୍ଟ୍ରପତି ଦାବି ଉପସ୍ଥାପନ କରିବାକୁ ଜିନିପିଙ୍ଗଙ୍କ ଯୋଜନା ରହିଛି । କେବଳ ସେତିକି ନୁହେଁ, ଜିନପିଙ୍ଗ ଅତୀତରେ ଚୀନ ଦଖଲ କରିଥିବା ଅଞ୍ଚଳ ପରି ତାଙ୍କ ସମୟରେ ମଧ୍ୟ ତାଇୱାନ ଓ ଭାରତର ଅଞ୍ଚଳକୁ ଦଖଲ କରି ରେକର୍ଡ ଦେଖାଇବା ଚାହୁଁଛନ୍ତି । କାରଣ ଅତୀତରେ ପୂର୍ବ ତୁର୍କିସ୍ଥାନର ୧୬.୬ ଲକ୍ଷ ବର୍ଗ କିଲୋମିଟର ତିବ୍ବତର ୧୨.୨୮ଲକ୍ଷ ବର୍ଗ କିଲୋମିଟର, ମାଞ୍ଚୁରିଆର ୧୧.୮୩ ଲକ୍ଷ ବର୍ଗ କିଲୋମିଟର, ହଂକଂର ୩୭.୨୪ ଲକ୍ଷ ବର୍ଗ କିମି, ମକାଉର ୧୧୫ ବର୍ଗ କିମି ଅଞ୍ଚଳକୁ ଚୀନ ଦଖଲରେ ରଖିଛି । ଭାରତର ୪୩ହଜାର ୧୮୦ ବର୍ଗ କିମି ଅଞ୍ଚଳ ଚୀନ ଦଖଲରେ ରହିଛି । ଅତୀତ ଦିନ ମାନଙ୍କରେ କଂଗ୍ରେସ ଶାସନ କାଳରେ ସୀମାରେ ସଡକ ନିର୍ମାଣ ନକରିବା, ଚୀନର ଧମକକୁ ଗ୍ରହଣ କରିବା , ଚୀନା କମ୍ୟୁନିଷ୍ଟ ପାର୍ଟି ସହ ଭାରତର କଂଗ୍ରେସ ଦଳ ବେଜିଂରେ ସହଯୋଗ ନେଇ ବୁଝାମଣା କରିବା, ମଧ୍ୟରାତ୍ରୀ ପରେ ଚୀନ ଦୂତାବାସକୁ ଯାଇ ରାହୁଲ ଗାନ୍ଧି ଆଲୋଚନା କରିବା, ରାଜିବ ଗାନ୍ଧି ଫାଉଣ୍ଡେସନ ପାଇଁ ଚୀନ ସରକାରଙ୍କଠାରୁ କଂଗ୍ରେସ ଲୋକେ ଅର୍ଥ ସଂଗ୍ରହ କରିବାପରି ଅନେକ ସନ୍ଦେହାତ୍ମକ ଷଡଯନ୍ତ୍ରପୂର୍ଣ୍ଣ ଘଟଣା ଭାରତର ଲୋକେ ଦେଖିଆସିଛନ୍ତି ।

୨୦୦୬ପରଠାରୁ ଚୀନ ତାୱାଙ୍ଗକୁ ନିଜ ଦଖଲକୁ ନେବା ପାଇଁ ବାରମ୍ବାର ଚେଷ୍ଟା କଲାବେଳେ ଦେଶ ଭିତରେ ଥିବା ଚୀନ ସମର୍ଥକ ଲୋକେ ଅତି ଉତ୍ସାହିତ ହେଉଥିବା କଥା ଦୃଷ୍ଟିକୁ ଆସୁଛି । ସେମାନେ ଭାରତର ସେନା ଅପେକ୍ଷା ଜିନ୍‌ପିଙ୍ଗଙ୍କ ବକ୍ତବ୍ୟକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ୧୯୬୨ରେ ଚୀନ ସେନାକୁ ସ୍ୱାଗତ କରିବା ପାଇଁ ଉତ୍ତର ପ୍ରଦେଶର ଗୋରଖପୁରଠାରେ ବ୍ୟାନର ଧରି କମ୍ୟୁନିଷ୍ଟ ଲୋକେ ଅପେକ୍ଷା କରିଥିଲା ବେଳେ ଆହତ ଚୀନସେନାଙ୍କ ପାଇଁ ରକ୍ତ ସଂଗ୍ରହ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । କିନ୍ତୁ ବର୍ତ୍ତମାନର ରାଷ୍ଟ୍ରବାଦୀ ସରକାର ଯାଙ୍ଗସେ କ୍ଷେତ୍ରରେ ଚୀନର ନଖରାମୀକୁ ନିନ୍ଦା କରିବା ସହ ଭାରତୀୟ ସେନାର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି । ନିକଟରେ ଭାରତ-ଆମେରିକା ସେନାର ଉତ୍ତରାଖଣ୍ଡ ସୀମାବର୍ତ୍ତୀ ଅଞ୍ଚଳରେ ମିଳିତ ସମରାଭ୍ୟାସ, କେନ୍ଦ୍ର ସରକାରଙ୍କ ଦ୍ୱାରା ଅରୁଣାଚଳ ସୀମାରେ ସଡକ ନିର୍ମାଣ ପାଇଁ ୪୪ହଜାର କୋଟିର ପ୍ରକଳ୍ପ ଘୋଷଣା ପରେ ଚୀନ ସରକାର ଅଧିକ ଚିନ୍ତିତ ହୋଇପଡିଛନ୍ତି । ଜି ୨୦ ଅଧ୍ୟକ୍ଷ ପଦ ନେବା ପରେ ଭାରତ ଯେପରି ତୁରନ୍ତ କାର୍ଯ୍ୟାରମ୍ଭ କରି ବିଶ୍ୱ ସମୁଦାୟକୁ ଭିନ୍ନ ଭିନ୍ନ ରାଜ୍ୟ ପ୍ରଦର୍ଶନ କରିବାକୁ ଯୋଜନା କରିଛି ସେଥିରେ ଅରୁଣାଚଳ ମଧ୍ୟ ରହିଛି , ଯାହା ଚୀନକୁ ଅଧିକ ବାଧୁଛି। ଚୀନ ସରକାର ଭାରତର ପ୍ରସ୍ତୁତି, ମୋଦିଙ୍କ ବିଦେଶନୀତିକୁ ଦୁର୍ବଳ କରିବାକୁ ଚେଷ୍ଟା କରି ମଧ୍ୟ ସଫଳ ହୋଇନାହାନ୍ତି । ଅପରପକ୍ଷେ ଜିନପିଙ୍ଗ୍‌ଙ୍କ ବିରୋଧରେ ଚୀନର ଲୋକେ ଖଡ୍‌ଗହସ୍ତ ହୋଇ ଗଣତନ୍ତ୍ର ସପକ୍ଷରେ ଆନ୍ଦୋଳନ କରିବା ଦେଖାଯାଇଛି। ଚୀନରୁ ଅନେକ ବହୁରାଷ୍ଟ୍ରୀୟ କମ୍ପାନୀ ଧୀରେ ଧୀରେ ଦେଶଛାଡି ବାହାରକୁ ଯିବାରେ ଲାଗିଛନ୍ତି । କୋରୋନା ପର ପରିସ୍ଥିତିରେ ଚୀନର ଭୂମିକାକୁ ଅନେକ ରାଷ୍ଟ୍ର ସନ୍ଦେହ କରିବାରେ ଲାଗିଛନ୍ତି । ବହୁ ଛୋଟ ଛୋଟ ଦେଶ ଚୀନ ଋଣ ବିପକ୍ଷରେ ଖୋଲାଖୋଲି ମନ୍ତବ୍ୟ ଦେଉଛନ୍ତି । ପାକ୍‌ର ଗ୍ୱାଦର ବନ୍ଦରଠାରୁ ଆଫଗାନିସ୍ଥାନର କାବୁଲ ହୋଟେଲ ପର୍ଯ୍ୟନ୍ତ ସବୁଠି ଚୀନାଙ୍କ ଠିକଣା ସ୍ଥଳୀରେ ଆକ୍ରମଣ ଜାରି ରହିଛି । ଦେଶ ଭିତରେ ଏବଂ ଦେଶ ବାହାରେ ଜିନ୍‌ପିଙ୍ଗ୍‌ଙ୍କ ପ୍ରତି ବିରୋଧଭାବ ବଢୁଥିବା ହେତୁ ସେ ଭାରତର ସୀମାରେ ଅତିକ୍ରମଣ ଏବଂ ତାଇୱାନ ସୀମାରେ ବିମାନ ଉଡାଣକରି ଦେଶବାସୀଙ୍କ ଦୃଷ୍ଟିକୁ ଏଡାଇବାକୁ ଚାହୁଁଛନ୍ତି। କିନ୍ତୁ ଗଲୱାନ ପରି ତାୱାଙ୍ଗରେ ମଧ୍ୟ ଚୀନ ସେନା ଅଧିକ ମାଡଖାଇ ଅଧିକ କ୍ଷତିଗ୍ରସ୍ତ ହେବା ଜିନପିଙ୍ଗ୍‌ଙ୍କ ପାଇଁ ଅପମାନ ସଦୃଶ ହୋଇଛି।

# ନିଜ ଲଢ଼େଇ ନିଜେ ଲଢୁ ଭାରତ

ସୁଧାଂଶୁ ପାତ୍ର

ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦରେ ବିଦେଶମନ୍ତ୍ରୀ ଏସ୍. ଜୟଶଙ୍କରଙ୍କର ପାକିସ୍ତାନକୁ କଡା ଜବାବ, ଏବଂ ପରେ ପରେ ଏକ ସାମ୍ବାଦିକ ସମ୍ମିଳନୀରେ 'ପାକିସ୍ତାନ ଏକ ଆତଙ୍କବାଦୀ ସଂଗଠନର କେନ୍ଦ୍ରବିନ୍ଦୁ' ବୋଲି ଆରୋପ ଲଗାଇବାର ଯଥାର୍ଥ ଅନେକ ରହିଛି । ଏସ୍ ଜୟଶଙ୍କରଙ୍କର ଅଭିଯୋଗ ବିଶ୍ୱର ଅନ୍ୟ ପ୍ରମୁଖ ଦେଶ ଗୁଡ଼ିକ ପାକିସ୍ତାନର ଆତଙ୍କବାଦୀ ସଂଗଠନର ଭରଣପୋଷଣ ଓ ଲାଳନପାଳନ ଆକ୍ଷେପକୁ ଗ୍ରହଣ କରିନାହାନ୍ତି ଏବଂ ଏହା ତୁରନ୍ତ ବନ୍ଦ କରିବାକୁ ଏବଂ ଏଥିରୁ ନିବୃତ୍ତ ରହିବାକୁ ଚାପ ପ୍ରୟୋଗ କରୁନାହାନ୍ତି। ଆର୍ଥିକ ସହାୟତା ବନ୍ଦର ଧମକ ଯେଉଁ ପର୍ଯ୍ୟନ୍ତ ପାକିସ୍ତାନକୁ ଅନ୍ୟ ପ୍ରମୁଖ ଦେଶ ହେଇନାହାନ୍ତି ସେପର୍ଯ୍ୟନ୍ତ ପାକିସ୍ତାନ ବାଟକୁ ଆସିବ ନାହିଁ । ତେଣୁ ବିଶ୍ୱ ସମୁଦାୟ ଉପରେ ନିର୍ଭର ନକରି, ପ୍ରମୁଖ ଦେଶ ଗୁଡ଼ିକ ବୈଦେଶିକ ପଲିସି ଉପରେ ନଜର ନରଖି ଭାରତ ନିଜେ ପାକିସ୍ତାନ ଓ ଆଫଗାନିସ୍ତାନର ଆତଙ୍କବାଦୀ ପୋଷଣନୀତି ଉପରେ ସଦାସର୍ବଦା କଡ଼ା ତଥା ତିକ୍ଷ୍ଣ ନଜର ରଖିବା ଉଚିତ୍ ବୋଲି ସମୀକ୍ଷକ ମତ ରଖୁଛନ୍ତି ।

ଏହା ଉପରେ ଗତ ମେ ମାସରେ ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦ ଚିନ୍ତାବ୍ୟକ୍ତ କରି ମତ ରଖି ସାରିଛନ୍ତି ଯେ, ଆଫଗାନିସ୍ତାନରେ ଟ୍ରେନିଙ୍ଗ ନେଉଥିବା ପାକିସ୍ଥାନୀ ଆତଙ୍କ ସଂଗଠନ ପକ୍ଷରୁ ଆଗାମୀ ଦିନରେ ଭାରତ ପାଇଁ ବିପଦ ସୃଷ୍ଟି କରିବାର ସମ୍ଭାବନା ମାତ୍ରାଧିକ। ଏହାର ସ୍ୱଷ୍ଟୋକ୍ତି କରିଛି, ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦର ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ଆସିଥିବା ସଦ୍ୟତମ ରିପୋର୍ଟ । ରିପୋର୍ଟ ଅନୁସାରେ ସିଧା ଆରୋପ ଲଗାଯାଇଛି ଯେ, ଆଫଗାନିସ୍ତାନରେ ପାକିସ୍ତାନର ଜୈସ ଓ ଲସ୍କର ପରି ଆତଙ୍କବାଦୀ ସଂଗଠନର ଆତଙ୍କବାଦୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ଏବଂ ଏମାନଙ୍କୁ ଭାରତରେ ଆତଙ୍କବାଦୀ କାର୍ଯ୍ୟ କଳାପରେ ବିନିଯୋଗ କରାଯାଇପାରେ । ଯାହାର ଉଦାହରଣ କାଶ୍ମୀରରେ ଦୈନନ୍ଦିନ ଘଟୁଥିବା ଆତଙ୍କୀ ହମଲାକୁ ନିଆ ଯାଇପାରେ। କାଶ୍ମୀରରେ ସକ୍ରିୟ ପାକିସ୍ତାନ ଆତଙ୍କବାଦୀ ସଂଗଠନଙ୍କୁ ଉନ୍ନତ ଧରଣ ହତିଆର ପହଞ୍ଚାଇବା କାର୍ଯ୍ୟ ପାକିସ୍ତାନ ଜରିଆରେ ତାଲିବାନ ଯୋଗାଇ ଚାଲିଛି ଏବଂ ଆଫଗାନସ୍ଥିତ ଆମେରିକା ସୈନଙ୍କ ଠାରୁ ତାଲିବାନ ହାସଲ କରିଥିବା ଅତ୍ୟାଧୁନିକ ଅସ୍ତ୍ର ପାକିସ୍ତାନ ମାଧ୍ୟମରେ ଆତଙ୍କବାଦୀଙ୍କୁ ଶସସ୍ତ୍ର କରୁଛି।

ତେଣୁ ଏହା ନିଶ୍ଚିନ୍ତ ଯେ, କାଶ୍ମୀର ମଧ୍ୟରେ ଆତଙ୍କ ସୃଷ୍ଟି ପାଇଁ ପ୍ରତିଦିନ ପଶୁଥିବା ଆତଙ୍କବାଦୀ ଆଧୁନିକ ଅସ୍ତ୍ରଶସ୍ତ୍ର ସହ ପଶୁଛନ୍ତି ଏବଂ କାଶ୍ମୀର ଘାଟିରେ ବସବାସ କରୁଥିବା ହିନ୍ଦୁଙ୍କୁ ହିଁ ଟାର୍ଗେଟ କରୁଛନ୍ତି । ତେଣୁ ପାକିସ୍ତାନୀ ଉଗ୍ରବାଦୀଙ୍କ ଏହି ଦୁଃଶାହସକୁ ଦମନ କରିବା ନିହାତି ଜରୁରି । ଯାହାର ଉପାୟ ଏସ୍. ଜୟଶଙ୍କର ଅନୁଧ୍ୟାନ କରି ଏବଂ ନିଜ କ୍ୟାବିନେଟ ସହ ବାର୍ତ୍ତାଳାପ କରି ବିଶ୍ୱର ଅନ୍ୟଦେଶମାନଙ୍କର ସହଯୋଗ ହାସଲ କରିବା ଏବେ ଗୁରୁଦାୟିତ୍ୱ । କାରଣ ଯଦିଓ ପାକିସ୍ତାନରେ ଇମ୍ରାନ ସରକାର ପତନ ଘଟିଛି ଏବଂ ସରକାର ବଦଳିଛି ତଥାପି ଭାରତ ପ୍ରତି ପାକିସ୍ତାନର ଆଭିମୁଖ୍ୟରେ କୌଣସି ପରିବର୍ତ୍ତନର ନଜର ଆସୁନାହିଁ।

ନିର୍ବାଚନ ପୂର୍ବରୁ ପଞ୍ଜାବର ଅମୃତସରର ଏକ ଗାଁରୁ ୫କିଲୋ ଆରଡିଏକ୍ସ ଜବତ ହୋଇଥିବା ଘଟଣା ସେହିଦିନ ଦିଲ୍ଲୀରେ ଏକ ପରିତ୍ୟକ୍ତ ବ୍ୟାଗରୁ ଆଇ.ଇଡି ମିଳିବ। ଶ୍ରୀନଗରରୁ ଏକ ପ୍ରେସର କୁକ୍‌ରରୁ ବିସ୍ଫୋଟକ ଜବତ ହେବ । ଏହି ୩ଟି ଘଟଣା, ଭାରତରେ ଅସ୍ଥିରତା ସୃଷ୍ଟି କରିବା ପାଇଁ ଆତଙ୍କବାଦୀଙ୍କର ଏକ ବଡ଼ ଷଡଯନ୍ତ୍ରର ସୂଚନା ଦେଇସାରିଛି । ଗତ କିଛି ଦିନଧରି ସୀମାପାରରୁ ତଥା ପାକିସ୍ତାନର ସହାୟତା ଓ ସହଯୋଗରେ ପଞ୍ଜାବକୁ ବିସ୍ଫୋଟକ ସହିତ ପ୍ରବଳ ହତିଆର ଓ ବହୁ ମାତ୍ରାରେ ମାଦକ ଦ୍ରବ୍ୟ ଚାଲାଣ ଜାରି ରହିଛି। ଯାହାକି ଆତଙ୍କବାଦୀ ପୋଷଣ ପାଳନରେ ଏକ ତଥ୍ୟ ଭିତ୍ତିକ ପ୍ରମାଣ । କିଛି ଦିନ ପୂର୍ବରୁ ଲୁଧିଆନା ଅଦାଲତରେ ଏକ ବିସ୍ଫୋରଣ ମଧ୍ୟ ହୋଇସାରିଛି । ଯେଉଁ ବିସ୍ଫୋରଣରେ ଖଲିସ୍ଥାନୀ ଆତଙ୍କବାଦୀଙ୍କ ସମ୍ପୃକ୍ତି ପ୍ରମାଣ ହୋଇଛି । ପାକିସ୍ତାନ ପକ୍ଷରୁ ଆତଙ୍କବାଦୀ ସଂଗଠନ ଗୁଡ଼ିକ ତରଫରୁ କରାଯାଉଥିବା ଷଡଯନ୍ତ୍ରକୁ ପଣ୍ଡ କରିବାକୁ ସେନା, ସୁରକ୍ଷାକର୍ମୀ ରାଜ୍ୟ ପୋଲିସ ଇଣ୍ଟେଲିଜେନ୍ସକୁ ଅଧିକ ସଜାଗ ତଥା ସକ୍ରିୟ ହେବାର ଆବଶ୍ୟକତା ରହିଛି । ଅନ୍ୟ ଏକ ଗୁରୁତର ପ୍ରସଙ୍ଗ ଯେ, ସୁରକ୍ଷା ଏଜେନ୍ସିଗୁଡ଼ିକୁ ଜନସାଧାରଣ ସହଯୋଗ କଲେ ସମସ୍ତ ଷଡଯନ୍ତ୍ରର ମୁକାବିଲା କରି ଏହାକୁ ପଣ୍ଡ କରିବା ସୁରକ୍ଷା ଏଜେନ୍ସିଙ୍କ ପାଇଁ ସହଜ ହେବ । ଦେଶର ଶତ୍ରୁଙ୍କ ଦୁଃସାହସରେ ଲଗାମ୍ ମଧ୍ୟ ଲାଗି ପାରିବ।

ଅନ୍ୟ ପକ୍ଷରେ ଭାରତର ଯୁବପିଢିଙ୍କୁ ନିଶାଶକ୍ତ କରି ଦେଶରେ ଅସ୍ଥିରତା ସୃଷ୍ଟି କରିବା ଲକ୍ଷରେ ପାକିସ୍ତାନ ଓ ଆଫଗାନିସ୍ତାନ ପ୍ରୟାସ ଜାରି ରଖିଛନ୍ତି । ଭାରତର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ ସମୟରେ ଜବତ କରାଯାଉଥିବା ମାରାତ୍ମକ ଧଳା ଜହର ଏବଂ ଏହାର ବର୍ଦ୍ଧିତ ବ୍ୟବସାୟ ସିଧାସଳଖ ଦର୍ଶାଇଛି ଯେ, ଏହା ପଛରେ ଆଫଗାନିସ୍ତାନ ଓ ପାକିସ୍ତାନର ଅନ୍ତଃରାଷ୍ଟ୍ରୀୟ ଡ୍ରଗ୍ସ ମାଫିଆ ଜଡ଼ିତ । ଆଗରୁ ଜାମ୍ମୁ-କାଶ୍ମୀର ପଞ୍ଜାବ ବାଟରେ ପାକିସ୍ତାନ ସୀମାବାଟରେ ଅନ୍ତଃରାଷ୍ଟ୍ରୀୟ ଡ୍ରଗ୍ସ ମାଫିଆ ଏହି କାରବାର ଚଳାଉଥିବା ବେଳେ ଏବେ ଜଳପଥ ଓ ଆକାଶପଥକୁ ନିଜ କବ୍‌ଜାରେ ନେଇଛନ୍ତି ଏବଂ ଏହାକୁ ଅଧିକ ସୁରକ୍ଷା ମଣି ଅବାଧରେ ଏବଂ ପ୍ରବଳ ମାତ୍ରାରେ ଏହି ଧଳା ଜହର ବ୍ୟବସାୟ କରିବାରେ ସକ୍ଷମ ହେଉଛନ୍ତି। ଅନ୍ୟ ପକ୍ଷରେ ଗତ କିଛି ଦିନ ତଳେ ଦେଶରେ ବିଭିନ୍ନ ସ୍ଥାନରେ ଚଢାଉବେଳେ ଜବତ୍ ହେଉଥିବା ଡ୍ରଗ୍ସ ପ୍ରକୃତ ପକ୍ଷେ ଚିନ୍ତାଜନକ । କିଛି ଦିନ ତଳେ ବାଙ୍ଗାଲୋରରୁ ୩୫ କିଲୋ ହେରୋଇନ୍ ଜବତ ହେଲା ଏବଂ ୮ ଜଣ ଡ୍ରଗ୍ସ ମାଫିଆ ନ୍ୟାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ, ଏନ୍‌ସିବି ଗିରଫ କଲା। ଅନୁସନ୍ଧାନରେ ଜଣାପଡିଲା ଯେ ମୁମ୍ବାଇରୁ ଆସି ବାଙ୍ଗାଲୋରରେ ପହଞ୍ଚିଥିବା ୨ ଜଣ ମହିଳାଙ୍କଠାରୁ ୭ କିଲୋ ହେରୋଇନ୍ ଜବତ ହେଲା ପରେ ଏନ୍‌ସିବି ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଦେଶରେ ସବୁ ପ୍ରାନ୍ତରେ ଧଳା ଜହର ବେପାର ପାଇଁ ଆଫଗାନିସ୍ତାନ ଓ ପାକିସ୍ତାନ ପୂର୍ଣ୍ଣ ସକ୍ରିୟ ହୋଇ ରହିଛି । ମାତ୍ର ଏହି ପଦକ୍ଷେପକୁ କଡା ମୁକାବିଲା କରାଯିବ ଏବଂ ଗିରଫଦାରୀ ଜୋରଦାର କରାଯିବ ବୋଲି ଏନ୍‌ସିବି କହିଛି।

ଏହାର ତଥ୍ୟଗତ ପ୍ରମାଣ ମିଳିଥିଲା, ଦିଲ୍ଲୀର ସାହିନବାଗ ଅଞ୍ଚଳରୁ ଜବତ ହୋଇଥିବା ବଡ ଧରଣର ଧଳା ଜହର । ଯେଉଁ ଲୋକମାନଙ୍କୁ ଏହି ମାମଲାରେ ବ୍ରାଉନ୍ ସୁଗାର ସହ ଗିରଫ ବ୍ୟକ୍ତି ବିଶେଷଙ୍କ ସମ୍ପର୍କ ପାକିସ୍ତାନ ଓ ଆଫଗାନିସ୍ତାନ ଡ୍ରଗ୍ସ ମାଫିଆଙ୍କ ସହ ରହିଥିବା ତଦନ୍ତରୁ ଜଣାପଡିଥିଲା। ନିଶା ଦ୍ରବ୍ୟ କାରବାରରେ ସକ୍ରିୟ ବୋଲି ଏବେ ନାରକୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍.ସି.ବି) ଜାଣିବା ପରେ ଛୋଟବଡ ସହରରେ ଚଢାଉକୁ ତୀବ୍ର କରିଛି ସଫଳତା ମଧ୍ୟ ପାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟକ୍ତିତ୍ୱ ତଥା କୂଟନୀତି ବିଦେଶମନ୍ତ୍ରାଳୟ ଉପରେ ପାରଦର୍ଶୀତା ସମ୍ପୂର୍ଣ୍ଣ ସ୍ୱାଗତଯୋଗ୍ୟ ଏବଂ ଏସ୍ ଜୟଶଙ୍କର ଭଳି ଜଣେ ଉଚ୍ଚକୋଟୀର ପ୍ରଶାସକ ତଥା ବିଦେଶ ମନ୍ତ୍ରୀ ଯଦି ଆତଙ୍କବାଦ ବିରୋଧୀ ଲଢେଇରେ ହାତ ଟେକିଦେବେ ଏବଂ ବିଶ୍ୱର ପ୍ରମୁଖ ଦେଶର ସହାୟତା ପାଇଁ ଅସମର୍ଥ ହେବେ ତେବେ ଦେଶବାସୀ ହତାଶ ହେବା, ଆତ୍ମବିଶ୍ୱାସ ହରାଇବା ହିଁ ସାର। ବିଭିନ୍ନ ଦେଶର ବିଦେଶନୀତି ଏବଂ କୂଟନୀତି ସମ୍ପୃକ୍ତ ଦେଶ ସ୍ଥିର କରିଥାନ୍ତି । ତେଣୁ ନିର୍ଭରଶୀଳ ନ ହୋଇ ଭାରତକୁ ନିଜର ବିଦେଶନୀତି ଓ କୂଟନୀତି ଉପରେ ନିର୍ଭର କରିବା ଉଚିତ୍ । କଥାରେ ଅଛି 'ଲାତୋ କେ ଭୂତ ବାତୋ ମେଁ ନୈହିଁ ମାନ୍‌ତା'। ତେଣୁ ଭାରତରେ ଉଗ୍ରବାଦୀଙ୍କୁ ସୁ ସଜ୍ଜିତ କରି ଆଧୁନିକ ଅସ୍ତ୍ରଶସ୍ତ୍ର ସହ ଉଗ୍ରବାଦୀ କାର୍ଯ୍ୟକଳାପ କୁ ପ୍ରୋତ୍ସାହିତ କରୁଥିବା ରାଷ୍ଟ୍ର ପାକିସ୍ତାନ ପାଇଁ କେବଳ ଏହିନୀତି ଅବଲମ୍ବନ କରିବା ଉଚିତ୍ ବୋଲି ବହୁ ବିଶେଷଜ୍ଞ ମତ ପୋଷଣ କରୁଛନ୍ତି । ଅନ୍ୟ ପକ୍ଷରେ ଯୁବପିଢିକୁ ନିଶାଦ୍ରବ୍ୟରେ ଅଭ୍ୟସ୍ତ କରୁଥିବା ରାଷ୍ଟ୍ରପତି ଭାରତ କଡା ପ୍ରହାର କରିବାର ଆବଶ୍ୟକତା ରହିଛି । କାରଣ ମାତ୍ରାଧିକ ପ୍ରମାଣ ମିଳିସାରିଛି ଏବଂ ସାବ୍ୟସ୍ତ ମଧ୍ୟ ହୋଇସାରିଛି ।



# ବଲିଉଡ୍ ସିନେମା ଅପେକ୍ଷାରେ ଅଙ୍କିତା

**ସୋ**ନି ଲାଇଭ୍ ଟିଭିର ଓଟିଟି ୱେବ୍ ଧାରାବାହିକ 'ଦି ହ୍ୱିସଲ୍‌ବ୍ଲୋଅର'ରେ ନିର୍ବାହ କରିଥିବା ଡକ୍ଟର ପ୍ରଜ୍ଞା ଚରିତ୍ର ପାଇଁ ସୁପରିଚିତ ଅଭିନେତ୍ରୀ ଅଙ୍କିତା ଶର୍ମାଙ୍କର ମନରେ ଏକ ଅବସୋସ ରହିଯାଇଛି । ବିଭିନ୍ନ ଟିଭି ଧାରାବାହିକରେ ଦର୍ଶକଙ୍କ ମନରେ ସେ ଏକ ସ୍ୱତନ୍ତ୍ର ଛାପ ଛାଡ଼ିପାରିବାରେ ସକ୍ଷମ ହୋଇଥିଲେ ହେଁ ସିନେ ଦର୍ଶକଙ୍କ ପାଇଁ ସେ ଜଣେ ଅନାମଧେୟ ତାରକା । ଯଦିଓ ଦୀର୍ଘ ନଅ ବର୍ଷ ତଳେ 'ଉଦିକ' ଓ 'ବାଜ' ପରି ଦୁଇଟି ପଞ୍ଜାବୀ ଫିଲ୍ମରେ ଅଭିନୟ କରିବାର ସୁଯୋଗ ତାଙ୍କୁ ମିଳିଥିଲା, ତେବେ ସେ ସେଭଳି ଲୋକପ୍ରିୟତା ସାଉଁଟି ପାରିନଥିଲେ । ଫଳସ୍ୱରୂପ, ସେବେଠାରୁ ସିନେଜଗତରେ ତାଙ୍କ ହାତ ଖାଲି ପଡ଼ିଛି । ଯଦିଓ ଟିଭି ଓ ୱେବ ଧାରାବାହିକରେ ସେ ସାମୟିକ ଭାବେ ମନକୁ ଆଶ୍ୱସ୍ତ କରୁଛନ୍ତି, ତେବେ ଫିଲ୍ମ ଦୁନିଆରେ ନିଜର ପ୍ରଦର୍ଶନ ପରଷିବା ପାଇଁ ସେ ବ୍ୟାକୁଳତାର ସହ ଅପେକ୍ଷା କରି ରହିଛନ୍ତି । ଚଣ୍ଡୀଗଡ଼ଠାରେ ୧୯୯୫ ମେ ୩୧ ତାରିଖରେ ଏକ ବ୍ରାହ୍ମଣ ପରିବାରରେ ଜନ୍ମ ନେଇଥିବା ଅଙ୍କିତା ୨୦୧୪ରେ ଏନ୍‌ଟିଭି ଦ୍ୱାରା ପ୍ରଯୋଜିତ ବାସ୍ତବଧର୍ମୀ ଟିଭି ଧାରାବାହିକ 'ଟିକେଟ୍ ଟୁ ବଲିଉଡ୍' ଜିତିଲା ପରେ ସେ ଅଭିନୟ ଦୁନିଆରେ ନିଜକୁ ପ୍ରତିଷ୍ଠିତ କରିପାରିବେ ବୋଲି ସ୍ୱପ୍ନ ଦେଖିଥିଲେ । ସୁଯୋଗକୁ ତହିଁ ପରବର୍ଷ ତାଙ୍କୁ ଜିଟିଭି ଦ୍ୱାରା ପ୍ରଯୋଜିତ ଧାରାବାହିକ 'ଲାଜବନ୍ତୀ'ରେ ଶୀର୍ଷକ ଭୂମିକା ନିର୍ବାହର ସୁଯୋଗ ମିଳିଥିଲା । ଏଥିରେ ତାଙ୍କୁ ଶ୍ରେଷ୍ଠ ଯୋଡ଼ି (ସିଦ୍ଧ ମକ୍କାରଙ୍କ ସହ) ଭାବେ 'ଜୀ ରିସ୍ତେ' ସମ୍ମାନ ମିଳିଥିଲା । ଏହି ଆଶାନୁରୂପ ପ୍ରାରମ୍ଭିକ ସଫଳତା ତାଙ୍କ ପାଇଁ ପରବର୍ତୀ ଧାରାବାହିକ 'ୟେହ୍ୱାଦା ରହା'ରେ ଏକ ପ୍ରମୁଖ ଭୂମିକା ସୁରକ୍ଷିତ କରିଦେଇଥିଲା । ପରବର୍ତୀ ଧାରାବାହିକ 'ଏକ ଶ୍ରୀଙ୍ଗାର ସ୍ୱାଭିମାନ'ରେ ତାଙ୍କର ଅନୁରୂପ ଶୀର୍ଷକ ଭୂମିକା ଆଶାତୀତ ଲୋକପ୍ରିୟତା ଆଣିଦେଇଥିଲା । ଏହି ଅବସରରେ 'ବିଗ୍ ବସ୍-୧୦' ଓ 'ରାଇଜିଂ ଷ୍ଟାର' ପରି ବାସ୍ତବଧର୍ମୀ ଧାରାବାହିକରେ ତାଙ୍କର ଅତିଥି ଭୂମିକା ମଧ ଦର୍ଶକମାନଙ୍କୁ ମୁଗ୍ଧ କରିପାରିଥିଲା । ପରବର୍ତୀ ଧାରାବାହିକ 'ଶଶୁରାଲ ସିମର କା', 'ଦିଲ ସେ ଦିଲ ତକ' ଓ 'ଲାଲ୍ ଇସ୍କ'ରେ ଭିନ୍ନ ଭିନ୍ନ ଚରିତ୍ର ଦ୍ୱାରା ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇପାରିଥିଲେ ହେଁ ଗତ ଚାରି ବର୍ଷ ହେଲା ତାଙ୍କୁ ସେଭଳି ଆଉ ଟିଭିରେ ଦେଖିବାକୁ ମିଳୁନାହିଁ । ଅପରପକ୍ଷେ, ସେ ଅଧୁନା ୱେବ୍ ଧାରାବାହିକରେ ନିଜ ପ୍ରଶଂସକମାନଙ୍କୁ ଆପ୍ୟାୟିତ କରିବାର ପ୍ରୟାସ ଜାରି ରଖିଛନ୍ତି । ଗତବର୍ଷ ତାଙ୍କ ଅଭିନୀତ ୱେବ୍ ଧାରାବାହିକ 'ରଙ୍ଗ୍ ୱେ' ଆଶାନୁରୂପ ଲୋକପ୍ରିୟ ହୋଇପାରିଥିବା ଜଣାଯାଇଛି ।



# ସାପ ପରି ଦେଖାଯାଉଥିବା ବିରଳ ପ୍ରଜାତିର ବିଲେଇର ଛବି ଭାଇରାଲ

**ଦୁ**ନିଆରେ ଏତେ ସଂଖ୍ୟକ ପ୍ରାଣୀ ଅଛନ୍ତି ଯେ, ଯଦି ସେମାନଙ୍କ ଗଣନା କରାଯାଏ, ବୋଧହୁଏ ତାହା ବିର୍ବିବାଦରେ ସଂପୂର୍ଣ୍ଣ ହେବନାହିଁ । ଯଦିଓ ଏହା ଉପରେ ବୈଜ୍ଞାନିକମାନେ ଅନୁସନ୍ଧାନ ଜାରିରହିଛି, କିନ୍ତୁ ଏଭଳି ବହୁ ଜୀବଜନ୍ତୁ ଅଛନ୍ତି, ଯାହାଙ୍କ ବିଷୟରେ ଏବେ ବି ସବିଶେଷ ସୂଚନା ମିଳେନାହିଁ । ନିକଟରେ ସୋସିଆଲ ମିଡିଆରେ ଏଭଳି ଏକ ପ୍ରାଣୀର ଫଟୋ ଭାଇରାଲ୍ ହେବାରେ ଲାଗିଛି । ହଳଦିଆ ଏବଂ କଳା ପଟାଦାଗ ଥିବା ଏକ ଅଦ୍ଭୁତ ବିଲେଇର ଫଟୋ ସଂପ୍ରତି ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି । ଏହି ବିଲେଇ ପ୍ରଜାତିର ନାମ ଆମାଜନ୍ ସ୍ନେକ କ୍ୟାଟ ବୋଲି କୁହାଯାଉଛି, ଯାହାର ବୈଜ୍ଞାନିକ ନାମ ସର୍ପେନ୍ସ କ୍ୟାଟସ୍ ରହିଛି । ଭାଇରାଲ ଫଟୋରେ ଥିବା ସୂଚନାରେ କୁହାଯାଉଛି ଯେ, ଏହି ବିରଳ ପ୍ରଜାତିର ବିଲେଇର ସାପର ପ୍ରଜାତି ସହ ସାମଞ୍ଜସ୍ୟ ଥିବା ଜଣାପଡୁଛି ଏବଂ ଏହାର ଚର୍ମ ସାପ ପରି ଦେଖାଯାଉଛି । ଟ୍ୱିଟରରେ ଜେଫ୍ କମେରା ନାମକ ଏକ ଜଣେ ବ୍ୟକ୍ତି ବିଲେଇର ଫଟୋ ସେୟାର କରାଯାଇଛି । କ୍ୟାପ୍ସନରେ ଲେଖାଯାଇଛି ଯେ, "ସର୍ପେନ୍ସ କ୍ୟାଟସ୍ ହେଉଛି ପୃଥିବୀର ବିରଳ ପ୍ରଜାତି । ଏମାନେ ଆମାଜନ ରେନଫରେଷ୍ଟର ଆଭ୍ୟନ୍ତରୀଣ ଅଂଚଳରେ ରହିଥାନ୍ତି ବୋଲି ଏମାନଙ୍କ ଉପରେ ଗବେଷଣା କରିବା କମିଯାଉଛି । ୨୦୨୦ରେ ଏହି ବିରଳ ବିଲେଇର ଫଟୋ ନିଆଯାଇଥିଲା, ଏହାର ଓଜନ ୨୫ କିଲୋଗ୍ରାମ ଥିଲା । ବିଶେଷଜ୍ଞଙ୍କ କହିବାନୁସାରେ, ବିଲେଇର ଶରୀରର ରଙ୍ଗ ଓ ଶୈଳୀ "ଗୋଲଡ ରିଙ୍ଗ କ୍ୟାଟ ସ୍ନେକ" ସହ ପାଖାପାଖି ସମାନ ଦେଖାଯାଏ । କିନ୍ତୁ ଯେଉଁ ସାପଟି ଏହି ବିଲେଇ ସହିତ ସମାନ, ସେହି ଅଂ*ଳରେ ବାସ କରେ ଯେଉଁଠାରେ ଏହି ବିଲେଇ ଅଛନ୍ତି । ଏହି ଭାଇରାଲ୍ ଫଟୋ ଉପରେ ଲୋକମାନେ କହୁଛନ୍ତି ଯେ, ଏହି ଫଟୋ ନକଲି ଏବଂ 'ଫୋଟୋସପ୍'ରେ ଏହା ତିଆରି କରାଯାଇଛି ।

# ନଦୀ ମଝିରେ ରାଜପଥ !

କୌଣସି ସଡ଼କ ବା ରାଜପଥ ନିର୍ମାଣ ବେଳେ ମଝିରେ ନଦୀନାଳ ପଡ଼ିଲେ, ଏପାରିରୁ ସେପାରିକୁ ଅତିକ୍ରମ କରିବା ଲାଗି ପୋଲ ନିର୍ମାଣ କରାଯାଇଥାଏ । ମାତ୍ର ଚୀନ୍‌ର ହୁବେଇ ପ୍ରଦେଶରେ ଏକ ନଦୀ ଗର୍ଭରେ ସମାନ୍ତରାଳ ଭାବେ ଏକ ରାଜପଥ ନିର୍ମିତ ହୋଇଛି । ବିଶେଷ କରି ନିର୍ମାଣ ପ୍ରକଳ୍ପରେ ଅଦ୍ଭୁତ କାରନାମା ଦେଖାଇବାରେ ପ୍ରବୀଣ ଚୀନୀ ଯନ୍ତ୍ରୀମାନେ ଝିଆଂକ୍ସି ନଦୀରେ ଏପରି ଏକ ସୁଦୃଶ୍ୟ ରାଜପଥ ନିର୍ମାଣ କରିଛନ୍ତି । ଚୀନ୍‌ର ଦକ୍ଷିଣପଶ୍ଚିମ ଦିଗରେ ସାଂଘାଇକୁ ଯାଇଥିବା ମୁଖ୍ୟ ରାଜପଥରେ ଗୁଫୁଜେନ୍ ଓ ଚେଙ୍ଗଡୁ ସହରକୁ ଯୋଗ କରୁଥିବା ଏହି ୪.୪ କି.ମି.ର ଝୁଲା ରାଜପଥ ପର୍ଯ୍ୟଟକମାନଙ୍କ ପାଇଁ ଅନ୍ୟତମ ଆକର୍ଷଣର କେନ୍ଦ୍ର ପାଲଟିଛି । ତେବେ ଆଗରୁ ନଦୀ କୂଳେ କୂଳେ ବିକଳ୍ପ ରାସ୍ତା ରହିଥିବା ସତ୍ତ୍ୱେ ନଦୀ ଗର୍ଭରେ ଉକ୍ତ ରାଜପଥ ନିର୍ମାଣ କରାଯିବା ପଛରେ ଏକ ଭିନ୍ନ କାରଣ ରହିଛି । ରାସ୍ତାରେ ଗହଳି କମାଇବା ପାଇଁ ପାହାଡ଼ ଅଂ*ଳ ବାଟେ ସଂଖ୍ୟାଧିକ ସୁଡ଼ଙ୍ଗ ଖୋଳିବା ଓ ପାହାଡ଼ କାଟିବା ଅପେକ୍ଷା ନଦୀ ଭିତରେ ଏପରି ପୋଲ ରାସ୍ତା ଗଢ଼ିବାରେ ଅପେକ୍ଷାକୃତ କମ୍ ଖର୍ଚ୍ଚ ବୋଲି ଚୀନୀ ଯନ୍ତ୍ରୀମାନେ ଆକଳନ କରିଥିଲେ । ଆଠ ବର୍ଷ ତଳେ ୪୪୦ ନିୟୁତ ୟାନ୍ ବା ୭୧ ନିୟୁତ ଡଲାର ଖର୍ଚ୍ଚରେ ନିର୍ମିତ ଏହି ନଦୀ ରାଜପଥ ଦ୍ୱାରା କେତେକ ଅଂଚଳର ଯାତାୟାତ ସମୟ ଯଥେଷ୍ଟ କମିଯାଇଛି । ଯାତ୍ରୀମାନେ ମଧ ବିକଳ୍ପ ରାସ୍ତାରେ ନଯାଇ ପାହାଡ଼ ପର୍ବତଘେରା ନଦୀ ଗର୍ଭରେ ଯାତ୍ରା କରିବାର ନିଆରା ଅନୁଭୂତି ଲାଭ କରୁଛନ୍ତି ।





# ୧୦ମାସର ସନ୍ତାନକୁ ଛାଡ଼ି ଦେଶ ସେବାରେ ମହିଳା ସୈନିକ

ମା' ନିଜ ଜୀବନ ଠାରୁ ବି ଅଧିକା ତାର ସନ୍ତାନକୁ ଭଲ ପାଇଥାଏ । ସନ୍ତାନକୁ ଯେମିତି କେ?ଣସି ବଧାବିଘ୍ନ ନଆସିବ ସେଥିପାଇଁ ସର୍ବଦା ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥାଏ । ମା' ଓ ସନ୍ତାନକୁ ନେଇ ସୋସିଆଲ ମିଡିଆରେ ଅନେକ ପ୍ରକାର ଭିଡିଓ ପୋଷ୍ଟ ହୋଇଥାଏ । ନିକଟରେ ଏମିତି ଏକ ମା' ଓ ସନ୍ତାନର ଭାବବିହ୍ୱଳ ଭିଡିଓ ପୋଷ୍ଟ ହୋଇଛି । ଏଥିରେ ଦେଖିବାକୁ ମିଳୁଛି ଜଣେ ମା' ତାଙ୍କର ୧୦ମାସର ଝିଅକୁ ଛାଡ଼ି ଟ୍ରେନ ଜରିଆରେ ନିଜ ଡିୟୁଟିକୁ ଫେରି ଯାଉଛନ୍ତି । ଝିଅକୁ ଛାଡ଼ି ଗଲା ବେଳେ ମା'ର ହୃଦୟ ଫାଟି ପଡୁଛି । ସେ ଷ୍ଟେସନରେ ଝିଅକୁ ଧରି ଭୋଭୋ ହୋଇ କାନ୍ଦୁଛନ୍ତି । ଆଉ ନିଜ ସ୍ୱାମୀଙ୍କୁ ଆଲିଙ୍ଗନ କରି ବି କାନ୍ଦୁଛନ୍ତି । ଏହି ଭିଡିଓଟିରେ ଥିବା ଦୃଶ୍ୟ ଅତ୍ୟନ୍ତ ଭାବବିହ୍ୱଳ । ଜଣେ ମା' ଦେଶର ସେବା ପାଇଁ ନିଜର ମମତାକୁ ତ୍ୟାଗ କରି କର୍ମପଥରେ ଆଗେଇ ଯାଉଥିବା କୁହାଯାଉଛି । ଏହି ଭିଡିଓକୁ ଅସୁବାଷବାଜେପେୟୀ୧୮ ନାମକ ପେଜରୁ ସେୟାର କରାଯାଇଛି । ଭିଡିଓଟିକୁ ଏକ ଲକ୍ଷ ୪୦ହଜାରରୁ ଅଧିକ ଲୋକ ଦେଖି ସାରିଲେଣି । ଏହି ଭିଡିଓ ସହିତ ସୁବାଷ ଏକ କ୍ୟାପସନ ଲେଖିଛନ୍ତି । କ୍ୟାପସନରେ ସେ ଲେଖିଛନ୍ତି, 'ଯେତେବେଳେ ଦେଶ ପାଇଁ ଥିବା କର୍ତବ୍ୟ ଆଗରେ ଘର ପ୍ରତି ଥିବା କର୍ତବ୍ୟ ହାରି ଯାଇଥାଏ । ସୋସିଆଲ ମିଡିଆରୁ ମିଳିଥିବା ସୂଚନା ଅନୁସାରେ, ମହିଳା ସୈନିକଙ୍କ ନାମ ବର୍ଷଣି ପାଟିଲ ରହିଛି । ସେ ତାଙ୍କ ଡିୟୁଟିକୁ ଫେରି ଯାଉଛନ୍ତି । ଏହି ସମୟରେ ଘରେ ସେ ତାଙ୍କ ୧୦ମାସର ଛୁଆ, ସ୍ୱାମୀ ଓ ପରିବାରଲୋକଙ୍କୁ ଛାଡ଼ି ଯାଉଛନ୍ତି ।

# ଅଗଷ୍ଟରେ ରିଲିଜ୍ ହେବ 'ଗଦ୍ଦର ୨'

ବହୁ ପ୍ରତୀକ୍ଷିତ ଅପକମିଂ ଫିଲ୍ମ 'ଗଦର ୨' । ଏଥିରେ ବଲିଉଡର ଦମ୍‌ଦାର ଅଭିନେତା ସନ୍ନି ଦେଓଲ ଲିଡ୍‌ରେ ଅଛନ୍ତି । ନିକଟରେ ସୋସିଆଲ ମିଡିଆରେ ଫିଲ୍ମର ସୁଟିଂ ସେଟର ଏକ ଭିଡିଓ ମଧ ଲିକ୍ ହୋଇଥିଲା । ଯେଉଁଥିରେ ସନ୍ନି ଦେଓଲଙ୍କ ଆକ୍ସନ୍ ଅବତାର ଦେଖିବାକୁ ମିଳିଥିଲା । ସନ୍ନି ଦେଓଲଙ୍କ ଏହି ଫିଲ୍ମ ରିଲିଜ୍ ତାରିଖ ସାମ୍ନାକୁ ଆସିଥିଲା । ବର୍ତମାନ ପ୍ରଶଂସକମାନେ ଏହାକୁ ଅପେକ୍ଷା କରି ରହିଛନ୍ତି । ଏହି ଚଳଚ୍ଚିତ୍ରରେ ଉତ୍କଳ ଶର୍ମା ଏବଂ ସିମରତ କୌର ମଧ ସନ୍ନି ଏବଂ ଆମେଶାଙ୍କ ସହ ନଜର ଆସିବେ । ଫିଲ୍ମର ସୁଟିଂ ବର୍ତମାନ ଶେଷ ହୋଇଛି । ୧୧ ଅଗଷ୍ଟ ୨୦୨୩ରେ 'ଗଦର -୨' ପ୍ରେକ୍ଷାଳୟକୁ ଆସିବ । ଏହି ଚଳଚ୍ଚିତ୍ର ପ୍ରଥମ ଭାଗ ଶେଷ ହୋଇଥିବା ସ୍ଥାନରୁ କାହାଣୀକୁ ଆଗକୁ ବଢିବ । ମୁଖ୍ୟ ଭୂମିକାରେ ସନ୍ନି ଦେଓଲ ଏବଂ ଅମିଶା ପଟେଲଙ୍କ ଅଭିନୀତ ଏହି ଚଳଚ୍ଚିତ୍ରଟି ୨୦୦୧ ବ୍ଲକବଷ୍ଟର ଚଳଚ୍ଚିତ୍ର 'ଗଦର'ର ଏକ ସିକ୍ୱେଲ ଅଟେ । ଟ୍ରକ୍ ଡ୍ରାଇଭରର ତାରା ସିଂ ଏହି ଚଳଚ୍ଚିତ୍ରରେ ତାର ପାକିସ୍ତାନୀ ପତ୍ନୀଙ୍କୁ ଫେରାଇ ଆଣିବା ପାଇଁ ସଂଘର୍ଷ କରିଥିଲା । 'ଗଦର ୨'ରେ ପାକିସ୍ତାନୀ ମେଜର ମଲିକଙ୍କ ଭୂମିକାରେ ଅଭିନୟ କରୁଥିବା ଅଭିନେତା ରୋହିତ ଚୌଧୁରୀ ନିଜ ଟ୍ୱିଟରରେ ସୁଟିଂ ଶେଷ ହୋଇଥିବା ଫଟୋ ସେୟାର କରିଛନ୍ତି । ସେ ଟୁଇଟ୍ କରି କହିଛନ୍ତି, 'ଗଦର ୨ ଫିଲ୍ମର ସୁଟିଂ ଶେଷ ହୋଇଛି । ଏହାର ଏକ ଅଂଶ ହେବା ଅତ୍ୟନ୍ତ ସ୍ୱତନ୍ତ୍ର ବୋଲି ସେ କହିଛନ୍ତି । ୧୧.୦୮.୨୦୨୩ ପାଇଁ ଅପେକ୍ଷା କରିପାରିବି ନାହିଁ, ବର୍ତମାନ ସମସ୍ତ ପ୍ରସ୍ତୁତ । ଫିଲ୍ମ ବିଷୟରେ କଥାବାର୍ତା କରି ରୋହିତ କହିଛନ୍ତି, 'ଗଦର ୨' ଯେଉଁଠାରୁ 'ଗଦର' ର କାହାଣୀ ଶେଷ ହୋଇଥିଲା, ସେହିଠାରୁ ଆରମ୍ଭ ହୁଏ । ସେ ଆହୁରି ମଧ କହିଛନ୍ତି ଯେ 'ଗଦର' ଲେଖିଥିବା କାହାଣୀର ଲେଖକ ଶକ୍ତିମାନ ତଲୱାର । ସୁଟିଂ ଶେଷ କରିବା ପରେ ଫିଲ୍ମଟି ବର୍ତମାନ ପ୍ରଡକ୍ସନ୍ ରେ ପ୍ରବେଶ କରିଛି ।

# ଏପ୍ରିଲରେ ବିଜୟଙ୍କୁ ବିବାହ କରିବେ ତମନ୍ନା !

**କି**ଛି ଦିନ ତଳେ ବଲିଉଡ ଅଭିନେତା ବିଜୟ ବର୍ମା ଓ ଅଭିନେତ୍ରୀ ତମନ୍ନା ଭାଟିଆ ପରସ୍ପରକୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହୋଇଥିଲା । ଗୋଆରେ ପରସ୍ପରକୁ ଚୁମ୍ବନ ଦେଉଥିବାର ଭିଡିଓ ଭାଇରାଲ ହେବା ପରେ ଏହି ଚର୍ଚ୍ଚା ଜୋର ଧରିଥିଲା । ଏହା ସହ ଗୋଆରୁ ଫେରିବା ପରେ ବିମାନବନ୍ଦରରେ ଦୁହେଁ ଏକା ସାଙ୍ଗରେ ନଜର ଆସିଥିଲେ । ଅଭିନେତା ବିଜୟ ବର୍ମା ଗତବର୍ଷ ଡିସେମ୍ବର ୨୧ରେ ତମନ୍ନାଙ୍କ ଜନ୍ମଦିନରେ ତାଙ୍କ ଘରକୁ ଯାଇଥିବା ଦେଖାଯାଇଥିଲା । ପୂର୍ବରୁ ପ୍ରେମ ସମ୍ପର୍କକୁ ନେଇ ଦୁହେଁ ଖୁଲମ ଖୁଲା ସ୍ୱୀକାର କରିନଥିବା ବେଳେ ଚଳିତ ବର୍ଷ ଭାଲେଂଟାଇନ ଡେ'ରେ ବିଜୟ ରଖିଥିବା ଇନଷ୍ଟା ଷ୍ଟାଟସ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ସ୍ପଷ୍ଟ କରିଥିଲା । ଏବେ ଚର୍ଚ୍ଚା ହେଉଛି ଯେ ଦୁହେଁ ଚଳିତ ବର୍ଷ ଏପ୍ରିଲରେ ବିବାହ କରିବାକୁ ଯୋଜନା କରୁଛନ୍ତି । କିଛି ବର୍ଷ ପ୍ରେମ ସମ୍ପର୍କରେ ରହିବା ପରେ ଦୁହେଁ ବିବାହ କରିବାକୁ ନିଷ୍ପତି ନେଇଥିବା କୁହାଯାଉଛି । ତେବେ କିଛି ଦିନ ତଳେ ଏକ ସାକ୍ଷାତକାରରେ ବିଜୟଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ହେଉଥିବା ଚର୍ଚ୍ଚା ଉପରେ ତମନ୍ନା କହିଥିଲେ, ମୁଁ ଏବଂ ବିଜୟ ସାଙ୍ଗ ହୋଇ ଗୋଟିଏ ଫିଲ୍ମ କରିଛୁ । ଡେଟିଂର ଚର୍ଚ୍ଚା ତ ଏମିତି ଚାଲେ । ମୁଁ ଏସବୁକୁ ନେଇ କୌଣସି ସ୍ପଷ୍ଟୀକରଣ ଦେବାକୁ ଚାହେଁ ନାହିଁ । ତାଙ୍କର ଏଭଳି ପ୍ରତିକ୍ରିୟା ପରେ ବି ଏବେ ଦୁହିଁଙ୍କ ବିବାହ ଏପ୍ରିଲରେ ହେବ ବୋଲି କୁହାଯାଉଛି । ଏହି ଚର୍ଚ୍ଚା ଉପରେ ଏପର୍ଯ୍ୟନ୍ତ ଦୁହିଁଙ୍କ ପ୍ରତିକ୍ରିୟା ଆସିନାହିଁ ।



# ଶିକ୍ଷା ଅନୁଷ୍ଠାନରେ ପଛୁଆବର୍ଗ ସଂରକ୍ଷଣ ଐତିହାସିକ ନିଷ୍ପତି: ସୁରଥ ବିଶ୍ୱାଳ




ଭୁବନେଶ୍ୱର: ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଇ ଓଡ଼ିଶାବାସୀଙ୍କ ଆସ୍ଥାଭାଜନ ହୋଇପାରିଛି । ପଛୁଆ ବର୍ଗର ବିକାଶ ପାଇଁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନଚରଣ ମାଝୀ ଏକ ଐତିହାସିକ ନିଷ୍ପତି ନେଇଛନ୍ତି । ସାମଜିକ ଓ ଆର୍ଥିକଭାବେ ପଛୁଆ ବର୍ଗ(ଏସ୍ଇବିସି)ର ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ୧୧.୨୫% ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି । ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ବ୍ୟବସ୍ଥା ଲାଗୁ କରାଯାଇଥିବାରୁ ରାଜ୍ୟ କାର ?୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ଶ୍ରୀ ସୁରଥ ବିଶ୍ୱାଳ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ସୁରଥ ବିଶ୍ୱାଳ କହିଛନ୍ତି ଯେ, ଏହି ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା ପଛୁଆ ବର୍ଗରେ ଥିବା ୫୪ ପ୍ରତିଶତ ଲୋକେ ଉପକୃତ ହେବେ । ସେମାନଙ୍କ ପାଇଁ ଏହି ଦିନଟି ସ୍ମରଣୀୟ ଦିନ ହୋଇରହିବ । ୯୦ ଦଶକରେ ପଛୁଆ ବର୍ଗଙ୍କ ପାଇଁ ଯେତେବେଳେ ସଂରକ୍ଷଣ ଲାଗୁ ହେଲା, ସେବେ ପରଠାରୁ ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ନାମ ଲେଖା ହେବା ପାଇଁ ଏହି ନିଷ୍ପତି କାର ?୍ୟକାରୀ ହୋଇ ନ ଥିଲା । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ସବ୍କା ସାଥ ସବ୍କା ବିକାଶ ଉପରେ ଗୁରୁତ୍ୱ ଦେଉଥିବାବେଳେ ରାଜ୍ୟରେ ଡବଲଇଞ୍ଜିନ ସରକାର ଗଠନ ହେବା ପରେ ପ୍ରଥମ ଥର ପାଇଁ ଏଭଳି ନିଷ୍ପତି ନିଆଯାଇଛି । ସମାଜର ତଳ ପାହାଚରେ ରହୁଥିବା ବ୍ୟକ୍ତି ବିଶେଷର ବିକାଶ ପାଇଁ ମୋଦିଜୀ ତାଙ୍କ ମନ୍ତ୍ରୀମଣ୍ଡଳରେ ୨୭ ଜଣଙ୍କୁ କେନ୍ଦ୍ରମନ୍ତ୍ରୀ କରିଛନ୍ତି । ମେଡିକାଲ, ଇଞ୍ଜିନଂୟରିଂ ଆଦି କ୍ଷେତ୍ରରେ କେନ୍ଦ୍ର ସରକାର ପଛୁଆ ବର୍ଗଙ୍କୁ ସଂରକ୍ଷଣ ଦେଇସାରିଛନ୍ତି । ମାତ୍ର ଦୀର୍ଘ ୨୪ ବର୍ଷ ଧରି ଶାସନରେ ରହିବାସତ୍ୱେ ପଛୁଆବର୍ଗଙ୍କ ମୌଳିକ ଅଧିକାର ପାଇଁ ବିଜେଡି କର୍ଣ୍ଣପାତ କରି ନ ଥିଲା । ଓଡ଼ିଶାରେ ଏହି ବର୍ଗକୁ ସଂରକ୍ଷଣ ଦେବା ପାଇଁ ସେତେବେବେଳେ ବିଜେପି ବାରମ୍ବାର ଦାବି କରିଥିଲା । ବିଭିନ୍ନ ଫୋରମ୍‌ରେ ଆନ୍ଦୋଳନ କରିଥିଲା । ଗାଁକୁ ଗାଁ ଯାଇ ଅଭିଯାନ ମଧ୍ୟ କରିଥିଲା । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସରଂକ୍ଷଣ ବ୍ୟବସ୍ଥା ପାଇଁ ତତ୍କାଳୀନ ବିଜେଡି ସରକାରଙ୍କୁ ବାରମ୍ବାର ଚିଠି କରିଥିଲେ । ଏହାସତ୍ୱେ ବି ତତ୍କାଳୀନ ସରକାର ଏଥିପ୍ରତି ଅଣଦେଖା କରିଥିଲେ । ପଛୁଆବର୍ଗଙ୍କ ସହ ସେତେବେଳେ ପ୍ରତାରଣା କରାଯିବା ସହ ବିଶ୍ୱାସଘାତକତା କରାଯାଇଥିଲା । ପଂଚାୟତ ଓ ପୌର ନିର୍ବାଚନରେ ପଛୁଆବର୍ଗଙ୍କୁ ପୂର୍ବରୁ ୨୭% ସଂରକ୍ଷଣ ଦିଆଯାଉଥିବାବେଳେ ବିଜେଡିର ଯୋଜନାବଦ୍ଧଭାବେ ଚକ୍ରାନ୍ତ କରିବାରୁ ଏହି ବ୍ୟବସ୍ଥା ଉଠିଯାଇଥିଲା । ସେତେବେଳେ ଉତରପ୍ରଦେଶ, ମଧ୍ୟପ୍ରଦେଶର ସରକାରମାନେ କୋର୍ଟଙ୍କୁ ବୁଝାଇ ଏନେଇ ମାସେ ସମୟ ନେଇ ବିଭିନ୍ନ ଡାଟା ଦେବାକୁ କହିଥିଲେ । ଅପରପକ୍ଷେ ତତ୍କାଳୀନ ସରକାରଙ୍କ ଆଡ୍‌ଭୋକେଟ ଜେନେରାଲ ପଛୁଆବର୍ଗଙ୍କ ଡାଟା ନାହିଁ ବୋଲି ମନା କରି ଦେଇଥିଲେ । କୋର୍ଟଙ୍କୁ ବାସ୍ତବତା କହି ନ ଥିଲେ । ବିଜେଡି ସରକାରଙ୍କ ଏଭଳି ମିଛ କାରଣରୁ ପଛୁଆବର୍ଗ ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଂଚିତ ହୋଇଥିଲେ । ଯେଉଁ ବିରୋଧୀମାନେ ପୂର୍ବରୁ ପଛୁଆବର୍ଗଙ୍କ ପାଇଁ ଆଦୌ କିଛି କରି ନ ଥିଲେ, ଏବେ ସେମାନେ ବିଭିନ୍ନ ଦାବି କରିବା ଏକ ହାସ୍ୟସ୍ପଦ କଥା । ପଛୁଆବର୍ଗଙ୍କ ବିକାଶକୁ ସହ୍ୟ କରି ନ ପାରି ବିରୋଧୀ ଏବେ ବାଉଳି ହେଉଛି । ଏନେଇ ସେମାନଙ୍କ ପରାମର୍ଶ ବିଜେପି ସରକାରଙ୍କୁ ଲୋଡ଼ା ନାହିଁ । ଆମ ସରକାର ଏହି ବର୍ଗଙ୍କୁ ସାମାଜିକ ନ୍ୟାୟ ଦେବାକୁ ପାଇଁ ପ୍ରତିବଦ୍ଧ । ଏବେ ପଛୁଆବର୍ଗଙ୍କୁ ଶିକ୍ଷାରେ ସଂରକ୍ଷଣ ଦିଆଯାଇଥିବାବେଳେ ପରବର୍ତୀ ସମୟରେ ବୈଷୟିକ ଶିକ୍ଷା ଓ ଅନ୍ୟାନ୍ୟ କ୍ଷେତ୍ରରେ କିଭଳି ପଛୁଆ ବର୍ଗଙ୍କ ଉତ୍ଥାନ ଓ ବିକାଶ କରାଯାଇପାରିବ ସେନେଇ ଆଲୋଚନା କରି ନିଷ୍ପତି ନିଆଯିବ । ବିଜେପି ସରକାର ନିର୍ବାଚନ ସମୟରେ ଯାହା ସବୁ ପ୍ରତିଶ୍ରୁତି ଦେଇଥିଲା, ଗୋଟିଏ ପରେ ଗୋଟିଏ ପୂରଣକରି ଓଡ଼ିଶାବାସୀଙ୍କ ହୃଦୟ ଜିଣିପାରିଛି । ପଣ୍ଡିତ ଶ୍ରୀ ଦିନଦୟାଳ ଉପାଧ୍ୟାୟ ସବୁବେଳେ କହୁଥିଲେ, ସମାଜରେ ନିମ୍ନ ସୋପାନରେ ଥିବା ବ୍ୟକ୍ତିଙ୍କ ବିକାଶ ହେଲେ ରାଜ୍ୟ ଓ ଦେଶର ସମନ୍ୱିତ ବିକାଶ ହେବ । ତାହା ଆଜି କାର୍ଯ୍ୟକାରୀ ହେବାକୁ ଯାଉଥିବାରୁ ସମସ୍ତ ଓଡ଼ିଶାବାସୀ ଖୁସି ଅଛନ୍ତି । ଏନେଇ ଶ୍ରୀ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ କ୍ୟାବିନେଟ୍ ସଦସ୍ୟମାନଙ୍କୁ ରାଜ୍ୟବାସୀ, ଦଳ ଓ ମୋର୍ଚ୍ଚା ତରଫରୁ ଶ୍ରୀ ସୁରଥ ବିଶ୍ୱାଳ ଧନ୍ୟବାଦ ଜଣାଇଛନ୍ତି । ଏହି ଅବସରରେ ଓବିସି ମୋର୍ଚ୍ଚା ଉପସଭାପତି ତଥା ଯୁବ ବିଧାୟକ ଦୁର୍ଗାପ୍ରସନ୍ନ ନାୟକ କହିଛନ୍ତି ଯେ, ଏହି ସଂରକ୍ଷଣ ବ୍ୟବସ୍ଥା ପାଇଁ ରାଜ୍ୟ ସରକାରଙ୍କୁ ଯେତେ ଧନ୍ୟବାଦ ଦେଲେ ମଧ୍ୟ କମ୍ ହେବ । ତତ୍କାଳୀନ ବିଜେଡି ଓ କଂଗ୍ରେସ ସରକାର ପଛୁଆ ବର୍ଗଙ୍କୁ ସାମାଜିକ ନ୍ୟାୟ ଦେବାରେ ଉପେକ୍ଷା କରିଛନ୍ତି । ବହୁ ଦଶନ୍ଧି ଧରି ଯେଉଁ ସବୁ କାର୍ଯ୍ୟହୋଇ ପାରୁ ନ ଥିଲା ମୋହନ ସରକାର ଆଜି ସେସବୁ କରିପାରିଛନ୍ତି । ଦୃଢ଼ ଓ ଦୂର ଦୃଷ୍ଟି ସମ୍ପନ୍ନ ଇଚ୍ଛା ଶକ୍ତିଥିଲେ ସବୁ ସମ୍ଭବ ବୋଲି ଶ୍ରୀ ମାଝୀ ଆଜି ପ୍ରମାଣିତ କରି ଦେଖାଇଛନ୍ତି । ପଛୁଆବର୍ଗର ଲୋକଙ୍କୁ ଶିକ୍ଷା କ୍ଷେତ୍ରରେ ଆଜି ସାମାଜିକ ନ୍ୟାୟ ମିଳିପାରିଛି । ଡ. ବାବାସାହେବ ଆମ୍ବେଦକର ସବୁବେଳେ କହୁଥିଲେ, ସମାଜର ତଳବର୍ଗର ବିକାଶ ହେଲେ ଦେଶର ବିକାଶ ହୋଇପାରିବ । ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଆଗାମୀ ଦିନରେ ବିକଶିତ ରାଜ୍ୟ ଓ ରାଷ୍ଟ୍ର ଗଠନରେ ଏହା ସହାୟକ ହେବ ବୋଲି ଶ୍ରୀ ନାୟକ କହିଛନ୍ତି । ଏନେଇ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ, ସାମାଜିକ ଗଣମାଧ୍ୟମ ସଂଯୋଜକ ଉମାକାନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ ।

## ଏମଜିଏନଆରଇଜିଏସରେ କାମରେ ଶ୍ରମିକ ବଦଳରେ ମେସିନ କରୁଛି କାମ ଅଭିଯୋଗ



**ମୟୂରଭଞ୍ଜ ,୧୬/୭( ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ବିଭିନ୍ନ ଗ୍ରାମାଞ୍ଚଳ ରେ ଏମିଜିଏନ୍ଆରଜିଏସ୍ କାମ ଚାଲୁରହିଛି ।ସରକାର ଗ୍ରାମାଞ୍ଚଳର ଗରିବ ଶ୍ରେଣୀର ଖଟିଖିଆ, ଦିନ ମଜୁରିଆ, ପ୍ରବାସୀମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ୧୦୦ ଦିନିଆ କାମ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅନ୍ତର୍ଭୁକ୍ତ କରିଛନ୍ତି । ଏଥିପାଇଁ କୋଟି କୋଟି ରାଜସ୍ୱ ଖର୍ଚ୍ଚ ହେଉଛି । କିନ୍ତୁ ଯୋଜନାର ଆଢୁଆଳରେ ଜାମଦା ବ୍ଲକ ଅଞ୍ଚଳ ଗୁଡ଼ିକରୁ ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି । ମୁନାଫାଖୋର ଠିକାଦାର, ଦଲାଲ, ରାଜନେତା ଓ ସରକାରୀ ଯନ୍ତ୍ରୀବାବୁଙ୍କ ମଧ୍ୟରେ ସଲାସୁତୁରାରେ କୋଟି କୋଟି ଟଙ୍କା ହଡ଼ପ କରାଯାଉଥିବା ଖବରକୁ ମଧ୍ୟ ଅସ୍ୱୀକାର କରିହେଉନାହିଁ । ସରକାର ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛତା ଆଣିବା ପଇଁ ବହୁ ପଦକ୍ଷେପ ମାନ ଗ୍ରହଣ କରୁଥିଲେ ମଧ୍ୟ ତଳସ୍ତରରେ ତାହା କାର୍ଯକାରୀ ହୋଇପାରୁନାହିଁ । ଅନେକ ଯୋଜନା ଲୋକଙ୍କ ପାଖରେ ଆଜି ବି ଅପହଞ୍ଚ । ସରକାରୀ ନିର୍ଦ୍ଦେଶନାମା ଆଇନକୁ ଖୋଲାଖୋଲି ଉଲଂଘନ କରାଯାଉଛି ବୋଲି ସଚେତନ ନାଗରିକମାନେ ସୂଚନା ପ୍ରଦାନ କରିଛନ୍ତି ।ଏମ୍ଜିଏନ୍ଆର୍ଜିଏସ୍ କାମରେ ଜେସିବି ମେସିନ ସାହାଯ୍ୟରେ ମାଟି ତଡାଯାଉଛି ଯାହା କି ଅତି ଚତୁରତାର ସହ ସରକାରୀ ଟଙ୍କା ହଡ଼ପ କରିବା ପାଇଁ ଚାଲିଛି ଷଡ଼ଯନ୍ତ୍ର ମାର୍ଗ । ଏଠି ଜବ୍ କାର୍ଡଧାରୀ ଶ୍ରମିକମାନଙ୍କୁ ଉପେକ୍ଷା କରାଯାଇ ପରବର୍ତ୍ତୀ ସମୟରେ ଚଞ୍ଚକତା କରି କାଗଜପତ୍ର ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କା ଲେବର ପେମେଣ୍ଟ କରିବା ଆଳରେ ଚଳୁ କରାଯିବାର ଖବରକୁ ମଧ୍ୟ ଅସ୍ୱୀକାର କରାଯାଇପାରୁନାହିଁ ।ଜାମଦା ବ୍ଲକର ୧୦ଗୋଟି ଗ୍ରାମପଞ୍ଚାୟତ ଅଧିନରେ ଯେଉଁ ଯେଉଁ ସ୍ଥାନରେ ଏମ୍ଜିଏନ୍ଆର୍ଜିଏସ୍ କାର୍ଯ୍ୟ ଦ୍ୱାରା ପୋଖରୀ ବା ଗାଡ଼ିଆ ଖନନ ହେଉଛି ବ୍ଲକ ବିଡ଼ିଓ, ଉପଜିଲ୍ଲାପାଳ, ଜିଲ୍ଲାପାଳ ସେ ସବୁକୁ ପରିଦର୍ଶନ କରିବାପୂର୍ବକ ମେସିନ କାମ ନ କରି ଜବକାର୍ଡଧାରୀ କାମ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଅଞ୍ଚଳର ଜନସାଧାରଣ ଓ ୟୁଏସ୍ଆଇ ସଂଗଠକ ପିକେ ଶତପଥୀ ଅନୁରୋଧ କରିଛନ୍ତି ଏବଂ ଉକ୍ତ ଯୋଜନାର କାର୍ଯ୍ୟ ନୀତିନିୟମାନୁସାରେ ହେବା ନିମନ୍ତେ କଡ଼ା ପଦକ୍ଷେପ ନେବାକୁ ଅଞ୍ଚଳବାସୀ ପକ୍ଷରୁ ଦାବି ହେଉଛି ।

## ପରାକ୍ରମ ଶୋଭାଯାତ୍ରା ରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ର ସକ୍ରିୟ ଯୋଗଦାନ

**ବରଗଡ଼ ୧୬/୭( ନି.ପ୍ର):** ସାରା ଦେଶରେ ପାଳିତ ହୋଇଥିବା ସିନ୍ଦୂର ଅପରେସନ ରେ ସଫଳତା ପାଇଥିବାରୁ ଆଜି ସାରା ଭାରତରେ ପାଳନ କରା ଯାଉଥିବା ପରାକ୍ରମ ଯାତ୍ରା ଅବସରରେ ବରଗଡ଼ ରେ ମଧ୍ୟ ଏହି ଯାତ୍ରା କୁ ଶୃଙ୍ଖଳିତ ଭାବରେ ପାଳନ କରାଯାଇ ଥିଲା ।ଏହି ପରିପ୍ରେକ୍ଷୀ ରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଦସ୍ୟ ମାନେ ଯୋଗ ଦେଇ ସହର ପରିକ୍ରମା କରିବା ସହିତ ଶୋଭାଯାତ୍ରାରେ ସକ୍ରିୟ ଯୋଗଦାନ କରିଥିଲେ ।ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋଏଲ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନା,ବରଗଡ଼ ପୌରା ଧକ୍ଷା କଳ୍ପନା ମାଝୀ ତଥା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା ଙ୍କ ସହିତ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରମୋଦ ଝାଙ୍କର,ଉପସଭାପତି ନିର୍ମଳ କିଶୋର କର,ସଂପାଦକ ଗୋବିନ୍ଦ ଦାଶ,ବରିଷ୍ଠ ସାମ୍ବାଦିକ ତୁଳସୀ ଚରଣ ଦାଶ,ଟେକନି ସିଏନ୍ ଦେବୀ ପଟ୍ଟ ନାୟକ,ଡାକ୍ତର ଅର୍ଜୁନ ମେହେର,ପବିତ୍ର ସରାଫ,ସର୍ଦ୍ଦାର ପ୍ରିତମ ସିଂ,ସାଧୁ ଚରଣ ଦାଶ,କ୍ଷିତିଶ ଚନ୍ଦ୍ର ମିଶ୍ର, ସୁରେଶ୍ୱର ଶତପଥୀ,ଅକୃର ମଲ୍ଲିକ, ଡାକ୍ତର ଅରୁପା ନନ୍ଦ ସାହୁ ଓ ଆହୁରି ଅନେକ ଏହି ଯାତ୍ରା ରେ ସାମିଲ ହୋଇ ସହର ପରିକ୍ରମା କରିଥିଲେ ।

## ଅପରେସନ ସିନ୍ଦୁରର ସଫଳତାରେ ବାଣପୁର ଓ ବାଲୁଗାଁ ଏନଏସି ପକ୍ଷରୁ ତ୍ରିରଙ୍ଗା ଯାତ୍ରା

**ବାଲୁଗାଁ ୧୬/୭( ନି.ପ୍ର):** ଅପ୍ରେଲ ୨୨ ରେ ଜମ୍ମୁ କାଶ୍ମୀର ପହଲଗାମ ଠାରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ଭାରତୀୟ ପର୍ଯ୍ୟଟକ ପ୍ରାଣ ହରାଇଥିଲେ ।ଏହାର ଦୃଢ଼ ଜବାବ ନେଇ ଭାରତ ସରକାରଙ୍କ ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରାଯାଇ 'ଅପରେସନ ସିନ୍ଦୁର' ମାଧ୍ୟମରେ ଆତଙ୍କୀଙ୍କ ଉପରେ ଆକ୍ରମଣ କରାଯାଇଥିଲା ।ଯେଉଁଥିରେ ଭାରତୀୟ ଯବାନ ମାନଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ରହିଥିଲା ।ଏହି ପରିପ୍ରେକ୍ଷୀରେ ବୀର ଯବାନଙ୍କ ବୀରତ୍ୱ,ଅଦମ୍ୟ ସାହସ,ଦେଶର ଅଖଣ୍ଡତା ନିମନ୍ତେ ସେମାନଙ୍କୁ ସମ୍ମାନିତ ଓ ମନୋବଳ ବୃଦ୍ଧି ନିମନ୍ତେ ଗୁରୁବାର ସକାଳେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଣପୁର ଓ ବାଲୁଗାଁ ଏନଏସି ପକ୍ଷରୁ ଜିଲ୍ଲା ପ୍ରଶାସନର ସହଯୋଗରେ ଏକ ବିଶାଳ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବାଲୁଗାଁ ଏନଏସି ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ଯାତ୍ରାରେ ଶହ ଶହ ସଂଖ୍ୟାରେ ବାଇକ ବାଲୁଗାଁ ଥାନା ଠାରୁ ସୋମନାଥ ବସଷ୍ଟାଣ୍ଡ ଓ ଗାନ୍ଧୀ ଛକ ଠାରୁ ଚିଲିକା କୂଳ ପର୍ଯ୍ୟନ୍ତ ପରିକ୍ରମା କରିଥିଲା । ଅନୁରୂପ ଭାବେ ବାଣପୁର ଏନଏସି ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ଯାତ୍ରାରେ ଶହ ଶହ ସଂଖ୍ୟାରେ ବାଇକ ବାଣପୁର ବାଇପାସ ରୁ ବାହାରି ସମଗ୍ର ସହର ପରିକ୍ରମା କରି ପଲଟନ ପଡିଆଠାରେ ସମାପ୍ତ ହୋଇଥିଲା । ଉକ୍ତ ଶୋଭାଯାତ୍ରାରେ ବୀର ଯବାନ ମାନଙ୍କୁ ଦେଶର ଅଖଣ୍ଡତା ଓ ବୀରତ୍ୱ ନିମନ୍ତେ ସମର୍ଥନ ଦେବା ନେଇ ସରକାରୀ ଓ ବେସରକାରୀ କର୍ମଚାରୀ, ଜନପ୍ରତିନିଧି, ବୁଦ୍ଧିଜୀବୀ, ସମାଜସେବୀ, ସ୍ୱେଚ୍ଛାସେବୀ, ବରିଷ୍ଠ ନାଗରିକ, କଲେଜ ଛାତ୍ର, ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଉଭୟ କାର୍ଯ୍ୟକ୍ରମକୁ ଉଭୟ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପରିଚାଳନା କରିଥିବାବେଳେ , ବିଡିଓ, ତହସିଲଦାର ଓ ଥାନାଧିକାରୀ ମାନେ ସହଯୋଗ କରିଥିଲେ ।

## ଆମ ଆଦମୀ ପାର୍ଟି ପକ୍ଷରୁ କୃତି ଛାତ୍ରଛାତ୍ରୀ ସମାରୋହ-୨୦୨୫ ଅନୁଷ୍ଠିତ

**ନିମାପଡା ୧୬/୭( ନି.ପ୍ର):** ନୟା ହାଟ ନିକଟସ୍ଥ ଜହ୍ନି ବାଲିଆ ହାଟ ଠାରେ ଆମ୍ ଆଦମୀ ପାର୍ଟି ପକ୍ଷରୁ ଏକ କୃତି ଛାତ୍ର ଛାତ୍ରୀ ସମାରୋହ - ୨୦୨୫ ବା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଆପ ଓଡିଶା ରାଜ୍ୟ ସଙ୍ଗଠକ ଶ୍ରୀକାନ୍ତ କୁମାର ପାଣି ,ମୁଖ୍ୟ ବକ୍ତା ଆପ ଓଡିଶା ରାଜ୍ୟ ସଙ୍ଗଠକ ସଂଦୀପ୍ତ କୁମାର ଦାଶ ,ସମ୍ମାନିତ ଅତିଥି ଭାବେ ଆପ ପୁରୀ ଜିଲ୍ଲା ସଭାପତି ସଂଜୀବ କୁମାର ମହାନ୍ତି , ପୁରୀ ଜିଲ୍ଲା ଉପସଭାପତି ରବୀନ୍ଦ୍ର ନାଥ ସାହୁ ,ଯାଜପୁର ଜିଲ୍ଲା ସଭାପତି ମନୋଜ କୁମାର ମହାନ୍ତି , ପୁରୀ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଦେବ ପ୍ରଧାନ ,ସମାଜସେବୀ ସୋନାଲି ରାଉତ ,ଲକ୍ଷ୍ମୀପ୍ରିୟା ପୋଟେଇ ,ହରିହର ସ୍ୱାଇଁ ,ପଦ୍ମନାଭ ଲେଙ୍କା ,ଭୋଳାନାଥ ମୁଦୁଲି , ଜଟାଧାରୀ ସ୍ୱାଇଁ , ଧୂର୍ବ ଚରଣ ବେହେରା, ବାଙ୍କ ବିହାରୀ ନାୟକ, ବାଉରୀ ବନ୍ଧୁ ଦଳାଇ, ବାନମ୍ବର୍ ସ୍ୱାଇଁ, ଦିବାକର ଦଳାଇ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏହି ସମାରୋହ କାର୍ଯ୍ୟକ୍ରମ ରେ ଶିକ୍ଷାବିତ ମନରଞ୍ଜନ ସାହୁ ସଭାରେ ସଭାପତିତ୍ୱ କରିଥିଲେ । ଏହି ସମାରୋହ କାର୍ଯ୍ୟକ୍ରମ ରେ ପ୍ରଥମ କରି ଗୋପ ବ୍ଲକର ୧୪ ନଂ ଜୋନ୍ ରେ ଥିବା ସମସ୍ତ ହାଇସ୍କୁଲ ରେ ୪ଶହ ରୁ ଉର୍ଦ୍ଧ ମାଟ୍ରିକ ପରୀକ୍ଷାରେ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇ ଏ୧ ,ଏ୨ , ବି୧ , ବି୨ ପାଇଥିବା ୧୨୫ ଜଣ ଛାତ୍ର ଛାତ୍ରୀ ଙ୍କୁ ପ୍ରମାଣପତ୍ର ସହିତ ଟ୍ରଫି ଦେଇ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଆସନ୍ତା ବର୍ଷ ଦଶମ ଶ୍ରେଣୀରେ ପାଠ ପଢୁଥିବା ଛାତ୍ର ଛାତ୍ରୀ ଙ୍କ ମନରେ ଉତ୍ସାହ ବଢାଇବା ସହ ଭଲ ପଢିବା ପାଇଁ ଆଗ୍ରହ ପ୍ରକାଶ କରିବେ ବୋଲି ଅତିଥି କହିଥିଲେ । ଶିକ୍ଷା ଉପରେ ଗୁରୁତ୍ୱ ଦେବା ପାଇଁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଞ୍ଚଳବାସୀ ଙ୍କୁ ସଚେତନତା କରିଛନ୍ତି । କୃତି ଛାତ୍ର ଛାତ୍ରୀ ସମାରୋହ- ୨୦୨୫ ବା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରେ ପାର୍ଟି ର ରମାକାନ୍ତ ସ୍ୱାଇଁ ,ରମେଶ ଚନ୍ଦ୍ର ମହାନ୍ତି ,ଦୁଷ୍ମନ୍ତ ଦଳାଇ ,ପ୍ରକାଶ ମଲ୍ଲିକ , ବାପିନ ମଲ୍ଲିକ, ଧନେଶ୍ୱର ସ୍ୱାଇଁ ,ଉମାକାନ୍ତ ସାହୁ ,ଅଜିତ ବାରିକ , ପପୁ ବାରିକ ନିରଞ୍ଜନ ବେହେରା (ବୁଲୁ)ସହିତ ବିଭିନ୍ନ ଶିକ୍ଷା ଅନୁଷ୍ଠାନରୁ ଆସିଥିବା ଶିକ୍ଷକ ରାମକୃଷ୍ଣ ମହାନ୍ତି ,ନିହାରିକା ପ୍ରଧାନ , ଲକ୍ଷ୍ମୀଧର ପରିଡ଼ା, ସୁଶାନ୍ତ କୁମାର ସାହୁ, ମନୋଜ କୁମାର ମଲ୍ଲିକ, ଅବଦୁଲ୍ - ବରକାତ୍-ଖାଁ , ବିଜୟ କୁମାର ଦାଶ, କଲ୍ୟାଣୀ କୁଆର ଦେଇ, ପ୍ରଫୁଲ୍ଲ ଦାଶ ଅଶୋକ ଈକୁମାର ମହାନ୍ତି ପ୍ରମୁଖ ଉପସ୍ଥିତଈ ଥିଲେ ।

## ଦଶମ ସିବିଏସ୍ଇ ବୋର୍ଡ ପରୀକ୍ଷାରେ ଛାତ୍ରୀଙ୍କ କୃତୀତ୍ୱ

**ମାହାଙ୍ଗା ୧୬/୭( ନି.ପ୍ର):** ମାହାଙ୍ଗା ଅଂଚଳର ଅଗ୍ରଣୀ ସାମାଜିକ ସଂଗଠନ ଆମ ମାହାଙ୍ଗାର ଅଧକ୍ଷ ଡଃ. ଅମରେନ୍ଦ୍ର ମହାନ୍ତି ଓ ଇଂ. ସାଗ୍ନିକା ସିଂଙ୍କ କନ୍ୟା ଅମ୍ବିକା ମହାନ୍ତି ଚଳିତ ଦଶମ ସିବିଏସ୍ଇ ବୋର୍ଡ ପରୀକ୍ଷାରେ ପୂର୍ଣ୍ଣ ସଂଖ୍ୟା ୫୦୦ ରୁ ୪୮୨ ଶତକଡା ୯୭ ନମ୍ବର ରଖି ଉତୀର୍ଣ୍ଣ ହୋଇଛନ୍ତି । ଅମ୍ବିକା ସେ☐ ଜୋନ୍‌ସ ପବ୍ଲିକ ସ୍କୁଲ ଚେନ୍ନାଇର ଛାତ୍ରୀ ଅଟନ୍ତି । ତାଙ୍କର ଏହି ସଫଳତା ପଛରେ ପିତା, ମାତା, ଶିକ୍ଷକ, ଶିକ୍ଷୟିତ୍ରୀ, ଜେଜେ ଅକ୍ଷୟ କୁମାର ମହାନ୍ତି, ଜେଜେ ମାଆ ସତ୍ୟଭାମା ମହାନ୍ତି, ରେଣୁବାଳା ମହାନ୍ତି, ସାନଜେଜ ବିଜୟ କୁମାର ମହାନ୍ତି, ଜେଜେ ମାଆ ବ୍ରଜବାଳା ମହାନ୍ତି, ଅଜା ପ୍ରମୋଦ ସିଂ, ଓ ଆଇ ରେଣୁକା ସିଂ ଓ ଗୁରୁଜନଙ୍କ ଆର୍ଶିବାଦ ପାଇଁ ସେ ଏହି ସଫଳତା ପାଇଥିବା ପ୍ରକାଶ କରିଛନ୍ତି । ପାଠ ପଢାରେ ନିଷ୍ଠା ଓ ଭଗବାନଙ୍କ ଆର୍ଶିବାଦ ମୋ ସଫଳତା ପଛରେ ଅଛି ବୋଲି ଅମ୍ବିକା କହିଛନ୍ତି । ଭବିଷ୍ୟତରେ ସେ ଜଣେ ଭଲ ମଣିଷ ହୋଇ ସମାଜସେବାରେ ବ୍ରତୀ ହେବାକୁ କହିଥିବା ବେଳେ ଦିନକୁ ୮/୧୦ ଘଣ୍ଟା କଠିନ ପରିଶ୍ରମର ଫଳ ସ୍ୱରୂପ ତାଙ୍କୁ ଏହି ସଫଳତା ମିଳିଥିବା ଅମ୍ବିକା କହିଛନ୍ତି । ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି ।

## ଲାଦରପାଲି ଛକରେ ଘଟିଥିବା ସଡକ ଦୁର୍ଘଟଣାରେ ବିଦ୍ୟୁତ ବିଭାଗର ସେକ୍ସନ ଅଫିସରଙ୍କ ମୃତ୍ୟୁ

**ଅତାବିରା ୧୬/୭( ନି.ପ୍ର):** ବରଗଡ ଜିଲ୍ଲା ଥୁଆପାଲି ବିଦ୍ୟୁତ ବିଭାଗର ସେକ୍ସନ ଅଫିସର ପବିତ୍ର ମୋହନ କଂ ଭୁବନେଶ୍ୱର ଘରୋଇ ଡାକ୍ତରଖାନା ରେ ଚିକିତ୍ସାଧିନ ଅବସ୍ଥାରେ ଦେହାନ୍ତ ହୋଇଯାଇଛି । ଗତ ମଂଗଳବାର ଦିନ ସକାଳେ ମର୍ଣ୍ଣିଂ ୱାକ୍ ଯାଇଥିଲେ, ତାଂକର ପଛପଟୁ ଏକ ବୁଲେଟ ବାଇକ ଆସି ଲାଦେରପାଲି ଛକ ନିକଟରେ ଧକ୍କା ଦେଇଥିଲା ।ଯାହା ଫଳରେ ସେ ଆହତ ହୋଇଥିଲେ ।ସ୍ଥାନୀୟ ଲୋକେ ତାଂକୁ ଉଦ୍ଧାର କରି ପ୍ରଥମେ ଅତାବିରା ମେଡିକାଲକୁ ନେଇଥିଲେ ପରେ ସ୍ୱାସ୍ଥ ଅବସ୍ଥା ଗୁରୁତର ହେବାରୁ ବରଗଡର ଏକ ଘରୋଇ ହସପିଟାଲକୁ ନିଆଯାଇଥିଲା ତା ପରେ ଭୁବନେଶ୍ୱରର ଏକ ଘରୋଇ ହସପିଟାଲକୁ ନିଆଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ଆଜି ଗୁରୁବାର ଭୋର ୫ଟା ସମୟରେ ତାଙ୍କର ଦେହାନ୍ତ ହୋଇଯାଇଛି । ତାଙ୍କର ପଛରେ ବିଧବା ପତ୍ନୀ ହରିତା ପାଢ଼ୀ, ପୁଅ ପ୍ରିତମ ୧୪ବର୍ଷ, ଝିଅ ପ୍ରିୟାଂଶି ୮ବର୍ଷ ଛାଡି ଯାଇଛନ୍ତି । ସ୍ୱର୍ଗତ ପାଢୀ ମେଳାପୀ, ପରୋପକାରୀ, ସ୍ୱଷ୍ଟବାଦୀ ଅଫିସର ଜନସାଧାରଣ ସୁବିଧା ଓ ଅସୁବିଧା ବୁଝୁଥିଲେ । ସେ ଲଇଡା ବିଦ୍ୟୁତ ବିଭାଗର ସେକ୍ସନ ଅଫିସର ଥିଲେ, ଗତ ୭/୮ ବର୍ଷ ଥୁଆପାଲି ବିଦ୍ୟୁତ ବିଭାଗର ସେକ୍ସନ ଅଫିସର ଦାଇତ୍ୱ ତୁଲାଇ ଆସୁଥିଲେ । ସ୍ୱର୍ଗତ ପାଢୀ ବିୟୋଗରେ ସମଗ୍ର ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ନିଜ ଘର ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର ତଳିବାହାଲ ଗ୍ରାମରେ ତାଙ୍କର ଆତ୍ମିୟ ସ୍ୱଜନ, ବନ୍ଧୁ ବାନ୍ଧବ ମାନେ ଶବ ସତ୍କାର ତାଙ୍କର ଗ୍ରାମକୁ ନେଇଛନ୍ତି ।

## ଦଶମ ଦିନରେ ମା' ପାଟଖଣ୍ଡା ଠାକୁରାଣୀ ଯାତ୍ରା: ପଦ୍ମ ଫୁଲରେ ସଜ୍ଜିତ ମା' ମାନଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁ



**ବାଲିଗୁଡା ୧୬/୭( ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା 'ପାଟଖଣ୍ଡା ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ପାଇଁ ଗାନ୍ଧୀ ଛକ ସ୍ଥିତ ମା 'ବରାଳ ଦେବୀ ମନ୍ଦିର ଅସ୍ଥାୟୀ ମଣ୍ଡପ ବର୍ତ୍ତମାନ ଚଳ ଚଞ୍ଚଳ ହୋଇ ଦିନକୁ ଦିନ ଭକ୍ତ ଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି କ୍ଷ ଅସ୍ଥାୟୀ ପୀଠରେ ମା 'ପାଟଖଣ୍ଡା ଙ୍କ ସମେତ ମା' କନକ ଦୁର୍ଗା, ମା' ଡେଙ୍ଗସିଲ, ମା' ବରାଳଦେବୀ, ମା' ମହାମାୟୀ ଓ ମା' ଦକ୍ଷିଣ କାଳୀ ବିରାଜ ମାନ ଅଛନ୍ତି । ପ୍ରତିଦିନ ସକାଳ ଓ ସନ୍ଧ୍ୟା କାଳୀନ ଆଳତୀ ସମୟରେ ଶହ ଶହ ଭକ୍ତଙ୍କ ସମାଗମ ହେଉଛି । ଗୁରୁବାର ଓ ସଂକ୍ରାନ୍ତି ପଡିବାରୁ ମା 'ଙ୍କ ଆଜି ବିଶ୍ରାମ ଦିବସ, ଏହି ଅବସରରେ ପଦ୍ମ ଫୁଲରେ ମା'ଙ୍କ ଘଟ ସହ ପୀଠକୁ ସାଜସଜ୍ଜା ରେ ମା' ମାନେ ଝଲସୁଥିବା ଦେଖିବାକୁ ମିଳିଛି । ଅନ୍ୟ ଦିନ ଅପେକ୍ଷା ଗୁରୁବାର ମା 'ଙ୍କ ବିଶ୍ରାମ ଥିବା ଯୋଗୁଁ ସକାଳୁ ରାତ୍ର ପର୍ଯ୍ୟନ୍ତ ଭକ୍ତ ଙ୍କ ଭିଡ଼ ଲାଗି ରହିଥିଲା । ଏହି ଅବସରରେ ଅସ୍ଥାୟୀ ମଣ୍ଡପ ରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ସହ ସ୍ଥାନୀୟ ପୋଲିସ, ସିଆରଏଫ ଓ ବିଏସଏଫ ବାଟାଲିୟନ ତରଫରୁ ଏକ ଧାର୍ମିକ ସମ୍ପର୍କିତ ବିଶେଷ କାର୍ଯ୍ୟକ୍ରମ ଗୁରୁବାର ସନ୍ଧ୍ୟା ରେ ଆୟୋଜନ ହୋଇଥିଲା । ଏନେଇ ଆଗାମୀ ଦିନରେ ପ୍ରତ୍ୟେକ ସାହିରେ ଆକର୍ଷଣୀୟ ମେଢ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ଆକର୍ଷଣୀୟ ପୂଜା ମଣ୍ଡପ ସାଙ୍ଗକୁ ଅସ୍ଥାୟୀ ମଣ୍ଡପ ତୋରଣର ନିର୍ମାଣ କାର୍ଯ୍ୟ ଭକ୍ତଙ୍କୁ ବେଶ ଖୋରାକ ଯୋଗାଉଛି । ଠାକୁରାଣୀ ଯାତ୍ରା ଉପଲକ୍ଷେ ସ୍ଥାନୀୟ ସି.ଟି.କଲେଜ ରୋଡ଼ ରେ ଥିବା ନୀଳଗିରି ଫାର୍ମ ନିକଟ ଯାତ୍ରା ପଡିଆ ରେ ମୀନାବଜାର, ଖାଦ୍ୟ ପସରା ଭଳି ବିଭିନ୍ନ ଆକର୍ଷଣୀୟ କାର୍ଯ୍ୟକ୍ରମ ମନ ମୋହିବା ସୁନିଶ୍ଚିତ ଥିବା ବେଳେ ମା'ଙ୍କ କୃପା ଭିକ୍ଷା ପାଇଁ ଶ୍ରଦ୍ଧାଳୁ ଉତ୍କଣ୍ଠାର ସହ ଅସ୍ଥାୟୀ ମଣ୍ଡପ କୁ ଆସି ଦର୍ଶନ କରୁଥିବା ଦେଖିବାକୁ ମିଳୁଛି । ଏଥିରେ ମା ' ପାଟଖଣ୍ଡା ଦୁର୍ଗାପୂଜା ସମିତିର ସମସ୍ତ ସଦସ୍ୟ ଙ୍କ ସମେତ ଏହି ଠାକୁରାଣୀ ଯାତ୍ରାର ଏକ ୫ଜଣିଆ କମିଟି ସଦସ୍ୟ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ପରିଚାଳନା କରୁଛନ୍ତି ।

## ଭରସା ସମାଜ ସେବକ ସଂଗଠନ ପକ୍ଷରୁ ଦହି ପଣା ବଣ୍ଟନ

**ମାହାଙ୍ଗା ୧୬/୭( ନି.ପ୍ର):** କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅଂଚଳର ଅଗ୍ରଣୀ ସଂଗଠନ ଧର୍ମ ଓ ସଂସ୍କୃତିକୁ ଆଧାର କରି ଚାଲିଛି । ମାହାଙ୍ଗା ବ୍ଲକର ବିଭିନ୍ନ ସ୍ଥାନରେ ବିଭିନ୍ନ ଜନହିତକର କାର୍ଯ୍ୟ କରି ସଂଗଠନ ଲୋକପ୍ରିୟତା ହାସଲ କରି ଚାଲିଛି । ମାହାଙ୍ଗା ଅଂଚଳର ମେରୀପୁର ଘିସୁଆଁ ଗ୍ରାମର ପୁରାଣ ବର୍ଣ୍ଣିତ ଶ୍ରୀ ଶ୍ରୀ ବଟ ମହାପୁରୁଷଙ୍କ ପୀଠସ୍ଥଳୀରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତୀ ଅବସରରେ ଯଜ୍ଞ ମଣ୍ଡପକୁ ଆସୁଥିବା ଭକ୍ତମାନଙ୍କୁ ଭରସା ସମାଜ ସେବକ ସଂଗଠନ ପକ୍ଷରୁ ଦହି ପଣା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସଂଗଠନର ବରିଷ୍ଠ ଉପଦେଷ୍ଟା ଶ୍ରୀ ବଟକୃଷ୍ଣ ସାହୁ, ସଭାପତି ଅରୁଣ କୁମାର ରାଉତରାୟ, ସାଧାରଣ ସଂପାଦକ କେଶବ ଚନ୍ଦ୍ର ମହାନ୍ତି, ବାବା ସାଧୁନୀ ଚରଣ ବେହେରା, ତ୍ରିଲୋଚନ ପରିଡା, ସୁଧାଂଶୁ ଶେଖର ସାହୁ, ଜିତାଂଶୁ ଶେଖର ପରିଡାଙ୍କ ସମେତ ଯଜ୍ଞ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।

## କୋଦଳା ରେ ବିଜେପିର ପରାକ୍ରମ ଶୋଭାଯାତ୍ରା, ସାମିଲ୍ ହେଲେ ବିଭିନ୍ନ ବର୍ଗର ଲୋକେ

**କୋଦଳା ୧୬/୭( ନି.ପ୍ର):** ଅପରେସନ ସିନ୍ଦୂରର ସଫଳତାକୁ ନେଇ ବିଜେପିର ପରାକ୍ରମ ଶୋଭାଯାତ୍ରା । ଗଞ୍ଜାମ କୋଦଳା ଠାରେ ଅନୁଷ୍ଠିତ ହୋଇଯାଇଛି ପରାକ୍ରମ ଶୋଭାଯାତ୍ରା । କୋଦଳା ଦଣ୍ଡିଶ୍ୱର ମନ୍ଦିର ଠାରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଛି । କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । କୋଦଳା ଏନ୍ ଏ ସି ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ,ସମସ୍ତ କାଉଁସିଲର ବହୁ ଜନପ୍ରତିନିଧି, ଏନ୍ ଏ ସି କର୍ମଚାରୀ, ଛାତ୍ରଛାତ୍ରୀ ଓ ସାଧାରଣ ଲୋକେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି । ତ୍ରିରଙ୍ଗା ପତାକା ଧରି ଏହି ବିରାଟ ଶୋଭାଯାତ୍ରାରେ ସମସ୍ତେ ସାମିଲ ହୋଇଥିଲେ ।ପହଲଗାମ ଆକ୍ରମଣର ପ୍ରତିଶୋଧ ଓ ଅପରେସନ ସିନ୍ଦୂର ଜରିଆରେ ଆତଙ୍କୀଙ୍କ ଉପରେ ଭାରତର ବିଜୟ ଓ ତିନି ସେନାର ବୀରତ୍ୱ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଛି । ଭାରତ କିପରି ନିଜ ନାଗରିକଙ୍କୁ ସୁରକ୍ଷିତ ରଖିବା ସହ ବିଶ୍ୱରେ ନିଜର ସ୍ୱାଭିମାନକୁ ସୁରକ୍ଷିତ ରଖିପାରିଛି ଏହାକୁ ଉପସ୍ଥାପନା କରାଯାଇଛି ।

## କୋଦଳା ଏନ ଏ ସି ତରଫରୁ ପରାକ୍ରମ ଶୋଭା ଅନୁଷ୍ଠିତ ସାମିଲ୍ ହେଲେ ବିଭିନ୍ନ ବର୍ଗର ଲୋକେ



**କୋଦଳା ୧୬/୭( ନି.ପ୍ର):** ଅପରେସନ ସିନ୍ଦୂରର ସଫଳତାକୁ ନେଇ କୋଦଳା ଏନ ଏ ସି ତରଫରୁ ପରାକ୍ରମ ଶୋଭାଯାତ୍ରା । ଗଞ୍ଜାମ କୋଦଳା ଠାରେ ଅନୁଷ୍ଠିତ ହୋଇଯାଇଛି । କୋଦଳା ଦଣ୍ଡିଶ୍ୱର ମନ୍ଦିର ଠାରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଛି । କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । କୋଦଳା ଏନ୍ ଏ ସି ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ,ସମସ୍ତ କାଉଁସିଲର ବହୁ ଜନପ୍ରତିନିଧି, ଏନ୍ ଏ ସି କର୍ମଚାରୀ, ଛାତ୍ରଛାତ୍ରୀ ଓ ସାଧାରଣ ଲୋକେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି । ତ୍ରିରଙ୍ଗା ପତାକା ଧରି ଏହି ବିରାଟ ଶୋଭାଯାତ୍ରାରେ ସମସ୍ତେ ସାମିଲ ହୋଇଥିଲେ ।ପହଲଗାମ ଆକ୍ରମଣର ପ୍ରତିଶୋଧ ଓ ଅପରେସନ ସିନ୍ଦୂର ଜରିଆରେ ଆତଙ୍କୀଙ୍କ ଉପରେ ଭାରତର ବିଜୟ ଓ ତିନି ସେନାର ବୀରତ୍ୱ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଛି । ଭାରତ କିପରି ନିଜ ନାଗରିକଙ୍କୁ ସୁରକ୍ଷିତ ରଖିବା ସହ ବିଶ୍ୱରେ ନିଜର ସ୍ୱାଭିମାନକୁ ସୁରକ୍ଷିତ ରଖିପାରିଛି ଏହାକୁ ଉପସ୍ଥାପନା କରାଯାଇଛି ।

## ବଜ୍ରପାତ ରେ ୨ ମହିଳା ଗୁରୁତର

**ପାଟଣା ୧୬/୭( ନି.ପ୍ର):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଞ୍ଚଳରେ ଗୁରୁବାର ଅପରାହ୍ନରେ କାଳ ବୈଶାଖୀ ପ୍ରଭାବ ରେ ବର୍ଷା ପବନ ସହ ଘଡ଼ଘଡି ହୋଇଛି ।ବଜ୍ରପାତ ରେ ଦୁଇ ମହିଳା ଆହତ ହୋଇ ପାଟଣା ମେଡିକାଲ ରେ ଭର୍ତ୍ତୀ ହୋଇଛନ୍ତି ।ଆହତ ମହିଳା ହେଲେ ହରିହର ପୁର ଗ୍ରାମର ବୈଦ୍ୟନାଥ ନାଏକ ଙ୍କ ସ୍ତ୍ରୀ ସବିତା ନାଏକ (୩୪) ଏବଂ ଖିଲାରୀପାଟ ନୂଆଗାଁ ଗ୍ରାମର ପ୍ରତାପ ଦେହୁରୀ ଙ୍କ ସ୍ତ୍ରୀ କୁନି ଦେହୁରୀ(୫୦) ବୋଲି ଜଣାପଡିଛି । ଉଭୟ ଘରେ ଥିବା ସମୟରେ ଘର ବାହାରେ ବଜ୍ରପାତ ହୋଇଥିଲା ।ପରିବାର ଲୋକେ ଉଦ୍ଧାର କରି ପାଟଣା ମେଡ଼ିକାଲ ରେ ଭର୍ତ୍ତୀ କରିଥିଲେ ।ଉଭୟ ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି ।

## ବ୍ରାଉନ ସୁଗର କାରବାରରେ ୩ ଗିରଫ, ୬୮. ୮୧ ଗ୍ରାମ ବ୍ରାଉନ ସୁଗର ଜବତ

**ଛତ୍ରପୁର ୧୬/୭( ନି.ପ୍ର):** ଛତ୍ରପୁର ସହରରେ ବ୍ରାଉନ ସୁଗର କାରବାର ନେଇ ପୁଲିସ ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ରିକାପଲ୍ଲୀ ହରିଜନ ସାହିର ପହଲା ଓରଫ ରାମ ନାୟକ ଓ ଶାନ୍ତିନଗରର ଲିପୁ ଓରଫ ଦିଲ୍ଲିପ କୁମାର ନାୟକ ଏବଂ ଜଟଣୀ ଥାନା ତିରୁମୁଲା ଗ୍ରାମର ରଂଜିତ ଓରଫ ଗାଣ୍ଡୁ ଓରଫ ପୂର୍ଣ୍ଣଚନ୍ଦ୍ର ମହାନ୍ତି । ସେମାନଙ୍କ ଠାରୁ ୬୮. ୮୧ ଗ୍ରାମ ବ୍ରାଉନ ସୁଗର, ତିନୋଟି ମୋବାଇଲ ଜବତ ହୋଇଛି । ଜାତୀୟ ରାଜପଥ ତାମ୍ପରା ଆର. କେ. ଢ଼ାବା ନିକଟ ଏକ ଆମ୍ବ ତୋଟାରୁ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲଣ କରାଯାଇଥିବା ଛତ୍ରପୁର ପୁଲିସ ପକ୍ଷରୁ ସୂଚନା ମିଳିଛି । ଛତ୍ରପୁର ସହର ଏବଂ ଆଖପାଖ ଅଞ୍ଚଳରେ ବ୍ରାଉନ ସୁଗର କାରବାର ଚାଲିଥିବା ପୁଲିସ ସୁରାଖ ପାଇ ତନାଘନା ଆରମ୍ଭ କରିଥିଲା ।

## ସ୍ୱେଚ୍ଛାସେବୀ ଙ୍କ ସହାୟତାରେ ଫେରିଲା ଶବ

**ପାଟଣା ୧୬/୭( ନି.ପ୍ର):** ପାଟଣା ଥାନା ଅନ୍ତର୍ଗତ ଦାମାହୁଦା ଗ୍ରାମର ରବୀନ୍ଦ୍ର ମାଝୀ (୩୧)କିଛି ବର୍ଷ ହେବ ଯକ୍ଷ୍ମା ଆକ୍ରାନ୍ତ ହୋଇ ଚିକିତ୍ସା ରେ ଥିଲେ ।ତେବେ ମଙ୍ଗଳବାର ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଠାକୁରମୁଣ୍ଡା ଡାକ୍ତରଖାନା ଓ ସେଠାରୁ ପାଟଣା ଡାକ୍ତର ଖାନା ଅଣାଯିବା ପରେ ପରେ କେନ୍ଦୁଝର ଜିଲ୍ଲା ଚିକିତ୍ସାଳୟ ନିଆ ଯାଇଥିଲା ।ଅବସ୍ଥା ଉଦବେଗଜନକ ଥିବାରୁ ତାଙ୍କୁ କଟକ ମେଡ଼ିକାଲ ନିଆଯାଇ ଚିକିତ୍ସା କରା ଯାଉଥିବା ବେଳେ ଆଜି ସେ ପ୍ରାଣ ହରାଇଥିଲେ ।ତେବେ ପାଖରେ ଅର୍ଥ ନଥିବାରୁ ତାଙ୍କ ପରିବାର ଶବକୁ ଘରକୁ ଆଣି ପାରୁ ନଥିଲେ ।କେନ୍ଦୁଝର ର ସ୍ୱେଚ୍ଛାସେବୀ ସଞ୍ଜୀବ କୁମାର ସାହୁ ଙ୍କ ଅନୁରୋଧ କ୍ରମେ କଟକର ଜଣା ଶୁଣା ସ୍ୱେଚ୍ଛାସେବୀ ଲଳିତ ରାୟ ରୋଗିଯାନ ଯୋଗେ ଦାମାହୁଦା କୁ ଶବ ପଠାଇବାର ବ୍ୟବସ୍ଥା କରିଥିବାରୁ ଗ୍ରାମବାସୀ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ରାସ୍ତା ଅବସ୍ଥା ଶୋଚନୀୟ
### ମରାମତି ଦାବି କଲେ ଗ୍ରାମବାସୀ



ପାଟଣା **୧୬/୭( ନି.ପ୍ର):** ସାହାରପଡା ବ୍ଲକ ଅନ୍ତର୍ଗତ ଉଦୟପୁର ଠାରୁ ଖଜୁରୀଡିହା ପର୍ଯ୍ୟନ୍ତ ୮.୩୩ କିମି ରାସ୍ତା କୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଗ୍ରାମୀୟ ଉନ୍ନୟନ ବିଭାଗ ଦ୍ୱାରା ୨୦୨୦ ମଇ ମାସ ରେ କାର୍ଯ୍ୟ ଆରମ୍ଭ ହୋଇ ଏକ ବର୍ଷ ପରେ ସମ୍ପୂର୍ଣ ହୋଇଥିଲା । କାର୍ଯ୍ୟ ସମ୍ପୂର୍ଣ ହେବା ଦିନ ଠାରୁ ୫ ବର୍ଷ ମରାମତି କରିବାର ଗ୍ୟାରେଣ୍ଟି ଦିଆ ଯାଇଥିଲା ।ମାତ୍ର କାମ ସାରିବା ପରଠାରୁ ଠିକାଦାର ଏହି ରାସ୍ତା ପ୍ରତି ଆଉ ଦୃଷ୍ଟି ଦେଇନାହାନ୍ତି। ଉଦୟପୁର ସିଲିପଦା ମଝିରେ ଥିବା ଏକ ପୋଲ ର ଉଭୟ ପାର୍ଶ୍ୱ ରାସ୍ତା ଖୋଲି ହୋଇଯାଇଛି ।ଦୁଇବର୍ଷ ପୂର୍ବରୁ ଅଭିଯୋଗ କରାଯାଇଥିଲେ ମଧ ବିଭାଗୀୟ ଅଧିକାରୀ ଚୁପ ଦେଇ ବସିଛନ୍ତି । ମଝିରେ ଖାଲ ଉପରେ କିଛି ମୋରମ ପକାଇ ଦେଇ କାମ ସାରିଦେଇଥିଲେ । ଏବେ ମୋରମ ସବୁ ଉଠି ଯାଇଛି । ପୋଲ ର ଉଭୟ ପଟେ ଖାଲ ହୋଇଗଲାଣି। କେଉଁ ମୁହୂର୍ତ୍ତ ରେ ରାସ୍ତା ଖସି ଯାଇପାରେ । ଏହା ଏବେ ବିପଦ ସଂକୁଳ ହୋଇଛି ।ଏହି ରାସ୍ତା ଦେଇ ଭୁବନେଶ୍ୱର ଓ ଯାଜପୁର କୁ ୩ ଟି ବସ ଚଳାଚଳ କରୁଛନ୍ତି । କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଢେଙ୍କିକୋଟ ହନୁମାନ ମନ୍ଦୀର ରେ ବୃଷ ସଂକ୍ରାନ୍ତି

ପାଟଣା **୧୬/୭( ନି.ପ୍ର):** ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ହନୁମାନ ମନ୍ଦିରରେ ଆଜି ବୃଷ ସଂକ୍ରାନ୍ତି ଉତ୍ସବ ଅନୁଷ୍ଠିତ ହୋଇଛି । ମାନସିକ ଧାରୀ ଘଷିପୁରା ବ୍ଲକ ବଳରାମପୁର ନିବାସୀ ରାକେଶ ରୋଶନ ବିଶ୍ୱାଳ, ରାଜଶ୍ରୀ ବିଶ୍ୱାଳ ଓ ରିୟାନ ବିଶ୍ୱାଳ ଏହି ଉତ୍ସବରେ ସାମିଲ ହୋଇ ସ୍ୱତନ୍ତ୍ର ପୂଜା ସଂକଳ୍ପ କରିଥିଲେ । ତାଙ୍କ ପକ୍ଷରୁ ହନୁମାନ ପୀଠ ର ତଳ ଭାଗ ମାର୍ବଲ କାମ କରି ଦେବାକୁ ପ୍ରତିଶ୍ରୁତି ଦେବା ସହ ଆଜିର ଉତ୍ସବରେ ସାମିଲ ହୋଇଥିବା ଶତାଧିକ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରିଥିଲେ । ପୂଜକ ଓମ ପ୍ରକାଶ ଶତପଥୀ ପୂଜାଦି ହୋମଯଜ୍ଞ କାର୍ଯ ସମ୍ପାଦନ କରିଥିଲେ । କମିଟି ପକ୍ଷରୁ ରାଜକିଶୋର ସାହୁ, ମକରଧ୍ୱଜ ସାହୁ, ତୃପ୍ତି ରଞ୍ଜନ ସାହୁ, ନିରଞ୍ଜନ ଦଳେଇ,କଣ୍ଟ ଦଳେଇ,ଅଶେଷ କୁମାର ସାହୁ, ବେଣୁଧର ସାହୁ, କୃପାସିନ୍ଧୁ ଦଳେଇ, ଜଗନ୍ନାଥ ଦାଶ,ସୁଭାଶିଷ ଜେନା, ସଞ୍ଜୟ କୁମାର ନାୟକ ଓ ଦିଲ୍ଲିପ କୁମାର ବେହେରା ଓ ଅନ୍ୟମାନେ କାର୍ଯକ୍ରମ ସହଯୋଗ କରିଥିଲେ ।

## ବନ ବିଭାଗର ଚଢ଼ାଉ, ଚୋରା କାଠ ଜବତ



ପାଟଣା **୧୬/୭( ନି.ପ୍ର):** ଆଜି ରାତି ଭୋର୍ ସାଢ଼େ ୪ଟାରୁ କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ସାନ୍ତରାପୁର ଗ୍ରାମରେ କେନ୍ଦୁଝର ଡିଏଫଓ ଏଚ୍ ଡି ଧନରାଜ ଙ୍କ ତତ୍ୱାବଧାନରେ ଏକ ପ୍ଲାଟୁନ ପୋଲିସ୍ ଫୋର୍ସ ସହିତ ବନ ବିଭାଗ ଏକ ବଡ ଧରଣର ଚଢ଼ାଉ କରିଛି । ଚଢ଼ାଉ ସମୟରେ ୩ଜଣ ଲୋକ ଙ୍କ ୭ଟି ଘର ଭିତରେ ଗଚ୍ଛିତ ଥିବା ୧୪ ଟି ଟ୍ରାକ୍ଟର ଭର୍ତ୍ତି ୬୦୦ ସିଫ୍ଟ କାଠ ଜବତ କରାଯାଇଛି।। ତେବେ ଏହି ସାନ୍ତରାପୁର ଗ୍ରାମକୁ କେନ୍ଦୁଝର ଜିଲ୍ଲାର ଚୋରା କାଠ ମାଫିଆଙ୍କ ହବ କୁହାଯାଉଥିବା ବେଳେ ଅନେକ ବାର ବନ ବିଭାଗ ଚଢ଼ାଉ କରି ବିଫଳ ହେଉଥିଲା । କିନ୍ତୁ ଆଜି ବନ ବିଭାଗକୁ ବଡ ଧରଣର ସଫଳତା ମିଳିଛି । ଚଢାଉ ରେ ୪ ଜଣ ରେଞ୍ଜର , ୨ଜଣ ଏ ସି ଏଫ, ୬୦ ଜଣ ସୁରକ୍ଷା କର୍ମୀ , ୪୦ ଜଣ ପୁଲିସ , ୩୦ ଜଣ ବନ କର୍ମଚାରୀ ସାମିଲ ଥିଲେ । ଜବତ କାଠ ଗୁଡ଼ିକୁ ବନ ବିଭାଗ ଘଟଗାଁ ଡିପୋ କୁ ନିଆଯାଇଛି। ଜବତ କାଠ ମଧ୍ୟରେ ଶାଳ , ପିଆଶାଳ ,ଶାଗୁଆନ ଓ ଗମ୍ଭାରୀ କାଠ ଥିବା ଜଣାପଡିଛି। ଭୋର ସାଢେ ୪ଟା ରୁ ସାଢ଼େ ୧୧ ଟା ଯାଏଁ ଏହି ଚଢାଉ ହୋଇଥିଲା।

## ତାମିଲନାଡୁ ଫେରନ୍ତା ଯୁବକ ବରମୁଣ୍ଡା ରୁ ନିଖୋଜ

ପାଟଣା **୧୬/୭( ନି.ପ୍ର):** ତାମିଲନାଡୁ ର ଚେନ୍ନାଇ ରୁ ଗ୍ରାମକୁ ଫେରୁଥିବା ପାଟଣା ବ୍ଲକ ମିରିଗିଖୋଜି ଗ୍ରାମର ପୂର୍ଣ୍ଣ ଚନ୍ଦ୍ର ମହାନ୍ତ ଙ୍କ ପୁଅ ଟୁନା ମହାନ୍ତ(୪୫) ୫ଦିନ ହେଲା ବରମୁଣ୍ଡା ରୁ ନିଖୋଜ ଅଛନ୍ତି ।ଟୁନା ମହାନ୍ତ ନିଜର କିଛି ସାଙ୍ଗଙ୍କ ସହ ଚେନ୍ନାଇ ଯାଇ ସେଠାରେ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିଲେ ।ଗତ ୧୧ ତାରିଖ ଟୁନା ଚେନ୍ନାଇ ରୁ ଆସି ବରମୁଣ୍ଡା ରେ ପହଞ୍ଚି ଥିଲେ ।ସେଠାରୁ ପାଟଣା ଫେରି ନାହାନ୍ତି ଓ ସେହିଦିନ ସନ୍ଧ୍ୟା ୭ ଟା ପରଠାରୁ ତାଙ୍କ ମୋବାଇଲ ଆଉ ଲାଗୁନାହିଁ ।ଏନେଇ ତାଙ୍କ ପରିବାର ପକ୍ଷରୁ ପାଟଣା ପୁଲିସ କୁ ସୂଚନା ଦେଇ ଉଦ୍ଧାର ପାଇଁ ନିବେଦନ କରାଯାଇଛି।

## ଏସ୍‌ଇବିସି ବର୍ଗର ଛାତ୍ରଛାତ୍ରୀଙ୍କୁ ସଂରକ୍ଷଣରୁ ବଞ୍ଚିତ କରାଯାଇଥିଲା: ଧର୍ମେନ୍ଦ୍ର

# ୩୫ ବର୍ଷ ଧରି ଛଳନା କରିଛନ୍ତି ବିଜେଡ଼ି ଓ କଂଗ୍ରେସ

ଭୁବନେଶ୍ୱର, ଏପ୍ରିଲ ୧୬ – ଓଡ଼ିଶାରେ ସାମାଜିକ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗ (ଏସଇବିସି)ର ଛାତ୍ରଛାତ୍ରୀଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଆସନ ସଂରକ୍ଷଣ ଦେବା ଦିଗରେ ପୂର୍ବ କଂଗ୍ରେସ ଏବଂ ବିଜେଡି ସରକାର କେବଳ ଛଳନା କରିଥିଲେ । କୋର୍ଟ କଚେରିର ବାହାନା ଦେଖାଯିବା ସହ ଛଦ୍ମ ସର୍ଭେର ପ୍ରହସନ କରାଯାଇଥିଲା ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏ ପ୍ରସଙ୍ଗରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ୧୯୯୦ ମସିହାରୁ ମଣ୍ଡଳ କମିଶନ ଲାଗୁ ହେବା ପରେ ବି ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କୁ ଏପରି ସଂରକ୍ଷଣରୁ ବଞ୍ଚିତ କରାଯାଇଥିଲା । ଦୀର୍ଘ ୩୫ ବର୍ଷ ଧରି ରାଜ୍ୟରେ କଂଗ୍ରେସ ଏବଂ ବିଜେଡି ଶାସନ ଦାୟିତ୍ୱରେ ଥିଲେ । ପଛୁଆ ବର୍ଗଙ୍କୁ ସାମ୍ବିଧାନିକ ଅଧିକାର ସ୍ୱରୂପ ପାଠପଢା ଏବଂ ଚାକିରି କ୍ଷେତ୍ରରେ ସଂରକ୍ଷଣ ଦେବା ପାଇଁ କମିଶନର ପରାମର୍ଶ ଥିଲା । ଭାରତବର୍ଷର ଏକମାତ୍ର ରାଜ୍ୟ ଭାବରେ ଓଡ଼ିଶାରେ ଏସଇବିସି ତାଲିକାକୁ କୋର୍ଟ କଚେରିର ବାହାନା ଦେଖାଇ ଗ୍ରହଣ କରାଯାଉନଥିଲା । ଅତୀତରେ ଛଦ୍ମ ସର୍ଭେର ପ୍ରହସନ କରାଯାଇଥିଲା । ପୂର୍ବ ସରକାର ଏହି ବର୍ଗର ଛାତ୍ରଛାତ୍ରୀଙ୍କୁ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରିଥିଲେ । ଏହା ଓଡ଼ିଶାର ସାମାଜିକ ନ୍ୟାୟକୁ ବହୁତ ବଡ କୁଠାରଘାତ ହୋଇଥିଲା । ଓଡ଼ିଶା ଏକ ମାତ୍ର ରାଜ୍ୟ ଥିଲା, ଯେଉଁ ରାଜ୍ୟରେ ସାମାଜିକ ନ୍ୟାୟକୁ ଅଣଦେଖା କରାଯାଇଥିଲା । ତେବେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ହେବା ପରେ ନିର୍ବାଚନରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ପୂରଣ କରାଯାଇଛି । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି ଶ୍ରୀ ପ୍ରଧାନ । ସେ ଆହୁରି



କହିଛନ୍ତି ଯେ ଭାରତୀୟ ଜନତା ପାର୍ଟି ସାମାଜିକ ନ୍ୟାୟ ପ୍ରତି ପ୍ରତିଶ୍ରୁତିବଦ୍ଧ । ତେବେ ଏକ ରାଜ୍ୟରେ ସଂରକ୍ଷଣ ହାର ୫୦ ପ୍ରତିଶତରୁ ଅଧିକ ନକରିବା ପାଇଁ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିୟମ ପରିଧିରେ ଅଛି । ରାଜ୍ୟରେ ସବୁ ସଂରକ୍ଷଣ ଲାଗୁ ହେବା ପରେ ଆଉ ମାତ୍ର ୧୧.୨୫ ପ୍ରତିଶତ ସଂରକ୍ଷଣ ବାକି ରହିଥିଲା । ଗତକାଲି ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ଓ ଉଚ୍ଚ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତର ଆସନ ସଂରକ୍ଷଣ ଦେବା ପାଇଁ ଓଡ଼ିଶା ରାଜ୍ୟ କ୍ୟାବିନେଟ ମଞ୍ଜୁର ଦେଇଛି, ଯାହା ଡବଲ ଇଞ୍ଜିନ ସରକାରର ସାମାଜିକ ନ୍ୟାୟ ପ୍ରତି ଥିବା ପ୍ରତିବଦ୍ଧତାର ଉଦାହରଣ । ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ପତ୍ର ଲେଖି ଏହି ଆର୍ଥିକ ଅନଗ୍ରସର ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା, ବୈଷୟିକ ଶିକ୍ଷା ଏବଂ ମେଡ଼ିକାଲ ଶିକ୍ଷାରେ ସଂରକ୍ଷଣ ଦେବା ପାଇଁ ଅନୁରୋଧ କରିଥିଲି । ଉଚ୍ଚ ଶିକ୍ଷାରେ ସଂରକ୍ଷଣ ପାଇଁ କ୍ୟାବିନେଟ ମଞ୍ଜୁରୀ ମିଳିଥିବା ବେଳେ ଆଗାମୀ ଦିନରେ ବୈଷୟିକ ଶିକ୍ଷା ଏବଂ ଡ଼ାକ୍ତରୀ ଶିକ୍ଷାରେ ମଧ ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ଲାଗୁ କରାଯିବ । ସେହିପରି ଓଡ଼ିଶାରେ ଏସସି ଓ ଏସଟି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଚାକିରିରେ ଯେତେ ଆରକ୍ଷଣ ଅଛି, ସେତେ ମାତ୍ରାରେ ଶିକ୍ଷା କ୍ଷେତ୍ରରେ ଆରକ୍ଷଣର ବ୍ୟବସ୍ଥା ନାହିଁ । ସର୍ବଭାରତୀୟ ସ୍ତରରେ ଯେଉଁ ଅନୁପାତ ଅଛି, ସେହି ଅନୁପାତକୁ ଦେଖି ଏଠାରେ ଅନୁରୂପ ବ୍ୟବସ୍ଥା ହେବା ଦରକାର । ଅପରପକ୍ଷରେ ଦେଶରେ ଉଚ୍ଚ ବର୍ଗର ଗରିବ ପିଲାମାନଙ୍କୁ ମଧ ସାମାଜିକ ନ୍ୟାୟରୁ ବଞ୍ଚିତ ନକରିବା ପାଇଁ ସେମାନଙ୍କୁ ପାଠପଢା ଓ ଚାକିରିରେ ସୁଯୋଗ ଦେବା ପାଇଁ ସଂରକ୍ଷଣ ତାଲିକାରେ ଇଡବ୍ଲୁଏସ ବର୍ଗଙ୍କୁ ଏଥିରେ ଯୋଡାଯାଇଛି । ନରେନ୍ଦ୍ର ମୋଦୀଙ୍କୁ ଶ୍ରେୟ ନ ଦେବା ପାଇଁ ଓଡ଼ିଶାରେ ଉଚ୍ଚ ବର୍ଗର ଗରିବ ପିଲାମାନଙ୍କୁ ମଧ ଅଧିକାରରୁ ବଞ୍ଚିତ କରିଥିଲେ । ଏସଇବିସି ଓ ଓବିସି ବର୍ଗଙ୍କୁ ସରକାରୀ ସେବା ଓ ଶିକ୍ଷାନୁଷ୍ଠାନରେ ଇଡବ୍ଲୁଏସ କୋଟା ପ୍ରଦାନ କରିବା ପାଇଁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ମାଝୀଙ୍କୁ ଅବଗତ କରାଯାଇଥିବା ମତ ପ୍ରକାଶ କରିଛନ୍ତି ।

## ଉଠାଦୋକାନୀଙ୍କୁ ପୂର୍ବ ସ୍ଥାନକୁ ସ୍ଥାନାନ୍ତର ପାଇଁ ଭାଜପାର ଦାବି
### *ଖୋଲା ଆକାଶ ତଳେ ୭ ମାସ ହେବ ଯନ୍ତ୍ରଣା ରେ ସାଧାରଣ ବ୍ୟବସାୟୀ*

ରାୟଗଡା/ବିଷମକଟକ **୧୬/୭( ନି.ପ୍ର):** ଆଜି ବିଷମକଟକ ଭାରତୀୟ ଜନତା ପାର୍ଟି ଶ୍ରେଷ୍ଠ ନେତୃତ୍ୱ ମଣ୍ଡଳୀ ଙ୍କ ତତ୍ୱାବଧାନ ରେ ଏକ ଦଳ ସ୍ଥାନୀୟ ଗୋଷ୍ଠି ଉନ୍ନୟନ ଅଧିକାରୀ ବିଷମକଟକ ଶ୍ରୀ ଶିବ ପଟନାୟକ, ତହସିଲଦାର ବିଷମକଟକ କେ. ଭେଙ୍କେଟେଶ୍ୱର ରେଡ୍ଡୀ, ଥାନା ଭାର ପ୍ରାପ୍ତ ଅଧିକାରୀ ଶ୍ରୀ ସୂର୍ଯ୍ୟ ନାରାୟଣ ପାଢ଼ୀ ଏବଂ ସ୍ଥାନୀୟ ସରପଞ୍ଚ ନମିତା କୁଲୁସିକା ଙ୍କୁ ଭେଟି ସ୍ଥାନୀୟ ପରିବା ଉଠାଦୋକାନୀ ମାନଙ୍କୁ ସେମାନଙ୍କ ପୂର୍ବ ବ୍ୟବସାୟିକ ସ୍ଥାନ କୁ ପୁନଃ ସ୍ଥାନାନ୍ତର କରିବା ପାଇଁ ଏକ ଦାବି ପତ୍ର ପ୍ରେରଣ କରିଥିଲେ । ନେତୃତ୍ୱ ମଣ୍ଡଳୀ ଙ୍କ କହିବା ଅନୁସାରେ ଦୀର୍ଘ ୭ ମାସ ରୁ ଅଧିକ ସମୟ ହେବ, ସ୍ଥାନୀୟ ପରିବା ବ୍ୟବସାୟୀ ମାନଙ୍କୁ ସେମାନଙ୍କ ଉଠା ଦୋକାନ ରୁ ନୂତନ ବଜାର ଗୃହ ନିର୍ମାଣ ସକାଶେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା । ନଭେମ୍ବର ୨୦୨୪ ରୁ ସ୍ଥାନାନ୍ତର କରାଯାଇଥିବା ଏହି ଦୋକାନୀ ମାନଙ୍କୁ ବିଷମକଟକର ମୁଖ୍ୟ ରାସ୍ତାରେ ସାମୟିକ ଭାବେ ନିଜ ଦୋକାନ ଖୋଲିବା ପାଇଁ କୁହାଯାଇଥିବା ସ୍ଥଳେ, ଶୀତ



ଋତୁ ଠାରୁ ଅଦ୍ୟାବଧି ପ୍ରଚଣ୍ଡ ଗ୍ରୀଷ୍ମ ଖରା ଓ କାଳ ବୈଶାଖୀ ଜନିତ ବର୍ଷା ତଥା ଝଡ଼ ରେ ନାନା ଅସୁବିଧା ର ସମ୍ମୁଖୀନ ହୋଇ ମଧ ଖୋଲା ଆକାଶ ତଳେ ଦୋକାନ ଖୋଲି ନିଜର ଗୁଜୁରାଣ ମେଣ୍ଟାଇବା କୁ ବାଧ ହେଉଛନ୍ତି । ହେଲେ ନିର୍ମାଣ କାର୍ଯ୍ୟ ରେ ଅହେତୁକ ବିଳମ୍ବ ଯୋଗୁଁ ସେହି କାର୍ଯ୍ୟ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ ହୋଇପାରିଲାନି । ଇତି ମଧ୍ୟରେ ୭ ମାସ ବିତିଲାଣି ହେଲେ ସାଧାରଣ ବ୍ୟବସାୟୀ ମାନଙ୍କ ଯନ୍ତ୍ରଣା ପ୍ରତି କାହାରି ଦୃଷ୍ଟି ଯାଉ ନ ଥିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ମଣ୍ଡଳ ସଭାପତି ଶ୍ରୀ ସୋମନାଥ ହିମିରିକା ପ୍ରକାଶ କରିଥିଲେ। ସୌଭାଗ୍ୟ ବଶତଃ ବର୍ତମାନ ପର୍ଯ୍ୟନ୍ତ କୌଣସି ମଧ ଉଠା ଦୋକାନୀଙ୍କ ସହ ପ୍ରଚଣ୍ଡ ଖରା ଯୋଗୁଁ ଅଂଶୁଘାତ ଅବା ଅନ୍ୟ କୌଣସି ଶାରୀରିକ ଅସୁସ୍ଥତା ଭଳି ଗମ୍ଭୀର ପରିସ୍ଥିତି ସୃଷ୍ଟି ହୋଇନାହିଁ ଓ କିନ୍ତୁ ଏଭଳି ପରିସ୍ଥିତି ଯେ ଆଗକୁ ସୃଷ୍ଟି ନ ହେବ ଏଥି ପାଇଁ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିବା ପାଇଁ ଏହି ପତ୍ର ମାଧ୍ୟମରେ ବିଷମକଟକ ଭାଜପା ନିବେଦନ କରୁଥିବା ଶ୍ରୀ ଗୌତମ ଉଲ୍ଲାକା ପ୍ରକାଶ କରିଥିଲେ । ବର୍ତମାନ ପ୍ରତି ଦିନ କାଳ ବୈଶାଖୀ ଜନିତ ବର୍ଷା, ଘୂର୍ଣ୍ଣିଝଡ଼ ହେଉଛି, ଏଭଳି ସ୍ଥଳେ ଏହି ବ୍ୟବସାୟୀ ମାନଙ୍କୁ ବହୁ କଷ୍ଟ ର ସାମ୍ନା କରିବାକୁ ପଡୁଛି ଓ ଏଥି ସହ ମୁଖ୍ୟ ବଜାର ମଧ୍ୟରେ ଦୋକାନ ସବୁ ରହିବା ଦ୍ୱାରା ଟ୍ରାଫିକ ସମସ୍ୟା ସହ ମୁଖ୍ୟ ରାସ୍ତା ଟି ଜନବହୁଳ ସ୍ଥାନ ପାଲଟୁଛି । ଏଣୁ ଭାରତୀୟ ଜନତା ପାର୍ଟି ନେତୃତ୍ୱ ମଣ୍ଡଳି ଏହି ସମସ୍ୟା ପ୍ରତି ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରି ଆଗାମୀ ୭ ଦିନ ମଧ୍ୟରେ ଦୋକାନୀ ମାନଙ୍କୁ ତାଙ୍କ ପୂର୍ବ ସ୍ଥାନରେ ନିୟମିତ ଦୋକାନ ଖୋଲିବା ପ୍ରତି ପଦକ୍ଷେପ ନେବା ଲାଗି ନିବେଦନ କରାଯାଇଥିବା ଜଣା ପଡିଛି । ଯଦି ପ୍ରଶାସନ ଏଥି ପ୍ରତି ତତ୍ପରତା ନ ଦେଖାଏ ତେବେ ଏହି ଦୋକାନୀ/ବ୍ୟବସାୟୀ ମାନଙ୍କୁ ତାଙ୍କ ପୂର୍ବବସ୍ଥା କୁ ସ୍ଥାନାନ୍ତର ଲାଗି ଭାରତୀୟ ଜନତା ପାର୍ଟି ସମସ୍ତ ପଦକ୍ଷେପ ଗ୍ରହଣ କରିବ ବୋଲି ଦଳ ଦୃଢ଼ତା ର ସହ ପ୍ରକାଶ କରିଥିବା କୁହାଯାଉଛି । ଏହି ପଦକ୍ଷେପ ନିମନ୍ତେ ସ୍ଥାନୀୟ ପ୍ରଶାସନ ଠାରୁ ଭାରତୀୟ ଜନତା ପାର୍ଟି ବିଷମକଟକ ସମସ୍ତ ପ୍ରକାର ସହଯୋଗ କାମନା କରୁଥିବା ସହ ଯଦି ପ୍ରଶାସନିକ ଅବହେଳା ଯୋଗୁଁ ଏହି ସାଧାରଣ ବ୍ୟବସାୟୀ ମାନଙ୍କ ସହ କୌଣସି ଦୁର୍ଘଟଣା, ଅଘଟଣ ଘଟେ ତେବେ ଏଥି ପ୍ରତି ପାଇଁ କେବଳ ପ୍ରଶାସନ ଦାୟୀ ରହିବ ବୋଲି ନେତୃତ୍ୱ ମଣ୍ଡଳୀ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଥିବା କୁହାଯାଉଛି। ତେବେ ପ୍ରଶାସନ ଏହି ଗୁରୁତ୍ୱପୂର୍ଣ ବିଷୟ କୁ କିଭଳି ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା ଓ ଏହି ଅବସରରେ ବିଷମକଟକ ଭାଜପା ତରଫରୁ ଶ୍ରୀ ରୋହିତ ଦଣ୍ଡସେନା, ଦୁର୍ଯ୍ୟୋଧନ ପାଳ, ସର୍ବେଶ୍ୱର ସୁନା, ମୋନଜ ପଣ୍ଡା, ଅନିଲ କୁମାର ସାହୁ, ଅମ୍ଳାନନ୍ଦ ଶ୍ରାମ୍ବୁକା, ସାନି ଉର୍ଲାକା ସମେତ ଅନ୍ୟ ମାନେ ଉପସ୍ଥିତ ରହିଥିଲେ ।

## ପୋଲସରାରେ ପରାକ୍ରମ ତ୍ରିରଙ୍ଗା ଶୋଭାଯାତ୍ରା

ପୋଲସରା **୧୬/୭( ନି.ପ୍ର):** ଅପରେସନ ସିନ୍ଦୂର ର ସଫଳତା ଯୋଗୁଁ ଭାରତର ବୀର ସୈନିକଙ୍କ ଆତଙ୍କବାଦିଙ୍କ ବିରୁଦ୍ଧରେ ନିଆଯାଇଥିବା ସାହସିକ ଆକ୍ରମଣ ପଦକ୍ଷେପକୁ ସମର୍ଥନ ଏବଂ ଉତ୍ସାହିତ କରିବା ନିମନ୍ତେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ପୋଲସରା ଏନ୍‌ଏସି ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଜେନାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ଏବଂ ପୋଲସରା ତହସିଲଦାର ଦୀପ୍ତିମୟୀ ପାତ୍ରଙ୍କ ନେତୃତ୍ୱରେ ଏକ ପରାକ୍ରମ ତ୍ରିରଙ୍ଗା ଶୋଭାଯାତ୍ରା ଦେଶାତ୍ମବୋଧ ସଂଗୀତ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟାଳୟ ଠାରୁ ଶୋଭାଯାତ୍ରା ବାହାରି ସହର ମୁଖ୍ୟ ସଡ଼କ ଦେଇ ସହରର ଦୀର୍ଘ ଚାରି କି.ମି ରାଣୀପଡ଼ା ରାମ ମନ୍ଦିର ପର୍ଯ୍ୟନ୍ତ ଏବଂ ସେଠାରୁ ବେଲଗାଁ ଛକ ପର୍ଯ୍ୟନ୍ତ ଯାଇ ସେଠାରୁ ଫେରି କାର୍ଯ୍ୟାଳୟରେ ଶେଷ ହୋଇଥିଲା। ଏଥିରେ ଏନ୍‌ଏସି ଅଧ୍ୟକ୍ଷା ସଂଗୀତା ବେହେରା, ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, କାଉନସିଲର ବୃନ୍ଦ, ଏନଏସି ଅଫିସ କର୍ମଚାରୀ ବୃନ୍ଦ, ପରିମଳ କର୍ମଚାରି ବୃନ୍ଦଙ୍କ ସମେତ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ।

## ବୁଗୁଡାରେ ପରାକ୍ରମ ତ୍ରିରଙ୍ଗା ଶୋଭାଯାତ୍ରା

ବୁଗୁଡା **୧୬/୭( ନି.ପ୍ର):** ଅପରେସନ ସିନ୍ଦୂର ର ସଫଳତା ଯୋଗୁଁ ଭାରତର ବୀର ସୈନିକଙ୍କ ଆତଙ୍କବାଦିଙ୍କ ବିରୁଦ୍ଧରେ ନିଆଯାଇଥିବା ସାହସିକ ଆକ୍ରମଣ ପଦକ୍ଷେପକୁ ସମର୍ଥନ ଏବଂ ଉତ୍ସାହିତ କରିବା ନିମନ୍ତେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ବୁଗୁଡା ଏନ୍‌ଏସି ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା , ବୁଗୁଡା ଅତିରିକ୍ତ ତହସିଲଦାର ସୁନନ୍ଦ ଶେଖର ସାହାଣୀ ଓ ବିଇଓ ଚିନ୍ମୟ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପରାକ୍ରମ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟାଳୟ ଠାରୁ ଶୋଭାଯାତ୍ରା ବାହାରି ସହର ସହର ପରିକ୍ରମା କରି କାର୍ଯ୍ୟାଳୟରେ ଶେଷ ହୋଇଥିଲା। ଏଥିରେ ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ଉପାଧ୍ୟକ୍ଷା ଗୀତାଞ୍ଜଳୀ ପାଢ଼ୀ, କାଉନସିଲର ବୃନ୍ଦ, ଏନଏସି ଅଫିସ କର୍ମଚାରୀ ବୃନ୍ଦ, ପରିମଳ କର୍ମଚାରି ବୃନ୍ଦ, ଏବିଇଓଙ୍କ ସମେତ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ।

## ଡାବୁଗାଁ ବ୍ଲକ ରେ କାଳ ବୈଶାଖୀର ତାଣ୍ଡବ ବଜ୍ରପାତ ରେ ୧ ମୃତ, ୩ ଆହତ



ଡାବୁଗାଁ **୧୬/୭( ନି.ପ୍ର):** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ରେ କାଳ ବୈଶାଖୀର ତାଣ୍ଡବ। ବୋରିଗାଁ ଓ ସରାଗୁଡା ଗ୍ରାମରେ ଗୁରୁବାର ଅପରାହ୍ନ ୫.୩୦ ଘ. ସମୟରେ ବଜ୍ରପାତ ଘଟି ୧ ମୃତ ଓ ୩ ଆହତ । ସୂଚନାଯୋଗ୍ୟ:- ଡାବୁଗାଁ ବ୍ଲକ ଅଧୀନ ବୋରିଗାଁ ପଞ୍ଚାୟତ ଅଧୀନ ଡ଼ଙ୍ଗରିଗୁଡା ଗ୍ରାମର ଦଶାଇ ପନକା (୫୨) ଆଜି ଅପରାହ୍ନରେ ଡାବୁଗାଁ ହାଟ ରୁ ପନିପରିବା କିଣି ବସ ଯୋଗେ ଯାଇ ବୋରିଗାଁ ଛକରେ ବସରୁ ଓହ୍ଲାଇ ଚାଲି ଚାଲି ନିଜ ଘରକୁ ଫେରୁଥିଲେ । ବୋରିଗାଁ ଗ୍ରାମ ପୂର୍ବରୁ ପୋଲ ନିକଟରେ ହଠାତ ବର୍ଷା ହୋଇ ବଜ୍ରପାତ ଘଟିଥିଲା । ଫଳରେ ଘଟଣାସ୍ଥଳରେ ହିଁ ଦଶାଇ ପନକା ଙ୍କର ମୃତ୍ୟୁ ଘଟିଥିଲା । ସେହିପରି କୋଇଲାରୀ ପଞ୍ଚାୟତ ଅଧୀନ ସରାଗୁଡା ଗ୍ରାମର ଲାଇବାନ ଭତ୍ରା ଙ୍କ ଝିଅ ଓ ୨ ନାତି ଘରେ ଥିଲେ । ସେହି ସମୟରେ ଘର ଉପରେ ବଜ୍ରପାତ ଘଟିଥିଲା । ଘର ଭିତରେ ଥିବା ଲାଇବାନ ଙ୍କ ଝିଅ ରତନା ଭତ୍ରା (୧୫), ନାତି ରାଜେଶ ଭତ୍ରା (୬) ଓ ନିତେଶ ଭତ୍ରା (୩ ମାସ) ଆହତ ହୋଇଥିଲେ । ସେମାନଙ୍କୁ ସଙ୍ଗେ ସଙ୍ଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ବର୍ତ୍ତମାନ ଆହତ ୩ ଜଣ ଚିକିତ୍ସିତ ହେଉଛନ୍ତି । ଏହାସହ ଦଶାଇ ପନକାଙ୍କ ମୃତଦେହ ମହାପ୍ରୟାଣ ଗାଡି ଯୋଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଛି ।

## ବୀର ଯବାନଙ୍କ ପାଇଁ ପରାକ୍ରମ ଶୋଭାଯାତ୍ରା



ହିଞ୍ଜିଳିକାଟୁ **୧୬/୭( ନି.ପ୍ର):** ଅପରେସନ ସିନ୍ଦୂରର ସଫଳତା ପରେ ଭାରତୀୟ ବୀର ଯବାନଙ୍କ ଅସୀମ ପରାକ୍ରମ ଓ ସାହସକୁ ସମ୍ମାନ ଜଣାଇ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ହୋଇଛି ପରାକ୍ରମ ଶୋଭାଯାତ୍ରା। ଏହି ପରିପ୍ରେକ୍ଷୀରେ ହିଞ୍ଜିଳିକାଟୁ ପୌର ଓ ହିଞ୍ଜିଳିକାଟୁ ପଞ୍ଚାୟତ ସମିତିର ମିଳିତ ଆନୁକୁଲ୍ୟରେ ଗୁରୁବାର ହିଞ୍ଜିଳିକାଟୁରେ ପରାକ୍ରମ ଶୋଭାଯାତ୍ରା ବେଶ୍ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଛି। ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ କୁବୁଲି ଚରଣ ବେହେରାଙ୍କ ନେତୃତ୍ୱରେ ହିଞ୍ଜିଳିକାଟୁ ମିନି ଷ୍ଟାଡିୟମ ପରିସରରେ ପରାକ୍ରମ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ପୌର ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପୋଲେଇ ଓ ବ୍ଲକ ଅଧ୍ୟକ୍ଷା ସରସ୍ୱତୀ ସେଠୀ ପତାକା ପ୍ରଦର୍ଶନ କରି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ମିନି ଷ୍ଟାଡିୟମ ପରିସରରୁ ଶୋଭାଯାତ୍ରା ଆରମ୍ଭ ହୋଇ ବିଜୁ ପଟ୍ଟନାୟକ ଛକ, ବଇଁଚ ବଣିଆ ଛକ, ଆଙ୍କୋରଡା, ହିଞ୍ଜିଳି, ନୂଆଁଗଡ ଆଦି ପୌରାଞ୍ଚଳର ବିଭିନ୍ନ ମୁଖ୍ୟ ରାସ୍ତା ଅତିକ୍ରମ କରି ବରିଷ୍ଠ ନାଗରିକ ଚିତ୍ତ ବିନୋଦନ କେନ୍ଦ୍ର ଠାରେ ଶେଷ ହୋଇଥିଲା। ଅପରେସନ ସିନ୍ଦୂରରେ ଭାରତୀୟ ବୀର ଯବାନଙ୍କ ଅପୂର୍ବ ସାହସ ଓ ପରାକ୍ରମ,ବଳିଦାନ,ତ୍ୟାଗ, ସଫଳତା ଓ ଦେଶପ୍ରେମ ପ୍ରତି ସମର୍ଥନ ଓ ସମ୍ମାନ ଜଣାଇ ପ୍ରଶଂସା କରିବା ସହ ଜଣେ ଭାରତୀୟ ଭାବେ ନିଜକୁ ଗର୍ବ ଅନୁଭବ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବିଧାୟକଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ଅତିରିକ୍ତ ତହସିଲଦାର ସୁରଜ କୁମାର ନାଏକ ବେହେରା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରୁଣ କୁମାର ପ୍ରଧାନ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡ଼ାକ୍ତର ଶ୍ରୀକାନ୍ତ ସାହୁ,ଏସ୍.ଆଇ ସୁରେଶ ଚନ୍ଦ୍ର ସାହୁ , ଅବସର ପ୍ରାପ୍ତ ସୈନିକ ସଦସ୍ୟ, ପୌର ପରିଷଦର ପାରିଷଦ, ପଞ୍ଚାୟତ ଜନ ପ୍ରତିନିଧି,ବିଜେପି ନେତା ସନ୍ତୋଷ କୁମାର ପାଣିଗ୍ରାହି, ରାକେଶ କୁମାର ରଥ,ପଞ୍ଚାୟତ ନିର୍ବାହୀ ଅଧିକାରୀ,ପୁଲିସ୍,ପୌର, ରାଜସ୍ୱ,ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ,ତ୍ରିରଙ୍ଗା ଯୁବକ ସଂଘ,ବେସରକାରୀ ଶିକ୍ଷାନୁଷ୍ଠାନର ଶିକ୍ଷାର୍ଥୀ, ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ, ଶିକ୍ଷାର୍ଥୀ ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ସଫେଇ କର୍ମଚାରୀଙ୍କ ସମେତ ସହରର ଶତାଧିକ ଯୁବବର୍ଗ ଅଂଶ ଗ୍ରହଣ କରିଥିଲେ।

## କୋଟପାଡ଼ ଏନଏସି ରେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି ମହିଳା କର୍ମଚାରୀ

କୋରାପୁଟ/କୋଟପାଡ଼ **୧୬/୭( ନି.ପ୍ର):** ଗୋଟିଏ ପଟେ କଂଗ୍ରେସ ଦଳର ବଡପଣ୍ଡା ମାନେ ରାଜରାସ୍ତା ରେ ମହିଳା ସୁରକ୍ଷା କୁ ନେଇ ତୋମ୍ଭୀ ତୋଫାନ କରୁଛନ୍ତି ।କେତେବେଳେ ରାଜରାସ୍ତା ରେ ହୋହଲା ତୋ କେତେବେଳେ ବାଚସ୍ପତି ଙ୍କ ପୋଡିଓମ ଉପରକୁ ଉଠି ଯାଉଛନ୍ତି ।ଏହା ହେଲା ରାଜ୍ୟ ରାଜଧାନୀ ର କଥା ।ଅନ୍ୟ ପଟେ କୋରାପୁଟ ଜ଼ୀଲ୍ଲାରେ ମହିଳା ସୁରକ୍ଷା ର ଗୁରୁ ଦାଇତ୍ୱ ତୁଲାଉଛନ୍ତି ବିରୋଧୀ ଦଳ ନେତାଙ୍କ ଧର୍ମପତ୍ନୀ ।ଉଭୟ ମହିଳା ସୁରକ୍ଷା ବିଷୟ ଉଠିଲେ ଉଗ୍ର ହୋଇପଡନ୍ତି। ହେଲେ ତାଙ୍କ କଂଗ୍ରେସ ଦଳ ଟିକେଟ ରେ ଜିତି କୋଟପାଡ଼ ଏନଏସି ର ଅଧକ୍ଷ ହୋଇଥିବା ଏମ.ଶଙ୍କର ରାଓ ଙ୍କ କାର୍ଯ୍ୟାଳୟ ରେ ମହିଳା ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି ।ଏଇଠି ପ୍ରଶ୍ନ ଉଠୁଛି କାହା ପାଖରେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି ମହିଳା କର୍ମଚାରୀ ।ସିଏ କିଏ ଅନ୍ୟ ନୁହଁନ୍ତି,ବରଂ ନିଜେ କଂଗ୍ରେସ ଦଳ ଟିକେଟ ରେ ଜିତି ଅଧକ ହୋଇଥିବା କୋଟପାଡ଼ ଏନଏସି ଅଧକ୍ଷ ଏମ.ଶଙ୍କର ରାଓ ।ଏହା ଆମେ କହୁନାହୁଁ,ବରଂ ଏହାକୁ ପ୍ରକାଶ କରିଛନ୍ତି କାର୍ଯ୍ୟାଳୟ ର କିଛି ମହିଳା କର୍ମଚାରୀ। ବହୁଦିନରୁ ସ୍ଥାନୀୟ ଚାହାଖଟିରେ ଏହି ବିଷୟରେ ଆଲୋଚନା ହେଉଥିଲା,ହେଲେ ତାହାର କିଛି ନିର୍ଦ୍ଦିଷ୍ଟ ପ୍ରମାଣ ନଥିଲା ।ହେଲେ ନିକଟ ଅତୀତରେ ସାମାଜିକ ଗଣମାଧ୍ୟମ ରେ ଘୁରି ବୁଲୁଥିବା ଏକ ଭିଡିଓ ଦେଖିଲେ ଜଣାପଡୁଛି,ମହିଳାଙ୍କୁ କେମିତି ମର୍ଯ୍ୟାଦା ଦେଉଛନ୍ତି ଅଧକ୍ଷ ।ଭିଡିଓ ରେ ଜଣେ ସଫେଇ କର୍ମଚାରୀ ଙ୍କ ସହ ତାଙ୍କ ଆଲୋଚନା ରେ ଜଣେ ମହିଳା ସାନିଟେସନ ସୁପରଭାଇଜର ଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା କଥା ପ୍ରମାଣିତ ହେଉଛି ।ଏହା ଗୋଟିଏ ଘଟଣା ନୁହେଁ ।ପୂର୍ବରୁ କିଛି ମହିଳା କର୍ମଚାରୀ ଙ୍କ କାର୍ଯ୍ୟାଳୟ ର ଗ୍ରୁପରେ ଲେଖାଯାଇଥିବା ଲେଖା ଏହି ପ୍ରକାର ଥିଲା-- ‘ମାନନୀୟ କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ମହୋଦୟ, ଆପଣ ଆମଠୁ ବୟସରେ ବଡ଼ ଅଭିଜ୍ଞତାରେ ମଧ୍ଯ ବଡ ।ମୁଁ ବି ସରକାରୀ ନିୟମ ରେ ଉତ୍ତୀର୍ଣ୍ଣ ହୋଇ କର୍ମଚାରୀ । ହେଲେ ଆପଣ ଭୁଲି ଯାଉଛନ୍ତି ବୋଧେ ଗୋଟେ ଶିକ୍ଷିତ ଝିଅ ଷ୍ଟାଫ ସାଥିରେ ସର୍ବସାଧାରଣଙ୍କ ମଧ୍ୟରେ କିମ୍ବା ପରିସର ମଧ୍ୟରେ କିପରୀ ବ୍ୟବହାର କରିବେ, କେମିତି ସମ୍ମାନ ଦେବେ,କିଭଳି ଦୂରତା ରକ୍ଷା କରିବା କଥା, ଆପଣ ଓଫିସ୍ କର୍ମଚାରୀ ମାନଙ୍କ ପ୍ରତି ବ୍ୟବହାର ଠିକ୍ କରିବେ ବୋଲି ଆସା ଓ ବିଶ୍ୱାସ‘ । ଏହି ଲେଖାଟି ଗୋଟିଏ ନୁହଁ ।ଏହା ପୂର୍ବରୁ ‘ଗୃହ ଏବଂ ନଗର ଉନ୍ନୟନ ବିଭାଗ‘ ସଚିବଙ୍କୁ ଲେଖା ଯାଇଥିବା ଏକ ଚିଠିରେ କେମିତି ଅଧକ ସର୍ବସାଧାରଣ ରେ ମହିଳା କର୍ମଚାରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ମାନସିକ ନିର୍ଯ୍ୟାତନା ଦେଉଛନ୍ତି ଏବଂ କାର୍ଯ୍ୟାଳୟ ପରିସରରେ ଅସଭ୍ୟ ଭାଷାର ର ପ୍ରୟୋଗ କରୁଛନ୍ତି,ତାହା ଉଲ୍ଲେଖ କରାଯାଇଥିଲା ।ଯାହାକୁ ନେଇ ଉପର ଲିଖିତ ଲେଖା ଗ୍ରୁପରେ ଲେଖି ପ୍ରତିବାଦ କରିଥିଲେ ମହିଳା କର୍ମଚାରୀ ।ମୋର ସମ୍ପର୍କ ନଗର ଉନ୍ନୟନ ବିଭାଗର ସମସ୍ତ କର୍ମଚାରୀ ଏବଂ ସେକ୍ରେଟାରୀ ଙ୍କ ସହ ଅଛି। ଯିଏ ମୋତେ ପ୍ରତିବାଦ କରିବ ତାହାକୁ ବଦଳି କରିବା ସହ ବହିଷ୍କାର କରିବା ତାକତ ମୋର ଅଛି ବୋଲି ଧମକାଉଛନ୍ତି ଅଧକ ।ଘଟଣାଟି ଏହି କାର୍ଯ୍ୟାଳୟ ରେ ନୂଆ ନୁହଁ ।ଏହି କାର୍ଯ୍ୟାଳୟ ର ଜଣେ ହିସାବ ରକ୍ଷକ ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ କରିଥିଲେ,ଯେଉଁଥିପାଇଁ ପରେ ରାଜିନାମା ମାଧ୍ୟମରେ କ୍ଷମା ପ୍ରାଥନା କରିଥିଲେ ।ଅବଶ୍ୟ ସେହି ଘଟଣା କୁ ସେତେବେଳର ନିର୍ବାହୀ ଅଧିକାରୀ ଦବେଇ ଦେଇଥିଲେ। ହେଲେ ବର୍ତ୍ତମାନ ସମୟରେ କୋଟପାଡ଼ ଏନଏସି ର ନିର୍ବାହୀ ଅଧିକାରୀ ଜଣେ ମହିଳା,ପୁଣି ଜୟପୁର ଉପ୍ପ-ଜ଼ୀଲ୍ଲାପାଳ ମଧ ଜଣେ ମହିଳା ।ଦୁଇ ଦୁଇ ଜଣ ମହିଳା ଉଚ୍ଚ ପଦସ୍ଥ ଅଧିକାରୀ ଗ୍ରୁପରେ ଥିବା ସତ୍ୱେ ମହିଳା କର୍ମଚାରୀ ନିଜକୁ କାର୍ଯ୍ୟାଳୟ ରେ ସୁରକ୍ଷିତ ମନେ ନ କରିବା ଲଜ୍ୟାର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।କୋରାପୁଟ ଜ଼ିଲ୍ଲାପାଳ ଏସବୁ ବିଷୟରେ ଅବଗତ ଥିବେ ଅବଶ୍ୟ ।ହେଲେ ସବୁ ଜାଣିଶୁଣି ଚୁପ ରହିବା ତାଙ୍କ କାର୍ଯ୍ୟସଳି ଉପରେ ପ୍ରଶ୍ନବାଚି ସୃଷ୍ଟି କରୁଛି।

## କଳାହାଣ୍ଡି ଜିଲ୍ଲା ସ୍ତରୀୟ ପରାକ୍ରମ ଶୋଭାଯାତ୍ରା



କଳାହାଣ୍ଡି **୧୬/୭( ନି.ପ୍ର):** ଭାରତର ସୁରକ୍ଷା ରେ ପ୍ରତ୍ୟେକ ନାଗରିକ। ଦେଶର ଏକତା, ଅଖଣ୍ଡତା ଓ ଶାନ୍ତି ପ୍ରତିଷ୍ଠା କୁ ବଜାଇ ରଖିବା ପାଇଁ ଭାରତୀୟ ସେନା ର ଅକ୍ଳାନ୍ତ ପରିଶ୍ରମ, ତ୍ୟାଗ, ବଳିଦାନ ଓ କର୍ତ୍ତ୍ୟବ୍ୟ ନିଷ୍ଠା ଅତୁଳନୀୟ। ଭାରତର ସୁରକ୍ଷା ପାଇଁ ଆତଙ୍କବାଦ ବିରୋଧରେ ଲଢ଼େଇ ଅପରେସନ ସିନ୍ଦୂର ରେ ଭାରତୀୟ ସେନା ର ପରାକ୍ରମ ସମସ୍ତ ଦେଶବାସୀ ଙ୍କୁ ଗର୍ବିତ କରିଛି। ଭାରତର ବୀର ସୈନିକ ମାନଙ୍କ ସଫଳତା ଓ ସାହସିକ ପଦକ୍ଷେପ କୁ ଉତ୍ସାହିତ କରିବା ପାଇଁ ଆଜି କଳାହାଣ୍ଡି ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଅପରେସନ ସିନ୍ଦୂର ପରାକ୍ରମ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ମାନନୀୟକ୍ଷ ସାଂସଦ ଲୋକସଭା କଳାହାଣ୍ଡି, ମାଳବିକା ଦେବୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରୁ ଶୁଭାରମ୍ଭ କରାଯାଇ ଜିଲ୍ଲା କାରାଗାର ଛକ, ନୂଆ ବସ୍ ଷ୍ଟାଣ୍ଡ, ଘୋଡ଼ଘାଟ ଛକ, ସତ୍ୟମ୍ ସିନେମା ହଲ୍, ଦୟାନିଧି ଛକ, ମାଣିକେଶ୍ୱରୀ ଛକ, ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକ ଦେଇ ପୁରୁଣା ବସ ଷ୍ଟେଣ୍ଡ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହି ତ୍ରିରଙ୍ଗା ଶୋଭାଯାତ୍ରା ପରିକ୍ରମା କରିଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ, ୨୬୪ ସିଆରପିଏଫ୍ ୬୪ ବାଟାଲିୟନ କମାଣ୍ଡ ଡେଷ୍ଟ ପଙ୍କଜ ଚୌଧୁରୀ, ଉପ ଜିଲ୍ଲାପାଳ ଧର୍ମଗଡ଼ ଧୀମାନ ଚାକମା,ଉପ ଜିଲ୍ଲାପାଳ ଭବାନୀପାଟଣା, ପ୍ରଭାତ କୁମାର ପରିଡା, ୬୪ ବାଟାଲିୟନ ସେକେଣ୍ଡ ଇନ୍ କମାଣ୍ଡେଣ୍ଟ ପି କେ ମିଶ୍ର, ଡେପୁଟି କମାଣ୍ଡେଣ୍ଟ ସଚିଦାନଂଦ ପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଜନପ୍ରତିନିଧି, ବେସରକାରୀ ଅନୁଷ୍ଠାନ, ପ୍ରତିଷ୍ଠାନ ର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ, ପୋଲିସ ବାହିନୀ, ଏନ୍ ସି ସି ଛାତ୍ରଛାତ୍ରୀ, ଗଣମାଧ୍ୟମ ର ପ୍ରତିନିଧି, ଜନସାଧାରଣ ପ୍ରମୁଖ ଯୋଗଦେଇ ଭାରତୀୟ ସେନାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ହାତରେ ତ୍ରିରଙ୍ଗା ଧରି ଭାରତର ସୁରକ୍ଷା ପ୍ରତ୍ୟେକ ନାଗରିକର କର୍ତ୍ତ୍ୟବ୍ୟ ବୋଲି ଦେଶ ଭକ୍ତି ନାରା ଭାରତ ମାତା କି ଜୟ, ବନ୍ଦେ ମାତରମ୍, ଜୟ ଜବାନ ଜୟ କିଷାନ ସ୍ଲୋଗାନ୍ ରେ ସହର ପ୍ରକମ୍ପିତ ହୋଇଥିଲା। ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ସାତସହ ରୁ ଉର୍ଦ୍ଧ ଲୋକ ସାମିଲ ହୋଇଥିଲେ।

# ବାଲିମାଫିଆଙ୍କ କବଜାରେ ଅଧିକାରୀ ଓ ପ୍ରଶାସନ

## ପୁରୀ ଜିଲ୍ଲାରେ ୧୦୦୦ କୋଟିଟଙ୍କାର ବାଲିଲୁଟ

ପୁରୀ,୧୬/୫ -ପୁରୀ ଜିଲ୍ଲାରେ ଲଘୁଜ ଖଣି ସମ୍ପଦ ବାଲି, ମାଟି, ମୋରମ ଦିନ ଦ୍ୱିପ୍ରହରରେ ପ୍ରଶାସନ ଓ ଅଧିକାରୀଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ହଜାର କୋଟିଟଙ୍କାର ବାଲିଲୁଟ ହୋଇଥିବା ଅଭିଯୋଗ ହୋଇଛି । ଜିଲ୍ଲାରେ ଅବସ୍ଥାପିତ ଜଣେ ଖଣି ଅଧିକାରୀ ବାଲିମାଫିଆଙ୍କ ଠାରୁ ସୌଖୀନ ଗାଡି ଉପହାର ନେଇ ହାତ ଟେକି ଦେଇଥିବା ଆଲୋଚନା,ଚର୍ଚ୍ଚା ଓ ଶୁଣାଯାଉଛି । ରାତିରେ ଜିଲ୍ଲାର ୧୧ ବ୍ଲକରେ ପ୍ରାୟ ଦୁଇ ହଜାର ଟ୍ରାକ୍ଟର, ହାଇୱା, ଟ୍ରକ ଖୁଲମଖୁଲା ବିଭିନ୍ନ ନଦୀ ଘାଟରୁ ବାଲିଲୁଟ କରୁଥିବା ଅଭିଯୋଗ ହେଉଥିଲେ ମଧ୍ୟ ଧର୍ମକୁ ଆଖିଠାର ପରି ଦୁଇ ତିନୋଟି ଟ୍ରାକ୍ଟର ସିଜ୍ କରି ଅତି ପ୍ରଚାର କରୁଥିବା ଦେଖାଯାଉଛି । ଚତୁର ଖାଉ ବାଲିମାଫିଆ ମାନେ ଖଣି ଅଧିକାରୀ,ତହସିଲଦାର, ସଂପୃକ୍ତ ଥାନା ଅଧିକାରୀ ଓ ରାଜସ୍ୱ ନିରୀକ୍ଷକଙ୍କୁ ହାତ କରି ଖୁଲମଖୁଲା ବାଲିଲୁଟ କରୁଥିବା ଅଭିଯୋଗ ହେଉଛି। ପୁରୀଜିଲ୍ଲା ବ୍ରହ୍ମଗିରି ମାଣିକପାଟଣା, ବାଲି ହରଚଣ୍ଡୀ, ଗିରଳ, ବେଲେଶ୍ୱର ଠାରୁ ଚନ୍ଦ୍ରଭାଗା ଓ ଅସ୍ତରଙ୍ଗ ପର୍ଯ୍ୟନ୍ତ ସମୁଦ୍ରକୂଳରେ ଥିବା ହଜାର ହଜାର ବାଲିବନ୍ତ ଏବେ ଶୂନ ହେବାକୁ ବସିଲାଣି । କୋଟି କୋଟି ଟଙ୍କାର ବେପାର ପାଇଁ ଜିଲ୍ଲାର ଶହେରୁ ଉର୍ଦ୍ଧ୍ୱ ଗାଁ ସମୁଦ୍ରର ଆଁରେ ପଶି ଯିବାର ଆଶଙ୍କା ସୃଷ୍ଟି ହେଲାଣି । ଦୟା, ଭାର୍ଗବୀ, ରାଜୁଆ ଓ ଧନୁଆ ନଦୀରୁ ଦିନରାତି ବାଲି ଚୋରାଚାଲାଣ ଯୋଗୁ ନଦୀବନ୍ଧ ଦୁର୍ବଳ ହେବାରେ ଲାଗିଛି । ବିଭିନ୍ନ ସମୟରେ ପ୍ରଶାସନକୁ ହାତବାରିସି କରି ଖାଉ ବାଲିମାଫିଆ ଓ ଅଖାଉ ବାଲିମାଫିଆ ମାନେ ରାତିରେ ମୁହାଁମୁହିଁ ହେଉଥିବା କୁହାଯାଉଛି । ପୋତାବାଲି, ରଫବାଲି, ମାଟିମିଶା ବାଲି ,ମଟାଳ ମାଟି, ବର୍ଣ୍ଣମାଟି, କଳାମାଟି, ବାଲିମିଶା ମାଟି ଚଢା ଦରରେ ଟ୍ରାକ୍ଟର ମାଲିକ ଖଣିଜ ସମ୍ପଦ ଲୁଟ କରୁଥିଲେ ମଧ୍ୟ ସେଥିପ୍ରତି କଡା କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହେଉଛି । ବାଲିଲୁଟରେ ପୁରୀଜିଲ୍ଲା ଆଗରେ ରହିଛି ବୋଲି କିଛିଦିନ ତଳେ ଖଣି ବିଭାଗ ସ୍ୱୀକାର କରିଛି । ସହରରେ ଗଢି ଉଠୁଥିବା ଶହ ଶହ ନୂଆ ଘର ପାଇଁ ରଫବାଲିର ଆବଶ୍ୟକ ହେଉଛି । ଜଣେ ଜଣେ ଘର ମାଲିକଙ୍କର ଶହେରୁ ଦୁଇଶହ ଟ୍ରାକ୍ଟର ପୋତା ବାଲି ଆବଶ୍ୟକ ପଡୁଥିବା ବେଳେ ବାଲିମାଫିଆ ଠିକା ନେଇ ରାତି ପାହିଲା ବେଳକୁ ବାଲି ଫିଲପ କରୁଥିବା ଦେଖାଯାଇଛି । ଧରପଗଡ ହେଉଛି କହି ବାଲି ରେଟ ବଢା ଯାଉଛି । ପିପିଲିର ଦୟା ନଦୀରେ ୬ଟି ଓ ଭାର୍ଗବୀରେ ୧୦ଟି ମିଶି ଏପରି ୧୬ଟି ବେଆଇନ ବାଲିଘାଟରୁ ବେଆଇନ ବାଲି ଉତ୍ତୋଳନ ହେଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଟ୍ରିପରରେ ବାଲି ଆସୁଥିବାରୁ ରାସ୍ତାଘାଟ ନଦୀବନ୍ଧ ଫାଟିବା ସହ ନଦୀବନ୍ଧ ଭୁସୁଡୁଥିବା ଦେଖିବାକୁ ମିଳୁଛି । କେତେକ ବାଲିମାଫିଆ ୧୫ ଫୁଟ ଉଚ୍ଚର ପାଚେରୀ କରି ଓ ବଡ ଗେଟ ଲଗାଇ ପର୍ବତ ପରି ବାଲି ଗଦାକରି ରଖୁଛନ୍ତି । ବର୍ଷା ଦିନେ ଏହି ବାଲି ଷ୍ଟକରୁ ଚଢା ଦରରେ ବିକ୍ରି କରୁଛନ୍ତି । କେତେକ ବାଲିମାଫିଆ ଥାନା ବାବାଙ୍କୁ ଏସି, ଫ୍ରିଜ, ୱାସିଙ୍ଗମେସିନ ଓ ଦାମୀ କୁଲର ଗିଫ୍ଟ ଦେଉଥିବା କୁହାଯାଉଛି । ବାଲିଲୁଟ ରୋକିବା ପାଇଁ ଏକ ଟିମ ରହିଛି । ସେହି ଟିମରେ ତହସିଲଦାର ମୁଖ୍ୟ ରହିଛନ୍ତି । ଖଣି ଅଧିକାରୀ ଓ ସଂପୃକ୍ତ ଥାନା ମିଳିତ ଚଢାଉକରି ବାଲିଲୁଟ ରୋକିବା ବିଧି ରହିଛି । ଅଧିକାରୀ ମାନଙ୍କ ତାଳମେଳ ରହୁନଥିବାରୁ ବାଲିମାଫିଆଙ୍କ ପାଇଁ କଟେ ପୁଅ ବାର ସୃଷ୍ଟି କରିଛି । ପିପିଲି ଦୟା ନଦୀର ଶୁଆ ବଜାର, ଗୋବର୍ଦ୍ଧନପୁର, ପନ୍ଦରମାଣ, ତୋଟାପଡା, ତରଡା ଓ ଭାର୍ଗବୀ ନଦୀର ଉତରା, ପାଟଳିକୁଦା, ମଙ୍ଗଳପୁର, ରଙ୍ଗପଡା, ସମରେଇ, ପାରିଚଁଅର, ଦେଉଳି, ଚଉଦମାଣ ଆଦି ଅଞ୍ଚଳରୁ ବାଲି ଚୋରି ବୃଦ୍ଧି ପାଉଛି । ନଦୀରୁ ବାଲି ଆଣିବା ପାଇଁ ନଦୀବନ୍ଧକୁ କାଟି ସ୍ଲୋପ କରାଯାଉଛି । ବନ୍ୟା ସମୟରେ ସେହି ସ୍ଥାନରେ ଗଳିଆପଡି ଘାଇ ସୃଷ୍ଟି ହେବା ଯୋଗୁ ଅଞ୍ଚଳବାସୀଙ୍କ ଧନ ଜୀବନ ଓ ଫସଲ ନଷ୍ଟ ହେଉଛି । ଟ୍ରାକ୍ଟର, ଟ୍ରିପର ଧରାପଡିଲେ ଚକ୍ରଧର ରକ୍ଷାକର କହୁଥିବା ବେଳେ ଧରାନପଡିଲେ ଚକ୍ରଧର ଚୁ...କହୁଛନ୍ତି । ପୁରୀ ସଦରବ୍ଲକ ଢୋଲ ବିରଞ୍ଚିଦାସପୁର, ଚାଳିଶି ବାଟିଆ, ଗଡମୃଗଶୀରା, ପିତେଇପୁର, କାଠପୋଲ, ତିଆଡି ସାହି, ଦଣ୍ଡା, ଝିଙ୍କିରିଆ, ବାଲିପଡା, ବାଙ୍ଗୁରୁବା ଓ କାଳିଆକେରା ଆଦି ଗ୍ରାମ ନିକଟରେ ଚୋରା ବାଲି ହାଇୱା ରାତିରେ ଯାତାୟତ ଯୋଗୁ ରାସ୍ତା ଫାଟିବା ଅଭିଯୋଗ ହେଉଛି । ଏଠାରେ ଅବସ୍ଥାପିତ ଖଣି ଅଧିକାରୀ ବେଳେ ବେଳେ ଛୁଟିରେ ଯାଇ ଖୋର୍ଦ୍ଧା ଅଧିକାରୀଙ୍କୁ ଦାୟିତ୍ୱ ଦେଉଛନ୍ତି । କିଛିଦିନ ତଳେ ୮ଟି ହାଇୱା ଅଟକ ରଖି ୬ଟି ଦର୍ଶାଯାଇଥିବା ବେଳେ ସେଗୁଡିକ ସିଜ୍ ନକରି କାହା ଆଦେଶ ବଳରେ ଛାଡି ଦିଆଗଲା ବୋଲି ପୁରୀରେ ଚର୍ଚ୍ଚା ହେଉଛି । ଏହି ଅଧିକାରୀଙ୍କୁ ତୁରନ୍ତ ଏଠାରୁ ବଦଳି କରିବା ପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।



# ବେଦାନ୍ତ ଆଲୁମିନିୟମରେ କର୍ମଚାରୀଙ୍କ ପିତାମାତାଙ୍କୁ ସ୍ୱାଗତ

ଝାରସୁଗୁଡା,୧୬/୫: ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ୍, 'ଗର୍ବିତ ପିତାମାତା' (ପ୍ରାଉଡ୍ ପ୍ୟାରେଣ୍ଟସ୍) ଆୟୋଜନ କରି ଆନ୍ତର୍ଜାତୀୟ ପରିବାର ଦିବସ ପାଳନ କରିଛି, ଯାହା ଏହାର କର୍ମଚାରୀଙ୍କ ପିତାମାତାଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଆୟୋଜିତ ଏକ ବାର୍ଷିକ କାର୍ଯ୍ୟକ୍ରମ । ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ସେମାନଙ୍କୁ ଝାରସୁଗୁଡ଼ାରେ ଏହାର ମେଗା ଆଲୁମିନିୟମ କାରଖାନାର ପ୍ରଥମ ଅଭିଜ୍ଞତା ପ୍ରଦାନ କରିବା ଏବଂ ଏହାର କର୍ମଚାରୀଙ୍କ ମଧ୍ୟରେ ଏକ ପରିବାର କୈନ୍ଦ୍ରିକ ସଂସ୍କୃତିକୁ ପ୍ରୋତ୍ସାହିତ କରିବା। ଚଳିତ ବର୍ଷ ମିଳିତ ଜାତିସଂଘ ଦ୍ୱାରା ନିର୍ଦ୍ଧାରିତ ବିଷୟବସ୍ତୁ-"ସ୍ଥାୟୀ ବିକାଶ ପାଇଁ ପରିବାର-ଭିତ୍ତିକ ନୀତି" କୁ ଧ୍ୟାନରେ ରଖି, କମ୍ପାନୀର ପରିବାର ଦିବସ ସମାରୋହର କେନ୍ଦ୍ରରେ 'ଗର୍ବିତ ପିତାମାତା' ର ସଦ୍ୟତମ ସଂସ୍କରଣ ଆୟୋଜିତ ହୋଇଥିଲା। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ, ବିଶ୍ୱର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନ କାର୍ଯ୍ୟ ମଧ୍ୟରୁ ଅନ୍ୟତମ ଏହି କାରଖାନାକୁ ଝାରସୁଗୁଡ଼ାରେ ଥିବା ବେଦାନ୍ତ କର୍ମଚାରୀଙ୍କ ପିତାମାତାଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେମାନଙ୍କୁ କାର୍ବନ, ପଟଲାଇନ, କାଷ୍ଟ ହାଉସ ଏବଂ ପାୱାର ପ୍ଲାଣ୍ଟ ଅଞ୍ଚଳ ସମେତ କାରଖାନା ମଧ୍ୟରେ ଥିବା ପ୍ରମୁଖ ୟୁନିଟଗୁଡ଼ିକୁ ବୁଲି ଦେଖିବାର ସୁଯୋଗ ମିଳିଥିଲା । ଏହା ବ୍ୟତୀତ, ସେମାନଙ୍କୁ କର୍ମଚାରୀଙ୍କ ଉଦ୍ଦିଷ୍ଟ ଟାଉନସିପ୍ ପରିଦର୍ଶନରେ ମଧ ନିଆଯାଇଥିଲା, ଯେଉଁଠାରେ ମନୋରଞ୍ଜନ କ୍ଷେତ୍ର, ସୁଇମିଂ ପୁଲ୍, ଜିମ୍, ଷ୍ଟାଡିୟମ, ଅଡିଟୋରିୟମ୍, ଡେ କେୟାର ସୁବିଧା, ସୁପରମାର୍କେଟ, ଡାକ୍ତରଖାନା ଏବଂ ଅନ୍ୟାନ୍ୟ ଅନେକ ସୁବିଧା ରହିଛି । ଆହୁରି ମଧ ସେମାନଙ୍କୁ ଝାରସୁଗୁଡ଼ାରେ ବେଦାନ୍ତ ଦ୍ୱାରା ଚାଲିଥିବା ଗୋଷ୍ଠୀ ବିକାଶ ପ୍ରକଳ୍ପ ସହିତ ପରିଚିତ କରାଯାଇଥିଲା, ଯାହା ଶିକ୍ଷା, ଜୀବିକା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ ଏବଂ ଗୋଷ୍ଠି ଭିତ୍ତିଭୂମି ସମେତ ଅନେକ କ୍ଷେତ୍ରରେ ପରିବ୍ୟାପ୍ତ। ବେଦାନ୍ତ ଆଲୁମିନିୟମର ସିଓଓ ଶ୍ରୀ ସୁନୀଲ ଗୁପ୍ତା କହିଥିଲେ ଯେ "ବେଦାନ୍ତରେ, ଆମେ ବିଶ୍ୱାସ କରୁ ଯେ ଏକ ସୁଦୃଢ଼ ସଙ୍ଗଠନ ସୁଦୃଢ଼ ପରିବାର ଏବଂ ସୁଦୃଢ଼ ଗୋଷ୍ଠି ଭାଗିଦାରୀର ମୂଳଦୁଆ ଉପରେ ନିର୍ମିତ ହୋଇଥାଏ। ତେଣୁ ଆନ୍ତର୍ଜାତୀୟ ପରିବାର ଦିବସ ଅବସରରେ ଆମର ପଦକ୍ଷେପ କେବଳ ଏକ ଉତ୍ସବ ନୁହେଁ-ବେଦାନ୍ତ ଟିମ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ଦୃଶ୍ୟମାନ, ମୂଲ୍ୟବାନ ଏବଂ ସଶକ୍ତ ଅନୁଭବ କରିବା ପାଇଁ ଏହା ଆମର ପ୍ରତିବଦ୍ଧତାର ଏକ ଅଂଶ । 'ଗର୍ବିତ ପିତାମାତା' ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ପିତାମାତାଙ୍କୁ ବ୍ୟବସାୟର ପ୍ରଥମ ଝଲକ ପ୍ରଦାନ କରିବା ଏବଂ ସେମାନଙ୍କ ପିଲାମାନଙ୍କ ଦ୍ୱାରା ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ସାକ୍ଷୀ ହେବା ସହିତ ସେମାନଙ୍କର ସୁସ୍ଥତାର ଭଲ ଯତ୍ନ ନିଆଯାଉଛି ବୋଲି ଆଶ୍ୱାସନା ପ୍ରଦାନ କରିବା । ଏହି ପଦକ୍ଷେପ ବେଦାନ୍ତର ବିଶ୍ୱାସକୁ ପ୍ରତିଫଳିତ କରେ ଯେ ଜଣେ କର୍ମଚାରୀଙ୍କ ସଫଳତା ଏବଂ କଲ୍ୟାଣ ପାଇଁ ପରିବାର ହେଉଛି ମୂଳଦୁଆ । ପିତାମାତାଙ୍କ ପାଇଁ ସେମାନଙ୍କ ପିଲାମାନଙ୍କ କାର୍ଯ୍ୟ, ମୂଲ୍ୟବୋଧ ଏବଂ ପରିବେଶର ପ୍ରତ୍ୟକ୍ଷ ସାକ୍ଷୀ ହେବାର ସୁଯୋଗ ସୃଷ୍ଟି କରି, ଏହି ପଦକ୍ଷେପ ଗର୍ବ, ବିଶ୍ୱାସ ଏବଂ ଗଭୀର ଭାବପ୍ରବଣ ସମ୍ପର୍କକୁ ପ୍ରୋତ୍ସାହିତ କରିଛି ।



### ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ପ୍ରସଙ୍ଗ

# ଏସ୍‌ଇବିସି ବର୍ଗର ସାମାଜିକ ଓ ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରିଛୁ



ଭୁବନେଶ୍ୱର,୧୬/୫: ବିଗତ ୨୪ବର୍ଷ ଶାସନକାଳ ମଧ୍ୟରେ ବିଗତ ସରକାର ସାମାଜିକ ଓ ଅର୍ଥନୈତିକ ଭାବରେ ପଛୁଆ ବର୍ଗକୁ (ଏସ୍‌ଇବିସି ବର୍ଗକୁ) ସାମ୍ବିଧାନିକ ଅଧିକାର ପ୍ରଦାନ କରିବାରେ ବିଫଳ ହୋଇଥିଲେ। ଗତକାଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏକ ଐତିହାସିକ ନିଷ୍ପତ୍ତି ନିଆଯାଇଛି। ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଏସ୍‌ଇବିସି ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ନିମନ୍ତେ ନିଷ୍ପତ୍ତି ହୋଇଛି। ଚଳିତ ଶିକ୍ଷାବର୍ଷ- ୨୦୨୫-୨୬ରୁ ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନ ମାନଙ୍କରେ ଏସ୍‌ଇବିସି ବର୍ଗର ଛାତ୍ରଛାତ୍ରୀମାନଙ୍କର ନାମଲେଖା ପାଇଁ ୧୧.୨୫% ଆସନ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବ। ଏହି ସଂରକ୍ଷଣ ବ୍ୟବସ୍ଥା ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସ୍ନାତକ, ସ୍ନାତକୋତ୍ତର, ଶିକ୍ଷକଶିକ୍ଷା ଓ ଆଇନ ପାଠ୍ୟକ୍ରମ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଉଚ୍ଚ ମାଧ୍ୟମିକ (+୨) ପାଠ୍ୟକ୍ରମ, ଶିକ୍ଷକଶିକ୍ଷା ଓ ବୃତ୍ତି ଭିତ୍ତିକ ପାଠ୍ୟକ୍ରମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ସ୍ନାତକ (ପ୍ରଦର୍ଶନକଳା) ପାଠ୍ୟକ୍ରମ ଏବଂ କ୍ରୀଡା ଓ ଯୁବସେବା ବିଭାଗର ବି.ପି.ଏଡ୍/ଏମ.ପି.ଏଡ୍ ପାଠ୍ୟକ୍ରମରେ ଲାଗୁ କରାଯିବ। କ୍ୟାବିନେଟର ସମସ୍ତ ସଦସ୍ୟମାନେ ଗତକାଲି ଏହି ନିଷ୍ପତ୍ତିରେ ମୋହର ଲଗାଇ ଏସ୍ ?ଇବିସି ବର୍ଗର ସାମାଜିକ ଓ ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରିଛନ୍ତି। ଆମ ସରକାର ଆସିବାର ୧ ବର୍ଷ ସମୟ ମଧ୍ୟରେ ଏହି ଐତିହାସିକ ନିଷ୍ପତ୍ତି ମାଧ୍ୟମରେ ପଛୁଆ ବର୍ଗର ସାମାଜିକ ଓ ଶୈକ୍ଷିକ ଅନ୍ତର୍ଭୁକ୍ତୀକରଣକୁ ପ୍ରାଧାନ୍ୟ ଦେଇଛନ୍ତି। ଏଥିସହ ଓଡ଼ିଶାରେ ବିକାଶର ଧାରାକୁ ଆଉ ପାଦେ ଆଗେଇ ନେଇଛନ୍ତି। ଆର୍ଥିକ ଓ ସାମାଜିକ ଭାବେ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଥିବାରୁ ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଉଛି, ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

## ଉପର ଲାନ୍ଥ ଓ ଲୋୟର ଇନ୍ଦ୍ରା ଜଳସେଚନ ପ୍ରକଳ୍ପର ସମୀକ୍ଷା ବୈଠକ



ଭୁବନେଶ୍ୱର,୧୬/୫: ଆଜି ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଉପର ଲାନ୍ଥ ଓ ଲୋୟର ଇନ୍ଦ୍ରା ଜଳସେଚନ ପ୍ରକଳ୍ପର ସମୀକ୍ଷା ବୈଠକ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ମଧ ଉପସ୍ଥିତ ଥିଲେ । ଉପର ଲାନ୍ଥ ଓ ଲୋୟର ଇନ୍ଦ୍ରା ପ୍ରକଳ୍ପରେ ଓଡିଶା କୃଷି ମାନଚିତ୍ରରେ ପରିବର୍ତ୍ତନ ଆଣିପାରିବା ଭଳି କ୍ଷମତା ରହିଛି । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଫଳରେ ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାର ୨୯,୯୦୦ ହେକ୍ଟର ଚାଷ ଜମିକୁ ଜଳସେଚନର ସୁବିଧା ମିଳିବ । କେବଳ କୃଷି ନୁହେଁ ଆନୁଷଙ୍ଗିକ କୃଷିରେ ମଧ ଉନ୍ନତି ପରିଲକ୍ଷିତ ହେବ । ଫଳରେ ଅଞ୍ଚଳବାସୀ ନିଜ ଜମିରେ ବିଭିନ୍ନ ପ୍ରକାର ଫସଲ ଅମଳ କରି ଆତ୍ମନିର୍ଭର ହେବା ସଂଗେ ସଂଗେ ଆନୁଷଙ୍ଗିକ କୃଷିରୁ ମଧ ଆଶାନୁରୂପ ରୋଜଗାର କରିପାରିବେ । ଏହାସହିତ ଏହିସବୁ ଅଞ୍ଚଳରେ ଉପୁଜୁଥିବା ଦାଦନ ଶ୍ରମିକ ଭଳି ବିରାଟ ସମସ୍ୟାର ସମାଧାନ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜମି ଅଧିଗ୍ରହଣ, ଅନୁକମ୍ପା ରାଶି ପ୍ରଦାନ, କେନ୍ଦ୍ରୀୟ ମଞ୍ଜୁରୀ, ଜଙ୍ଗଲ ଓ ପରିବେଶ ମଞ୍ଜୁରୀ, ବିସ୍ଥାପିତ ପରିବାରଙ୍କୁ ଥଇଥାନ ଇତ୍ୟାଦି କାର୍ଯ୍ୟ ସମ୍ପାଦନ ସମୟରେ ବିଳମ୍ବ ହେଲେ ଉପମୁଖ୍ୟମନ୍ତ୍ରୀଙ୍କ ନଜରକୁ ଆଣିବା ଏବଂ ଆବଶ୍ୟକସ୍ଥଳେ ପ୍ରତ୍ୟକ୍ଷ ରୂପେ ନିଜେ ଜଡ଼ିତ ରହି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରକାଶ କରିଛନ୍ତି । ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ ପ୍ରକଳ୍ପର ବିଭିନ୍ନ ଦିଗ ବିଷୟରେ ବିସ୍ତୃତ ଭାବରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ବୈଠକରେ ଜଳସେଚନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ଚନ୍ଦ୍ରଶେଖର ପାଢ଼ୀ, ବୈଷୟିକ ଅଧିକାରୀ, ବରିଷ୍ଠ ଅଧିକାରୀ ଯୋଗଦେଇଥିବା ବେଳେ ଆଭାସି ମାଧ୍ୟମରେ ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାପାଳ ଓ ବନଖଣ୍ଡ ଅଧିକାରୀ ଯୋଗଦେଇଥିଲେ ।

# କଟକ ପରାକ୍ରମ ଶୋଭାଯାତ୍ରାରେ ସାମିଲ ହେଲେ ରାଜ୍ୟପାଳ

କଟକ,୧୬/୫: ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଗୁରୁବାର ଦିନିକିଆ କଟକ ଗସ୍ତ କରିଛନ୍ତି। ଦିନ ସାରା ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ପ୍ରକଳ୍ପର ସମୀକ୍ଷା କରିଥିଲେ। ପୂର୍ବାହ୍ନରେ ଅପରେସନ ସିନ୍ଦୂରର ସଫଳତା ଓ ଭାରତୀୟ ସେନାବାହିନୀର ଦକ୍ଷତାକୁ ସମ୍ମାନ ଜଣାଇ ନେତାଜୀ ସ୍ମାରକୀ ଠାରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳ ପତାକା ଦେଖାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଉକ୍ତ ପରାକ୍ରମ ରାଲି ସହର ପରିକ୍ରମା କରି ସ୍ୱରାଜ ଆଶ୍ରମ ଠାରେ ପହଞ୍ଚିଥିଲା। ଭାରତୀୟ ସେନାର ଅଦମ୍ୟ ସାହସକୁ ସମ୍ମାନ ଜଣାଇ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ସମାଜର ସବୁ ବର୍ଗର ନାଗରିକଙ୍କ ସହ ପ୍ରଶାସନିକ ଅଧିକାରୀ, ପୁଲିସ ବାହିନୀ, ଏନସିସି କ୍ୟାଡେଟ୍, ଓଡ୍ରାଫ, ଏନଡିଆରଏଫ, ଅଗ୍ନିଶମ କର୍ମଚାରୀ, ଶିକ୍ଷକ, ମହିଳା, ଛାତ୍ରଛାତ୍ରୀ, କ୍ରୀଡ଼ାବିତ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ମେୟର ସୁବାସ ଚନ୍ଦ୍ର ସିଂହ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବି. ପରମେଶ୍ୱରନ, ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ଡିସିପି ଖିଲାରି ରିଷିକେଶ ଦ୍ୟାନଦେଓ, ସିଏମସି କମିସନର ଅନାମ ଚରଣ ପାତ୍ର, ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଶୋଭାଯାତ୍ରା ପୂର୍ବରୁ ରାଜ୍ୟପାଳ ନେତାଜୀ ସଂଗ୍ରହାଳୟ ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସଂଗ୍ରହାଳୟ ବୁଲି ଦେଖିଥିଲେ। ଏହାପରେ ଜିଲାପାଳ କାର୍ଯ୍ୟାଳୟର ନୂତନ ସମ୍ମେଳନ କକ୍ଷରେ କଟକ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ବିଭାଗୀୟ ଅଧିକାରୀ ଏବଂ ସମସ୍ତ ଲୋକ ପ୍ରତିନିଧିଙ୍କ ସହ ସମୀକ୍ଷା କରିଥିଲେ। ନୌବାଣିଜ୍ୟ ସଂଗ୍ରହାଳୟଠାରେ ମୁଦ୍ରା ଯୋଜନାର ହିତାଧିକାରୀମାନଙ୍କ ସହିତ ଆଲୋଚନା ସହ ରାଜ୍ୟପାଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଅଧୀନରେ ଉପକୃତ ହୋଇଥିବା ହିତାଧିକାରୀ ବିଡ଼ାନାସୀ ଗୋପାଳସାହିର ପୁଷ୍ପଲତା ଶାସମଲ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧୀନରେ ଉପକୃତ ହୋଇଥିବା ହିତାଧିକାରୀ ସାନ ମୁଣ୍ଡୁଳିର ମଇନା ସାହୁଙ୍କ ଗୃହ ପରିଦର୍ଶନ କରିଥିଲେ।

# ମୂଷାନଈ ଦଳ ସଫାରେ କୋଟି କୋଟି ଟଙ୍କା ହରିଲୁଟ

## ଡ୍ରେନେଜ ଓ ଓବିସିସି ହାତ ଟେକି ବସିଛନ୍ତି

ପୁରୀ,୧୬/୫-ବିଶ୍ୱସ୍ତରୀୟ ସହର ହେବ ଶ୍ରୀକ୍ଷେତ୍ର । ଭାଟିକାନ ସିଟି ପରି ରାସ୍ତାଘାଟ ଓ ରଙ୍ଗୀନ ଆଲୋକରେ ପୁରୀ ସହର ଚକଚକ କରିବ । ବିଦେଶୀ ପର୍ଯ୍ୟଟକ ସମୁଦ୍ରକୂଳେ ଏୟାରପୋର୍ଟରେ ଅବତରଣ କରିବେ । ଏହିସବୁ ପ୍ରସଙ୍ଗ କାନକୁ, ଟିଭି ପାଇଁ ଓ ଖବରକାଗଜ ପାଇଁ ସୁନ୍ଦର ଜଣାପଡୁଥିଲେ ମଧ୍ୟ ପକୃତପକ୍ଷେ ପୁରୀ ସହରର ସେତିକି ଉନ୍ନତି ହୋଇପାରିନାହିଁ । ଗାଁ ପରିମଳ ଧୋବା ତୁଠରୁ ପରି ସହରର ପରିମଳ ଅଠରନଳା ଦେଖି ପର୍ଯ୍ୟଟକ ଜାଣି ପାରୁଛନ୍ତି । ହରେକୃଷ୍ଣପୁର ଜେଲ ରୋଡ ରାସ୍ତା ୮୦ ଫୁଟିଆ ଥିବାବେଳେ ଅଠରନଳା ବ୍ରିଜଟି ୨୦ ଫୁଟିଆ । କୁମ୍ଭାରପଡା ଥାନା ପଛପଟେ ମୂଷାନଈ ଉପରେ ବଡ ବ୍ରିଜ ନିର୍ମାଣ ହୋଇପାରିନାହିଁ । ମୂଷାନଦୀର ହୁଲୁହୁଲିଆ ପୋଲ ଠାରୁ ଅଠରନଳା ବ୍ରିଜ ପର୍ଯ୍ୟନ୍ତ ଦଳ ସଫା କରିବା ନାମରେ କୋଟି କୋଟି ଟଙ୍କା ହରିଲୁଟ ହୋଇଥିବା ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି । ଦଳକଢା, ଡ୍ରେନ ନିର୍ମାଣ, ଷ୍ଟିଲ ରେଲିଂ, ଡ୍ରେନ ଉପରେ ପାଦଚଲା ରାସ୍ତା ଓ ଗରୁଡ ମୂର୍ତି ନିକଟ ଉର୍ନ୍ନତିକରଣରେ ଯେତିକି ଟଙ୍କା ଖର୍ଚ୍ଚ ହୋଇଛି ତାହା ଗୋଟିଏ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିନାହିଁ । ଗରୁଡ ନିକଟରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ରହିଛି । ସେଠାରେ ପଡିଥିବା ଫ୍ଲେବର ଇଟା କଢାଯାଇ ଏବେ ଗ୍ରାନାଇଟ ପଡୁଛି । ଉପର ଚକଚକ ଦେଖାଯାଉଥିଲେ ମଧ୍ୟ ନଦୀ ଶଯ୍ୟା ଦଳ ଘାସରେ ପରିପୂର୍ଣ୍ଣ ହୋଇଥିବାରୁ ଏହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁନାହିଁ । ସାରୁ ଗଛ,ଗବ ଗଛ, ଲାଜକୁଳୀ ଲତା, ପୋକ ସୁଙ୍ଘା ଗଛ, ବିଛୁଆତି ଗଛ,ପାଣି ଘାସ,କଲିକତି ଦଳ, ଚିଙ୍ଗୁଡିଆ ଦଳ ଭର୍ତି ହୋଇଥିବାରୁ ଡ୍ରେନେଜ ବିଭାଗ କିମ୍ବା ଓବିସିସି ଏହାକୁ ସଫା ନକରି ପର୍ଯ୍ୟଟକ ପହଁରିବା ପାଇଁ ସୁଇମିଙ୍ଗପୁଲ ଖୋଳିବାରେ ଓବିସିସି ଲାଗି ପଡିଛି । ମୂଷାନଦୀର ଦୁଇପାର୍ଶ୍ୱ ସୁଦୃଢ ନଦୀବନ୍ଧ ନଥିବାରୁ ସେଠାରେ ବସ୍ତି ଗଢି ଉଠିଲାଣି । ନଦୀ ଭିତରେ ନଡିଆ ଗଛ, କଦଳୀ ଗଛ ଓ ଚାକୁଣ୍ଡା ଗଛ ଲଗାଇ ସ୍ଥାୟୀ ବାସଗୃହ କରି ରହିଲେଣି । ନଦୀବନ୍ଧ ପାର୍ଶ୍ୱରୁ ବସ୍ତି ଉଠାଇବା ପାଇଁ ବହୁଥର ଉଦ୍ୟମ କରି ପ୍ରଶାସନ ଫେଲ ମାରିଛି । ସହରର ଆବର୍ଜନା ପାଣି ସ୍ୱରେଜ ଓ ଡ୍ରେନେଜ ନାଳ ଦେଇ ମୂଷାନଦୀରେ ମିଶୁଛି । ଏହାର ଦୁର୍ଗନ୍ଧରେ ପର୍ଯ୍ୟଟକ ନାକରେ ରୁମାଲୁ ଦେଇ ଯାଆଆସ କରୁଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ନଦୀ ଶଯ୍ୟାରେ ଥିବା କଲିକତି ଦଳ ବର୍ଗ ଗୁଣନ ଅନୁପାତ ପରି ବଢି ଚାଲିଛି । ଦଳ କିଛି ଶୁଣୁନାହିଁ । ଔଷଧ ପଡିଲା ଦଳ ମଲା ନାହିଁ । ପଙ୍କରୁ ଦଳକଢା ଶ୍ରମିକ ଜାଲରେ ଦଳକାଢି ରାସ୍ତା ଉପରେ ଗଦା କଲେ ତାହା ମରିଲା ନାହିଁ । ପଙ୍କ କଢା ଜାହାଜ ମେସିନ ପଙ୍କ ଦଳ ପାଣି ଫେଣ୍ଟି ଦି ଫୁଟିଆ ପାଇପ ଯୋଗେ ଗୋଟେ କିଲୋମିଟର ଦୂରରେ ଗଦା କଲା । ଭାବିଲା ଆଉ ଦଳ ହେବ ନାହିଁ । କିନ୍ତୁ ବର୍ଷା ଦିନେ ଯେତିକି ଦଳ ଥିଲା ସେତିକି ପୂର୍ଣ୍ଣ ହୋଇଗଲା । ଦଳ ଠିକାଦାରଙ୍କ ପାଇଁ ଆଶୀର୍ବାଦ ପାଲଟିଛି । ଦଳ କାଢିବା ନାମରେ ବାରମ୍ବାର ବିଲ୍ କରାଯାଉଛି । ମୂଷାନଦୀର ବନ୍ଧ ନାହିଁକି ପାଣି ନାହିଁ । ଉର୍ନ୍ନତିକରଣ ନାମରେ ଟଙ୍କା ଖର୍ଚ୍ଚ ହେଉଛି ଘାଇଁ ଘାଇଁ ବୋଲି ଜଣେ ସ୍ଥାନୀୟ ବାସିନ୍ଦା କହିଥିଲେ । ତୁମ୍ବାକୃତି ଅଧରହାଣ୍ଡି ପରି ସ୍ୱରେଜର ଟାଙ୍କି ଉପରକୁ ଚାହିଁ ରହିଥିବା ବେଳେ ତଳେ ଭସ ଭସ ପାଣି ଯାଉଛି । ମୂଷାନଈରେ ମୂଷା ଓ ମଶାଙ୍କ ପାର୍ଦୁର୍ଭାବ ବଢିଯାଇଛି । ସକାଳେ ଓ ସଂଧ୍ୟାରେ ସ୍ଥାନୀୟ ମହିଳା ମାନେ ନାକରେ ଲୁଗା ଦେଇ ପାଦଚଲା ରାସ୍ତାରେ ଚାଲୁଛନ୍ତି । ନୂଆ ସରକାର ପୁରୀକୁ ନୂଆ ରୂପରେ ଦେଖିବା ପାଇଁ ମୂଷାନଦୀ ଉର୍ନ୍ନତିକରଣକୁ ଯୁଦ୍ଧକାଳୀନ ଭିତ୍ତିରେ ନଦୀବନ୍ଧ ନିର୍ମାଣ କରିବାକୁ ପୁରୀବାସୀ ମାନେ ଅନୁରୋଧ କରିଛନ୍ତି ।



PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ